

ଆଲିଆ ନେଇଛନ୍ତି ୨୫ କୋଟି


▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-09 ◆FRIDAY ◆03 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୯ ◆ଶୁକ୍ରବାର ◆୦୩ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## 'ମିଶନ ଆଗମନ'ର ମହାକାଶ ଯାତ୍ରାରେ 'ବିକ୍ରମ-୧'



■ ଶ୍ରୀହରିକୋଟା, ୨।୭ (ଏଜେନ୍ସି): ଭାରତର ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ନୂଆ ଇତିହାସ ରଚିବାକୁ ଯାଉଛି। ଦେଶର ପ୍ରଥମ ସମ୍ପୂର୍ଣ୍ଣ ଘରୋଇ ଜ୍ଞାନକୌଶଳରେ ନିର୍ମିତ କକ୍ଷପଥ ରକେଟ୍ 'ବିକ୍ରମ-୧' ନିଜର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ପାଇଁ ପ୍ରସ୍ତୁତ ହୋଇଛି। ହାଇଦ୍ରାବାଦର ମହାକାଶ ଷ୍ଟାର୍ଟଅପ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେସ୍' ଦ୍ୱାରା ନିର୍ମିତ ଏହି ରକେଟ୍ ଜୁଲାଇ ୧୨ ରୁ ଅଗଷ୍ଟ ୪ ମଧ୍ୟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବ। ଏହି ଅଭିଯାନର ନାମ 'ମିଶନ ଆଗମନ' ରଖାଯାଇଛି। ଏହି ରକେଟ୍‌ଟି ସମ୍ପୂର୍ଣ୍ଣ ଭାବେ ଭାରତରେ ପ୍ରସ୍ତୁତ କରାଯାଇଛି। ଏହାର ବାହ୍ୟ ଗଠନ କାର୍ବନ କମ୍ପୋଜିଟ୍‌ରେ ତିଆରି ହୋଇଥିବା ବେଳେ ଏଥିରେ ସଲିଡ୍ ଫ୍ୟୁଏଲ୍ ବୁଷ୍ଟର ଏବଂ ୩ଡି-ପ୍ରିଣ୍ଟେଡ୍ ତରଳ ଇନ୍ଧନ ଇଞ୍ଜିନର ବ୍ୟବହାର କରାଯାଇଛି। ବିଶେଷ କରି ଛୋଟ ଛୋଟ ଉପଗ୍ରହଗୁଡ଼ିକୁ ମହାକାଶକୁ ପଠାଇବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହା ପୃଥିବୀର ନିମ୍ନ କକ୍ଷପଥ (ଏଲ୍‌ଇଓ) କୁ ୩୫୦ କିଲୋଗ୍ରାମ ଏବଂ ସୂର୍ଯ୍ୟ-ସମକାଳୀନ କକ୍ଷପଥ (ଏସ୍‌ଏସ୍‌ଓ) କୁ ୨୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉପଗ୍ରହ ନେଇ ଯାଇପାରିବ। ଏହି ରକେଟ୍‌କୁ ଚଳାଇବା ପାଇଁ କୌଣସି ▶ପୃଷ୍ଠା-୭

## ଡ. ଜଗନ୍ନାଥ ନାୟକ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସ ମହାନିର୍ଦ୍ଦେଶକ



ଡିଆର୍‌ଡିଓର ପ୍ରମୁଖ ପଦବୀରେ ଓଡ଼ିଆ

■ ଭୁବନେଶ୍ୱର, ୨।୭(ସମିସ): ଓଡ଼ିଶା ପାଇଁ ଆଉ ଏକ ଗୌରବର ମୁହୂର୍ତ୍ତ। ଜଗତସିଂହପୁର ଜିଲ୍ଲା ଅରଖକୁଦ ଗ୍ରାମରେ ଜନ୍ମିତ ବିଶିଷ୍ଟ ବୈଜ୍ଞାନିକ ଡ. ଜଗନ୍ନାଥ ନାୟକ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ରେ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସର ମହାନିର୍ଦ୍ଦେଶକ (ଡିଜି) ପଦରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ଡ. ନାୟକ ହାଇଦ୍ରାବାଦସ୍ଥିତ 'ସେଣ୍ଟର ଫର୍ ହାଇ ଏନର୍ଜି ସିଷ୍ଟମ୍ସ ଆଣ୍ଡ ସାଇନ୍ସ (ସିଏଚ୍‌ଇଏସ୍‌ଏସ୍)'ର ନିର୍ଦ୍ଦେଶକ ଥିଲେ। ଡିଆର୍‌ଡିଓରେ ତାଙ୍କର ୩୫ ବର୍ଷର ଅଭିଜ୍ଞତା ରହିଥିବାବେଳେ ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ସ୍ୱଦେଶୀ ଏଭିଓନିକ୍ସ ପ୍ରଯୁକ୍ତିର ବିକାଶରେ ସେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସିଏଚ୍‌ଇଏସ୍‌ଏସ୍‌ର ନିର୍ଦ୍ଦେଶକ ଥିବା ସମୟରେ ତାଙ୍କ ନେତୃତ୍ୱରେ ଭାରତର ପ୍ରଥମ ଡାଇରେକ୍ଟେଡ୍ ଏନର୍ଜି ୱେପନ୍ (ଡିଇଡବ୍ଲ୍ୟୁ) ପ୍ରଣାଳୀର ବିକାଶ ଓ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଥିଲା। ସେହିପରି ରିସର୍ଚ୍ଚ ସେଣ୍ଟର ଇମାରତ୍ (ଆର୍‌ସିଆଇ)ରେ କାର୍ଯ୍ୟରତ ଥିବାବେଳେ ଆକାଶ କ୍ଷେପଣାସ୍ତ୍ର ପାଇଁ ସ୍ୱଦେଶୀ ଫାଇବର୍ ଅପ୍ଟିକ୍ ଜାଇରୋସ୍କୋପ୍ (ଏଫ୍‌ଓଜି) ଆଧାରିତ ଗାଇଡେନ୍ସ ସିଷ୍ଟମ୍ ଏବଂ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତି ବିକାଶରେ ସେ ନେତୃତ୍ୱ ନେଇଥିଲେ। ଡ. ନାୟକଙ୍କ ୧୨୫ରୁ ଅଧିକ ଗବେଷଣା ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ▶ପୃଷ୍ଠା-୭

### ଆଦାନୀ-ଆଇଏଚ୍‌ସି ନିବେଶ କରିବେ ୧.୧ଲକ୍ଷ କୋଟି

# ଦେଶର ଆଲୁମିନିୟମ ପେଣ୍ଟ ହେବ ଓଡ଼ିଶା



ଶିଳ୍ପାୟନର ଧାରାକୁ ସୁଦୃଢ଼ କରିବ ଏହି ପ୍ରକଳ୍ପ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨।୭ (ସମିସ): ଓଡ଼ିଶା ହେବ ଦେଶର ଆଲୁମିନିୟମ ପେଣ୍ଟ। ଆଦାନୀ-ଆଇଏଚ୍‌ସି ଯୌଥ ଉଦ୍ୟୋଗ ଓଡ଼ିଶାରେ ୧.୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଗୁରୁବାର ସ୍ଥାନୀୟ ଲୋକସେବା ଭବନରେ ଏଥିନେଇ 'ଇପିକଲ୍' ଓ ୟୁଏଇର ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି ଗ୍ରୁପ୍) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଚୁକ୍ତିନାମା। ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କ ନିମନ୍ତେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି। ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ସେ ଦୃଢ଼ ଆଶା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଂ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ। ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ବର୍ତ୍ତମାନ 'ଗ୍ରୀନ୍ ମେଟାଲ୍ସ' ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି। ଏ ଦିଗରେ ଓଡ଼ିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଆଇଏଚସିର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର ପିଟର ଆବ୍ରାମ କହିଥିଲେ ଯେ ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ। ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ। ଏହି ଅବସରରେ ଆଦାନୀ ପୋର୍ଟସ୍ ଆଣ୍ଡ ଏସଇଜେଡ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ▶ପୃଷ୍ଠା-୭

## ନ୍ୟାୟିକ ପ୍ରକ୍ରିୟାରେ ଏଆଇ ଅଦୃଶ୍ୟ, ଭୟଙ୍କର: ସୁପ୍ରିମ୍‌କୋର୍ଟ

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅନିୟନ୍ତ୍ରିତ ବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏକ ମାମଲାରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ପୂର୍ବ ନଜିର (ପ୍ରେସିଡେଣ୍ଟ) ଉପରେ ଭରସା କରି ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ୍ ଦେଇଥିବା ଏକ ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। 'ଏସେଲ୍ ଇନଫ୍ରାପ୍ରୋଜେକ୍ଟସ'ର ଦେବାଳିଆ ମାମଲାରେ ଏନସିଏଲଟି'ର ମୁମ୍ବାଇ ବେଞ୍ଚ ଏଭଳି କେତେକ ଆଇନଗତ ନଜିର ଉପରେ ନିର୍ଭର କରିଥିଲା, ଯାହାର ବାସ୍ତବରେ କୌଣସି ଅସ୍ତିତ୍ୱ ହିଁ ନାହିଁ। ଏହିସବୁ ଭ୍ରମାତ୍ମକ ତଥ୍ୟ ଏଆଇ ଟୁଲ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଜଷ୍ଟିସ ପି.ଏସ. ନରସିଂହ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ପ୍ରକ୍ରିୟାକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, "ଆଇନ ଜଗତରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ତଥ୍ୟର ବ୍ୟବହାର ହେଉଛି ମିଥାଇଲ୍ ଆଇସୋସାଇନେଟ୍ ଗ୍ୟାସ ନିର୍ଗତ ହେବା ପରି। ଏହା ଅଦୃଶ୍ୟ, କପଟପୂର୍ଣ୍ଣ ଏବଂ ବିପଜ୍ଜନକ। ଏହା ଉପରେ ନଜର ପଡ଼ିବା ବେଳକୁ ଏହା କେବଳ ବ୍ୟବସ୍ଥାକୁ ପ୍ରଦୂଷିତ କରିନଥାଏ, ବରଂ ନ୍ୟାୟିକ ନିଷ୍ପତ୍ତିର





ମୂଳଦୁଆକୁ ଉଜାଡ଼ି ଦେଇଥାଏ।' କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନ୍ୟାୟିକ ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇପାରେ, କିନ୍ତୁ ପ୍ରତ୍ୟେକ ସ୍ତରରେ ମଣିଷର ସମ୍ପୂର୍ଣ୍ଣ ଓ ଚୂଡ଼ାନ୍ତ ନିୟନ୍ତ୍ରଣ ରହିବା ଆବଶ୍ୟକ। ଏଆଇ ଉପରେ ଅତ୍ୟଧିକ ନିର୍ଭରଶୀଳତା ମଣିଷର ଚିନ୍ତାଧାରା ଓ ବିଚାର ଶକ୍ତିକୁ କ୍ଷତି ପହଞ୍ଚାଉଛି। ଜାମ୍ମୁ ଆଣ୍ଡ କାଶ୍ମୀର ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ଦାୟର ହୋଇଥିବା ୮୭.୪୩ କୋଟି ଟଙ୍କାର ଋଣ ଖିଲାପି ମାମଲାରେ ଏନସିଏଲଟି ଏସେଲ୍ ଇନଫ୍ରାପ୍ରୋଜେକ୍ଟସ ବିରୋଧରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଏନସିଏଲଏଟି ମଧ୍ୟ କାଏମ ରଖିଥିଲା। ଏହି ▶ପୃଷ୍ଠା-୭

### ବଙ୍ଗୋପସାଗରରେ ଲଘୁଚାପ

## ମୌସୁମୀ ସକ୍ରିୟ; ବଢ଼ିଲା ବର୍ଷା



୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ପ୍ରବଳ ବର୍ଷା ଚେତାବନୀ

■ ଭୁବନେଶ୍ୱର, ୨।୭ (ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ପ୍ରଥମ ଲଘୁଚାପ। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଗୁରୁବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ଉତ୍ତର ଓଡିଶା-ପଶ୍ଚିମବଙ୍ଗ ଉପକୂଳରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଥିବା ବେଳେ ଏହା ଆଗାମୀ ୨-୩ ଦିନ ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଲଗାଣ ବର୍ଷା ଆରମ୍ଭ ହୋଇଛି। ମୁଖ୍ୟତଃ ଲଘୁଚାପ ଯୋଗୁଁ ମୌସୁମୀ ସକ୍ରିୟ ହେବା ସହ ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ଏହି କ୍ରମରେ ବୁଧବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ। ଏହି ସମୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ଅନେକ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଶୁକ୍ରବାର ଦିନ କୋରାପୁଟ ଓ ମାଲକାନଗିରିରେ ସର୍ବାଧିକ ବର୍ଷା ଆଶଙ୍କା ରହିଥିବା ବେଳେ ଏଠାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ରହିଛି। ▶ପୃଷ୍ଠା-୭

### ରାଜ୍ୟ ବିଜେପିରେ ହଲ୍‌ଚଲ୍

## ଆସିବେନି ଶାହା; ଦିଲ୍ଲୀ ଗଲେ ମୋହନ

ମନମୋହନଙ୍କୁ ଦିଲ୍ଲୀ ଡକରା, ଚର୍ଚ୍ଚା ବଢ଼ାଇଲା ସୁରେଶଙ୍କ ମନ୍ତବ୍ୟ

ଦିଲ୍ଲୀରେ ଏସ୍‌ଆଇଆର୍ ଆଲୋଚନା, ମାସ ଶେଷରେ ନିଗମ ନିଯୁକ୍ତି

■ ଭୁବନେଶ୍ୱର, ୨।୭ (ସମିସ): ରାଜ୍ୟ ବିଜେପିରେ ଅକସ୍ମାତ ଆରମ୍ଭ ହୋଇଛି ହଲଚଲ୍। ଗତ ତିନି ଚାରିଦିନର ଘଟଣାକ୍ରମକୁ ଦେଖିଲେ ବିଜେପିରେ କିଛି ଗୋଟାଏ ହେବାକୁ ଯାଉଛି। ନିଗମ ଓ ବୋର୍ଡ଼ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇହୋଇ ଏହି ପ୍ରସଙ୍ଗ ଗୁରୁତ୍ୱ ହରାଇ ସାରିଲାଣି। ଆଶାୟୀଙ୍କ ଆଖିରୁ ପାଣି ମଲାଣି, ଅନେକ ନେତା ନିରାଶ ହୋଇ ନିରବ ହୋଇ ଗଲେଣି; ମାତ୍ର ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହାଙ୍କ ୪ ତାରିଖରେ ପ୍ରସ୍ତାବିତ ଓଡ଼ିଶା ଗସ୍ତ ବାତିଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅକସ୍ମାତ ଦିଲ୍ଲୀ ଗସ୍ତ ଘଟିବାକୁ ଥିବା ଅନେକ କିଛି ଘଟଣାକୁ ଇଙ୍ଗିତ କରିଛି। ପୁଣି ନିକଟରେ ଦିଲ୍ଲୀରୁ ଫେରିଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପୁନର୍ବାର ଦିଲ୍ଲୀ ଡ଼କରା ରାଜ୍ୟରେ ସୃଷ୍ଟି କରିଥିବା କଳ୍ପନାଜଳ୍ପନାକୁ ଅଧିକ ବଳ ଦେଇଛି। ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ନିକଟରେ ଦିଲ୍ଲୀରୁ ଫେରିଥିଲେ; ମାତ୍ର ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପହଞ୍ଚୁ ପହଞ୍ଚୁ ପୁଣି ଶ୍ରୀ ସାମଲଙ୍କୁ ଦିଲ୍ଲୀରୁ ଡ଼କରା ଆସିଛି। ସେଠାରେ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଓ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କୁ ଭେଟିବେ ବୋଲି ସୂଚନା ମିଳିଛି।

ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟସଭାପତିଙ୍କ ଦିଲ୍ଲୀ ଗସ୍ତ ପୁଣିଥରେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ନିଯୁକ୍ତି ଚର୍ଚ୍ଚାକୁ ସରଗରମ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ଗତ ୨ ବର୍ଷ ମଧ୍ୟରେ ଅନେକବାର ଦିଲ୍ଲୀ ଗସ୍ତ କରିଛନ୍ତି ଓ ସବୁ ସମୟରେ ରାଜ୍ୟରେ ନିଗମ ନିଯୁକ୍ତି ଚର୍ଚ୍ଚା ହୋଇ ଆସିଛି। ତେବେ ଏଥର ପରିସ୍ଥିତି ସାମାନ୍ୟ ଭିନ୍ନ ରହିଛି। ୨୦ ତାରିଖରେ ସମ୍ଭବତଃ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ ଓ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କୁହାଯାଉଛି। ତେଣୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ▶ପୃଷ୍ଠା-୭

### ରାମ ମନ୍ଦିର ଦାନ ଚୋରି

## ଚୁଲିବ ବୁଲ୍‌ଡୋଜର

■ ଅଯୋଧ୍ୟା,୨।୭(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ପାଣ୍ଠି ଚୋରି ମାମଲାର ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ରଙ୍କ ସମ୍ପତ୍ତି ଉପରେ ବର୍ତ୍ତମାନ ଯୋଗୀ ସରକାରଙ୍କ ବୁଲଡୋଜର କାର୍ଯ୍ୟାନୁଷ୍ଠାନର ଭୟ ଘନେଇଛି। ଅଯୋଧ୍ୟାର ଶାହାଦତ ଗଞ୍ଜ ଅଞ୍ଚଳରେ ଲବକୁଶଙ୍କ ପତ୍ନୀ ସୁପ୍ରିୟାଙ୍କ ନାମରେ ନିର୍ମାଣାଧୀନ ଥିବା ଏକ ୩ ମହଲା ବିଶିଷ୍ଟ ଆଲିଶାନ କୋଠାକୁ ନେଇ ଅଯୋଧ୍ୟା ବିକାଶ ପ୍ରାଧିକରଣ (ଏଡିଏ) ପକ୍ଷରୁ ଏକ ନୋଟିସ ଜାରି କରାଯାଇଛି। ସାତ ଦିନ ମଧ୍ୟରେ ଉପଯୁକ୍ତ କାଗଜପତ୍ର ସହ ଜବାବ ନରଖିଲେ ଏହି ବେଆଇନ କୋଠାକୁ ଭାଙ୍ଗି ଦିଆଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି। ମାତ୍ର ୨୦,୦୦୦ ଟଙ୍କା ମାସିକ ଦରମା ପାଉଥିବା ଲବକୁଶ ଅକ୍ଟୋବର ୨୦୨୫ ରେ ପ୍ରାୟ ୨୫ ଲକ୍ଷ ଟଙ୍କାରେ ଏହି ଜମି କିଣିଥିଲେ ଏବଂ ଏହା ଉପରେ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲିଫ୍ଟ ସୁବିଧା ଥିବା କୋଠା ତିଆରି କରୁଥିଲେ। ଜମି ଓ ନିର୍ମାଣ ମିଶାଇ ଏହି ସମ୍ପତ୍ତିର ମୂଲ୍ୟ ▶ପୃଷ୍ଠା-୭



### ୬ ସପ୍ତାହ ଧରି ହ୍ରାସ ପାଉଛି ଅଶୋଧିତ ତୈଳ

## ତେଲ ଦର କମାଇବାକୁ ସରକାର ଅରାଜି





ମେ' ମାସରେ ୪ ଥରରେ ୧୦ ଟଙ୍କା ବଢ଼ିଛି ତୈଳ ଦର

ମୂଲ୍ୟ ବଢ଼ାଇନାହୁଁ; କମାଇବୁ କାହିଁକି: ପେଟ୍ରୋଲିୟମ୍ ମନ୍ତ୍ରୀ

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପଶ୍ଚିମ ଏସିଆରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ସମ୍ପ୍ରତି ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଯୁଦ୍ଧ ପୂର୍ବ ସ୍ଥିତିକୁ ଅଶୋଧିତ ତୈଳ ଦର ଫେରିଛି ଓ ବ୍ୟାରେଲ ପାଖାପାଖି ୭୦ ଡ଼ଲାରରେ ପହଞ୍ଚିଛି। ତୈଳ ଦର ହ୍ରାସ ପରେ ପାକିସ୍ତାନ, ଶ୍ରୀଲଙ୍କାରେ ତେଲ ଦର କମିଛି। ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ଼ ଟ୍ରମ୍ପ ମଧ୍ୟ ବିଭିନ୍ନ ଦେଶକୁ ତୈଳ ଦର ହ୍ରାସ ପାଇଁ ଆହ୍ୱାନ ଜଣାଇଛନ୍ତି। କୌତୂହଳର କଥା ହେଉଛି ଭାରତରୁ ପେଟ୍ରୋଲ ଓ ଡ଼ିଜେଲ ଆମଦାନୀ କରୁଥିବା ନେପାଳରେ ତୈଳ ଦର ୧୭% କମି ସାରିଛି। ଦିନକ ତଳେ ଘରୋଇ ତୈଳ କମ୍ପାନୀ ନାୟରା ତେଲ ଦର ୩ ଟଙ୍କାରୁ ୫ ଟଙ୍କା କମାଇଛି। ମାତ୍ର ଦେଶରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀମାନେ ତେଲ ଦର କମାଉ ନାହାନ୍ତି କିମ୍ବା କେନ୍ଦ୍ର ସରକାର ଏ ସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁନାହାନ୍ତି। ଯୁଦ୍ଧ ଆରମ୍ଭ ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ଗତ ମେ ମାସରେ ୪ ପର୍ଯ୍ୟାୟରେ ଲିଟର ପିଛା ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମାତ୍ର ତେଲ ଦର କମିବା ପରେ ପେଟ୍ରୋଲ ଓ ଡ଼ିଜେଲ ମୂଲ୍ୟ କମାଇବାକୁ ସେମାନେ ରାଜି ନୁହନ୍ତି। ଏହି ସମୟରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀଙ୍କ ଅଜବ ଯୁକ୍ତି ଦେଶବାସୀଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି। ଶ୍ରୀ ପୁରୀ କହିଛନ୍ତି ଯେ, ଯେତେବେଳେ ଭାରତରେ ତୈଳ ମୂଲ୍ୟ ବୃଦ୍ଧି ପାଇନାହିଁ, ତେବେ ମୂଲ୍ୟ ହ୍ରାସ ବିଷୟରେ କାହିଁକି ଆଲୋଚନା ହେଉଛି।

ଗୁରୁବାର ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ପେଟ୍ରୋଲିୟମ କହିଛନ୍ତି ଯେ ହରମୁଜ୍ ସଙ୍କଟ ସମୟରେ ▶ପୃଷ୍ଠା-୭

# ପଖାଳଖିଆ ଖର୍ଚ୍ଚ ୨ କୋଟି ୩୨ ଲକ୍ଷ

### ଇଭେଣ୍ଟ କମ୍ପାନୀ ନେଇଛି ୮୫ ଲକ୍ଷ ଟଙ୍କା



- ୨.୭ ଲକ୍ଷ ଟଙ୍କାରେ ଆସିଛି କଂସାବାସନ
- ମାଟି ବେଲା, ଥାଳି ପାଇଁ ୧.୫ ଲକ୍ଷ ବ୍ୟୟ
- ବିମାନ ଭଡ଼ା, ହୋଟେଲ୍ ଖର୍ଚ୍ଚ ୫ ଲକ୍ଷ ଟଙ୍କା

■ ଭୁବନେଶ୍ୱର, ୨।୭ (ସମିସ): ଗତ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜନ ହୋଇଥିଲା ପଖାଳ ପର୍ବ। ମାତ୍ର ଏବେ ଏହି ପଖାଳ ପର୍ବ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଛି। କାର୍ଯ୍ୟକ୍ରମ ଆୟୋଜନ, ମନ୍ତ୍ରୀ ଓ ଅଧିକାରୀଙ୍କ ପଖାଳ ଖିଆ ବାବଦରେ ଖର୍ଚ୍ଚ ହୋଇଥିବା ବିପୁଳ ବ୍ୟୟକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କୌତୂହଳର କଥା ହେଉଛି ଓଡ଼ିଆ ଲୋକମାନେ ଦୈନନ୍ଦିନ ପଖାଳ ଖାଉଥିବାବେଳେ ଆୟୋଜକ ପର୍ଯ୍ୟଟନ ବିଭାଗ ପଖାଳ ପର୍ବ ପାଳନ ପାଇଁ ଖର୍ଚ୍ଚ କରିଛି ୨ କୋଟି ୩୨ ଲକ୍ଷ ଟଙ୍କା। ଏହି ଅର୍ଥ ରାଜ୍ୟ ତହବିଲରୁ ବ୍ୟୟ ହୋଇଛି। ପୁଣି ପଖାଳ ପର୍ବରେ ପଖାଳ ପ୍ରସ୍ତୁତି ପାଇଁ ରାଜ୍ୟ ବାହାରୁ ସେଫ୍ ବା ରୋଷେଇଆମାନଙ୍କୁ ଡ଼କାଯାଇଥିବା ଓ ସେମାନଙ୍କ ବିମାନ ଭଡ଼ା, ହୋଟେଲ ରହଣି ପାଇଁ ପାଞ୍ଚ ଲକ୍ଷ ବ୍ୟୟ କରାଯାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ଆୟୋଜନ ବାବଦକୁ ଓଡ଼ିଶା ଟୁରିଜମ୍ ଡେଭଲପମେଣ୍ଟ କର୍ପୋରେସନ୍ (ଓଟିଡିସି) କୁ ୧,୫୪,୦୩,୯୪୦ ଟଙ୍କା ପଇଠ କରାଯାଇଛି ଓ ଇଭେଣ୍ଟ ମ୍ୟାନେଜମେଣ୍ଟ ଏଜେନ୍ସି କଲର ପ୍ଲସ୍‌କୁ ୭୭,୮୮,୧୭୭ ଟଙ୍କା ଦିଆଯାଇଛି। ଏପରିକି ପଖାଳ ଦିବସରେ ପାଳନରେ ସୁପରଭିଜନ ଖର୍ଚ୍ଚ ବାବଦରେ ୬.୬ ଲକ୍ଷ ଟଙ୍କା ପଇଠ କରାଯାଇଛି। ପୁଣି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ଫି ବାବଦକୁ ପର୍ଯ୍ୟଟନ ବିଭାଗ ୩୧.୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ସେଫ୍ (ରୋଷେଇଆ) ମାନଙ୍କ ପାଇଁ ସ୍ମାରକ, ଅନ୍ୟାନ୍ୟ ଫର୍ଚ୍ଚ, ବିମାନ ଭଡ଼ା ଓ ହୋଟେଲ ରହଣି ବାବଦକୁ ମଧ୍ୟ ଲକ୍ଷ ▶ପୃଷ୍ଠା-୭

## ପାକିସ୍ତାନରେ କୋଚିଂ ସେଣ୍ଟର ଛାତ ଭୁଶୁଡ଼ି ୧୪ ଶିଶୁ ମୃତ

ଲାହୋର,୨।୭(ଏଜେନ୍ସି): ପାକିସ୍ତାନର ଲାହୋର ସହରରେ ଏକ କୋଚିଂ ସେଣ୍ଟରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ୧୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଗୁରୁତର ଆହତ ହୋଇଛନ୍ତି। ଲାହୋରର ଏକ ପୁରୁଣା ଆବାସିକ ବିଲ୍ଡିଂରେ ଏହି ଟ୍ୟୁସନ ସେଣ୍ଟରଟି ଚାଲିଥିଲା। ପୁଲିସ ଅନୁଯାୟୀ, ମୃତ ଶ୍ରମିକ ଓ ଶିଶୁଙ୍କ ବୟସ ୫ ରୁ ୧୬ ବର୍ଷ ମଧ୍ୟରେ ଥିଲା, ଯେଉଁଥିରେ ଅଧିକାଂଶଙ୍କ ବୟସ ୯ ବର୍ଷରୁ କମ୍। ଭଙ୍ଗା ଛାତ ତଳୁ ଜଣେ ୩୦ ବର୍ଷୀୟା ମହିଳା ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଜୀବନ୍ତ ଉଦ୍ଧାର କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହି ଟ୍ୟୁସନ ସେଣ୍ଟରଟି ବେଆଇନ ଏବଂ ଅଣପଞ୍ଜିକୃତ ଭାବେ ଏକ ଜର୍ଜର କୋଠାରେ ଚାଲିଥିଲା। ଅଘଟଣ ପରେ ପୁଲିସ ଟ୍ୟୁସନ ସେଣ୍ଟରର ମାଲିକଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଛି।

### ବେଙ୍ଗାଲୁରୁରେ ଭୟାବହ ଅଘଟଣ

## ପାହାଡ଼ ଧସି ବିହାରର ୮ ଶ୍ରମିକଙ୍କ ମୃତ୍ୟୁ

ବେଙ୍ଗାଲୁରୁ, ୨।୭(ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁ ସାଉଥ୍ ତାଲୁକର ଏକ ଗ୍ରାନାଇଟ୍ ପଥର ଖାଦାନରେ ପାହାଡ଼ ଧସିଯିବା ଫଳରେ ୮ ଜଣ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଶ୍ରମିକମାନେ ମୁଖ୍ୟତଃ ବିହାରର ବୋଲି ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ କରିବା ସହ ବେଆଇନ ଖନନ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁବାର ସକାଳେ ମାଦାପଟ୍ଟନା ସ୍ଥିତ ଏକ ପଥର କ୍ରସର ସାଇଟ୍‌ରେ ଶ୍ରମିକମାନେ କାମ କରୁଥିବା ସମୟରେ ପ୍ରାୟ ୪୦ ଫୁଟ ଉପରୁ ଏକ ବିଶାଳ ପଥର ଚଟାଣ ସେମାନଙ୍କ ଉପରକୁ ଖସି ପଡ଼ିଥିଲା। ଫଳରେ ସେଠାରେ ଥିବା ଗାଡ଼ିଗୁଡ଼ିକ ଚୂରମାର ହୋଇଯିବା ସହ ଶ୍ରମିକମାନେ ଚାପି ହୋଇଯାଇଥିଲେ। ସ୍ଥାନୀୟ ବିଧାୟକ ଏସଟି ସୋମଶେଖର ଅଭିଯୋଗ କରିଛନ୍ତି ଯେ, ଏଠାରେ ଦୀର୍ଘ ଦିନରୁ ବେଆଇନ ମାଫିଆ ସକ୍ରିୟ ଅଛନ୍ତି ଏବଂ ଏଥିରେ ପୁଲିସ ଓ ମାଇନିଂ ବିଭାଗର ଅଧିକାରୀମାନେ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦୁର୍ଘଟଣା ଖଣି ଶ୍ରମିକମାନଙ୍କ ସୁରକ୍ଷା ବ୍ୟବସ୍ଥାରେ ଥିବା ବଡ଼ ତ୍ରୁଟିକୁ ପଦାରେ ପକାଇଛି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ବର୍ତ୍ତମାନ ଏହି ବେଆଇନ ଖାଦାନ ପଛରେ ଥିବା ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।

## ବୋମା ବିସ୍ଫୋରଣରେ ୫ ମୃତ

ଦାମାସ୍କସ, ୨।୭(ଏଜେନ୍ସି): ସିରିଆର ରାଜଧାନୀ ଦାମାସ୍କସରେ ଗୁରୁବାର ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସିରିଆ ସରକାରୀ ଗଣମାଧ୍ୟମର ସୂଚନା ଅନୁସାରେ, ଏହି ବିସ୍ଫୋରଣ ସ୍ଥାନୀୟ ଜଷ୍ଟିସ୍ ପ୍ୟାଲେସ୍ ନିକଟରେ ଥିବା ଏକ କାଫେ ମଧ୍ୟରେ ହୋଇଛି, ଯେଉଁଠାକୁ ସାଧାରଣତଃ ଆଇନଜୀବୀମାନେ ଯାତାୟାତ କରନ୍ତି। ବିସ୍ଫୋରଣ ପରେ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ କର୍ଡନ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଶ୍ଚର୍ଯ୍ୟଜନକ ଭାବେ, ଏହି ଆକ୍ରମଣ ସେହି ଦିନ ହିଁ ଘଟିଛି ଯେଉଁଦିନ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଲେବାନନ ଏବଂ ସିରିଆ ମଧ୍ୟରେ ବେରୁଟ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲେବାନନ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ ଏବଂ ସିରିଆ ବୈଦେଶିକ ମନ୍ତ୍ରୀ ଅସାଦ ଅଲ୍-ଶାଇବାନୀଙ୍କ ମଧ୍ୟରେ ହୋଇଥିବା ଏହି ବୈଠକରେ ଉଭୟ ଦେଶ ପରସ୍ପରର ସାର୍ବଭୌମତ୍ୱକୁ ସମ୍ମାନ ଜଣାଇବା ସହ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ସହମତି ପ୍ରକାଶ କରିଥିଲେ। ସମ୍ପର୍କ ସୁଧାରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ କହିବାର କିଛି ସମୟ ପରେ ହିଁ ଦାମାସ୍କସ ଏହି ବୋମା ବିସ୍ଫୋରଣରେ ଥରି ଉଠିଛି।

## ଆମେରିକା ମୋଟେଲରେ ଅଗ୍ନିକାଣ୍ଡ: ଗୁଜରାଟର ଗୋଟିଏ ପରିବାରର ୩ ମୃତ



ୱାସିଂଟନ, ୨।୭(ଏଜେନ୍ସି): ଆମେରିକାର ଓହିଓସ୍ଥିତ ଏକ ମୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୁଜରାଟର କେଡା ଜିଲ୍ଲା ନଦିଆଦ ଅଞ୍ଚଳର ଏକା ପରିବାରର ୩ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ହିତେଶଭାଇ ସୁଥାର, ତାଙ୍କ ପତ୍ନୀ ହିନାବେନ ଏବଂ ତାଙ୍କ ୨୦ ବର୍ଷର ଝିଅ ଇଶାନୀ। ଏହି ପରିବାର ପ୍ରାୟ ଦୁଇ ବର୍ଷ ପୂର୍ବେ ଆମେରିକାର ଓହିଓ ଅନ୍ତର୍ଗତ ୱୁଷ୍ଟରରେ ବସବାସ କରିବା ସହ ସେଠାକାର 'ଇକୋନୋ ଲଜ୍' ମୋଟେଲରେ କାମ କରୁଥିଲେ। ରାତି ପ୍ରାୟ ୧ଟା ୩୦ ମିନିଟରେ ମୋଟେଲରେ ନିଆଁ ଲାଗିଯିବା ସମୟରେ ଏହି ପରିବାର ନିଜ ରୁମ୍ ଭିତରେ ଥିଲେ। ଚତୁର୍ଦ୍ଦିଗରେ ନିଆଁ ଓ ଧୂଆଁ ବ୍ୟାପିଯିବାରୁ ସେମାନେ ବାହାରକୁ ଆସିପାରି ନଥିଲେ ଏବଂ ସାହାଯ୍ୟ ପାଇଁ ହୋଟେଲର ସମ୍ମୁଖ ଡେସ୍କକୁ ଫୋନ୍ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ବାଥରୁମ୍ ଭିତରକୁ ଯାଇ ପାଣି ଟ୍ୟାପ୍ ଖୋଲି ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିବାର ସଦସ୍ୟମାନେ ନିଜକୁ ବାଥରୁମ୍ ଭିତରେ ବନ୍ଦ କରି ଦେଇଥିଲେ ମଧ୍ୟ ନିଆଁର ପ୍ରକୋପ ଅତ୍ୟଧିକ ଥିବାରୁ ଉଦ୍ଧାର ପୂର୍ବରୁ ହିଁ ଶ୍ୱାସରୁଦ୍ଧ ହୋଇ ତିନିଜଣଙ୍କର ମୃତ୍ୟୁ ଘଟିଥିଲା। ପାଣିପାଗ ଏବଂ ଅଗ୍ନିଶମ ବାହିନୀର ବହୁ ଚେଷ୍ଟା ସତ୍ତ୍ୱେ ସେମାନଙ୍କୁ ବଞ୍ଚାଯାଇ ପାରିନଥିଲା। ଏହି ଦୁର୍ଘଟଣାରେ ଅନ୍ୟ କେହି ମୃତାହତ ହୋଇନଥିବା ବେଳେ ନିଆଁ ଲିଭାଇବା ସମୟରେ ଜଣେ ଅଗ୍ନିଶମ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ସ୍ଥାନୀୟ ପ୍ରଶାସନ ଘଟଣାର ତଦନ୍ତ କରୁଛି।

## ବ୍ରିଟିଶ ମହିଳାଙ୍କ ମସ୍ତିଷ୍କରୁ ମିଳିଲା ୩୮ ଟି ପରଜୀବୀ

ଲଣ୍ଡନ, ୨।୭(ଏଜେନ୍ସି): ୨୦୦୭ ମସିହାରେ ତିନି ମାସ ପାଇଁ ଭାରତ ଭ୍ରମଣରେ ଆସିଥିବା ବ୍ରିଟେନର ୪୨ ବର୍ଷୀୟା ମହିଳା ଲୋରି ଡେନମ୍ୟାନ୍‌ଙ୍କ ମସ୍ତିଷ୍କରୁ ୩୮ଟି ପରଜୀବୀ (କୃମି) ମିଳିବା ଘଟଣା ସାମ୍ନାକୁ ଆସିଛି। ଏହି ବିରଳ ତଥା ଗୁରୁତର ପରଜୀବୀ ସଂକ୍ରମଣକୁ ଚିକିତ୍ସା ବିଜ୍ଞାନ ଭାଷାରେ ନିଉରୋସିଷ୍ଟିସରକୋସିସ୍ କୁହାଯାଏ। ଭ୍ରମଣ ସମୟରେ ଖାଦ୍ୟ ସଂକ୍ରମଣରୁ ବଞ୍ଚିବା ପାଇଁ ଲୋରି ମାଂସ ଖାଇବାଠାରୁ ଦୂରେଇ ରହିଥିଲେ ମଧ୍ୟ ଅଜାଣତରେ ଫିତାକୃମିର ଅଣୁବୀକ୍ଷଣ ଅଣ୍ଡା ଥିବା ଖାଦ୍ୟ ବା ଘରୋଇ ଗୁଣ୍ଡ ଶୁଖିଲା ମାଂସ (ଘୋଡ଼ା/ଘୁଷୁରି ମାଂସ ଜାତୀୟ) ଖାଇଦେଇଥିଲେ। ୨୦୧୦ ରେ ତାଙ୍କ ଶରୀରରୁ ପ୍ରଥମେ ଏକ ମିଟର ଲମ୍ବର ଫିତାକୃମି ବାହାରିଥିଲା ଏବଂ ୨୦୧୧ ରୁ ତାଙ୍କୁ ପ୍ରବଳ ମୁଣ୍ଡବିନ୍ଧା ଓ ବାତ ମାରିବା ଆରମ୍ଭ ହୋଇଥିଲା। ବ୍ରେନ୍ ସ୍କାନରୁ ଜଣାପଡ଼ିଥିଲା ଯେ ପରଜୀବୀଗୁଡ଼ିକ ତାଙ୍କ ମସ୍ତିଷ୍କରେ ବସା ବାନ୍ଧି ସାରିଛନ୍ତି। ଏଥିଯୋଗୁଁ ସେ ଦୀର୍ଘ ବର୍ଷ ଧରି ମାନସିକ ବିକୃତି ଏବଂ ପକ୍ଷାଘାତ ଭଳି ସମସ୍ୟା ଭୋଗିବା ପରେ ଚିକିତ୍ସା ଦ୍ୱାରା ୨୦୨୨ ରେ ସୁସ୍ଥ ହୋଇ କାମକୁ ଫେରିଛନ୍ତି।ଏହା



'ଟେନିଆ ସୋଲିୟମ୍' ନାମକ ଘୁଷୁରି ଫିତାକୃମିର ଲାର୍ଭା ଯୋଗୁଁ ହେଉଥିବା ଏକ ସଂକ୍ରମଣ। ଅଧା ସିଝା ଘୁଷୁରି ମାଂସ ଖାଇବା, ଦୂଷିତ ପାଣି ପିଇବା କିମ୍ବା ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ଖାଇବା ଦ୍ୱାରା ଏହାର ଅଣ୍ଡା ରକ୍ତ ମାଧ୍ୟମରେ ମସ୍ତିଷ୍କରେ ପହଞ୍ଚି ଜଳପୂର୍ଣ୍ଣ କୋଷ ତିଆରି କରନ୍ତି। ବାରମ୍ବାର ବାତ ମାରିବା, ପ୍ରବଳ ମୁଣ୍ଡବିନ୍ଧା, ମାନସିକ ସ୍ଥିତି ବିଗିଡ଼ିବା ଏବଂ ସ୍ମୃତିଶକ୍ତି ହ୍ରାସ ପାଇବା। ଆଣ୍ଟି-ପାରାସାଇଟିକ୍ ଔଷଧ, ଷ୍ଟେରଏଡ୍ କିମ୍ବା ଗୁରୁତର ସ୍ଥିତିରେ ଅସ୍ତ୍ରୋପଚାର ଦ୍ୱାରା ଏହାର ଚିକିତ୍ସା କରାଯାଏ। ଏହି ରୋଗ ବିଶ୍ୱରେ ବାତ ରୋଗର ଏକ ପ୍ରମୁଖ କାରଣ।

## ମ୍ୟାନ୍‌ହୋଲ୍‌ରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୁମ୍ବଇ, ୨।୭(ଏଜେନ୍ସି): ମୁମ୍ବଇରେ ଜାରି ରହିଥିବା ପ୍ରବଳ ବର୍ଷା ମଧ୍ୟରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ଦ୍ୱିପ୍ରହର ପ୍ରାୟ ୧୨:୩୦ ସମୟରେ ଖୈରାନୀ ରୋଡ୍‌ରେ ୫୫ ବର୍ଷୀୟ ଜଣେ ବ୍ୟକ୍ତି ମୋବାଇଲ୍‌ରେ କଥା ହୋଇ ଯାଉଥିବା ବେଳେ ଏକ ଖୋଲା ମ୍ୟାନହୋଲ୍ (ଡ୍ରେନ୍) ଭିତରେ ପଡ଼ି ଭାସିଯାଇଥିଲେ। ପ୍ରାୟ ୨ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଅସଲମ ଇସାଫ୍ ଶେଖ୍। ଘଟଣାସ୍ଥଳରୁ ତାଙ୍କ ଛତା ଓ ଚପଲ ମିଳିବା ପରେ ଅଗ୍ନିଶମ ବାହିନୀ ଓ ପୁଲିସ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଏକ ଘରୋଇ ସଂସ୍ଥା ଦ୍ୱାରା ଚାଲିଥିବା ମରାମତି କାମ ଯୋଗୁଁ ମ୍ୟାନହୋଲ୍‌ର ଢାଙ୍କୁଣୀ ଖୋଲା ରଖାଯାଇଥିଲା। ଏହି ଅବହେଳା ପାଇଁ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବ ବୋଲି ଡେପୁଟି ମେୟର ସଞ୍ଜୟ ଘାଡ଼ି କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ମୁମ୍ବଇର କେତେକ ସ୍ଥାନରେ ୨୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହାଫଳରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି ଏବଂ ସ୍ଥାନୀୟ ଟ୍ରେନ୍ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ମୁମ୍ବାଇରେ ବର୍ଷା ସମୟରେ ପ୍ରଶାସନିକ ଏବଂ କଣ୍ଟ୍ରାକ୍ଟରଙ୍କ ଏଭଳି ଦାୟିତ୍ୱହୀନତା ପୁଣି ଥରେ ଜଣେ ନିରୀହ ଲୋକଙ୍କ ଜୀବନ ନେଇଛି। ପାଣିପାଗ ବିଭାଗ ଆଗାମୀ କିଛି ଘଣ୍ଟା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷାର ସତର୍କ ସୂଚନା ଜାରି କରିଥିବାରୁ ସହରବାସୀଙ୍କୁ ସତର୍କ ରହିବାକୁ କୁହାଯାଇଛି।

# ଭାରତ-ଜାପାନ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୨।୭(ଏଜେନ୍ସି): ଭାରତ ଏବଂ ଜାପାନ ମଧ୍ୟରେ ଅର୍ଥନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତ ଗସ୍ତରେ ଆସିଥିବା ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ମଧ୍ୟରେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିପାକ୍ଷିକ ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଶକ୍ତି, ଧାତୁ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାର ମିଳିତ ବିକାଶ ପାଇଁ ଚୁକ୍ତି ହୋଇଛି। ଏହା ଅଧୀନରେ ନୌସେନା ରେଡିଓ ଆଣ୍ଟେନା 'ୟୁନିକର୍ଣ୍ଣ'ର ସହ-ବିକାଶ ପ୍ରକଳ୍ପ ଆରମ୍ଭ କରାଯିବ,



ଯାହା ସାମୁଦ୍ରିକ ସୁରକ୍ଷା ଏବଂ ଆଞ୍ଚଳିକ ଶାନ୍ତିକୁ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ମୋଦୀ ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ଜାପାନ ୧୦ ଟ୍ରିଲିୟନ ୟେନ୍ (ଜାପାନୀ ମୁଦ୍ରା) ନିବେଶ କରିବ ଏବଂ ଭାରତରେ କାର୍ଯ୍ୟ କରୁଥିବା ଜାପାନୀ କମ୍ପାନୀଗୁଡ଼ିକର ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଘୋଷଣା କରିଛନ୍ତି। ଜାପାନର ସୂକ୍ଷ୍ମ ପ୍ରଯୁକ୍ତିବିଦ୍ୟା ଏବଂ ଭାରତର ସଫ୍ଟୱେର୍ କ୍ଷମତାର ମିଶ୍ରଣ

**ଜାପାନ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ 'ସାନ ଭଉଣୀ' ସମ୍ବୋଧନ କଲେ ମୋଦୀ**

ବିଶ୍ୱସ୍ତରରେ ଏଆଇ ବିକାଶକୁ ଏକ ନୂଆ ଗତି ପ୍ରଦାନ କରିବ। ଔଷଧ, ଚିକିତ୍ସା ଉପକରଣ ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ହୋଇଥିବା ଚୁକ୍ତିନାମା ବିଶ୍ୱ ସ୍ୱାସ୍ଥ୍ୟ ସୁରକ୍ଷାରେ ସହାୟକ ହେବ। ଭାରତର ବ୍ୟାପକତା ଏବଂ ଜାପାନର ଗୁଣବତ୍ତା ମିଶି ସମଗ୍ର ବିଶ୍ୱକୁ ଶସ୍ତା ତଥା ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଜାପାନ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ଭାରତ ଗସ୍ତରେ ଆସିଥିବା ସାନାଏ ତାକାଇଚିଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱାଗତ ଜଣାଇ ଜଣେ 'ଦୂରଦର୍ଶୀ ଏବଂ ଜନପ୍ରିୟ ନେତ୍ରୀ' ଭାବେ ଅଭିହିତ କରିଛନ୍ତି। ତାଙ୍କୁ ନିଜର 'ସାନ ଭଉଣୀ' ବୋଲି ସମ୍ବୋଧନ କରିବା ସହ ତାଙ୍କ ଜନ୍ମସ୍ଥାନ ଜାପାନର ନାରା ପ୍ରଦେଶ ସହିତ ଭାରତର ବୌଦ୍ଧ ସମ୍ପର୍କ ରହିଥିବା କଥା ମୋଦୀ ମନେ ପକାଇ ଦେଇଛନ୍ତି। 'ଆଜିର ବୈଶ୍ୱିକ ଅଶାନ୍ତି ସମୟରେ ପାରସ୍ପରିକ ବିଶ୍ୱାସ ହିଁ ଆମର ସବୁଠାରୁ ବଡ଼ ରଣନୈତିକ ସମ୍ପତ୍ତି। ଭାରତ ଏବଂ ଜାପାନର ସହଭାଗିତା ଏହି କଷଟି ପଥରରେ ସମ୍ପୂର୍ଣ୍ଣ ସଫଳ ପ୍ରମାଣିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

## ହାଜତ ମୃତ୍ୟୁ ମାମଲା; ୯ ପୁଲିସ କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡ

ୱାଶିମ୍, ୨।୭(ଏଜେନ୍ସି): ମହାରାଷ୍ଟ୍ରର ୱାଶିମ୍ ଜିଲ୍ଲା ଅଦାଲତ ୨୦୧୧ର ହାଜତ ମୃତ୍ୟୁ ମାମଲାରେ ଗୁରୁବାର ଐତିହାସିକ ରାୟ ଶୁଣାଇଛନ୍ତି। ଜିଲ୍ଲା ତଥା ଅତିରିକ୍ତ ସେସନ ଜଜ୍ ଜେପି. ଝାପଟେ ତତ୍କାଳୀନ ରିସୋଡ ପୁଲିସ ଥାନାର ପ୍ରଭାରୀ ମାଧବ ଧାଣ୍ଡେଙ୍କ ସମେତ ୯ ଜଣ ପୁଲିସ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୦, ୦୦୦ ଟଙ୍କାର ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସର କାରାଦଣ୍ଡ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ମଧ୍ୟରୁ ୪ ଜଣଙ୍କୁ ଏସ୍‌ସି-ଏସ୍‌ଟି ଆଇନ ଅନୁଯାୟୀ ପୃଥକ ଦଣ୍ଡାଦେଶ ହୋଇଛି। ଆଜୀବନ କାରାଦଣ୍ଡରେ ଦଣ୍ଡିତ ପୁଲିସ କର୍ମଚାରୀମାନେ ହେଲେ ମାଧବ ମାଣିକରାଓ ଧାଣ୍ଡେ, ମଦନ ପାୱାର, ଶିବାଜୀ ଖିଲାରୀ, ପଞ୍ଜାବ ପାଟକର, ରମେଶ ପାୱାର, ପ୍ରକାଶ ତରାମ, ନାଗୋରାଓ ଖାଣ୍ଡକେ, ଅଶୋକ ବୈଦ୍ୟ ଏବଂ ବସନ୍ତ ଯାଦବ। ୨୦୧୧ରେ ଏକ ଚୋରି ମାମଲାରେ ଭେଗ୍ୟା ପାୱାର ନାମ୍ନୀ ଯୁବକଙ୍କୁ ରିସୋଡ ପୁଲିସ ପଚରାଉଚରା ପାଇଁ ହାଜତକୁ ନେଇଥିଲା। ପରେ ହାଜତରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସର ଅମାନୁଷିକ ନିର୍ଯାତନାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ।

**ପାହାଡ଼ରୁ କେତନଙ୍କୁ ଠେଲିଲା କିଏ?**

## ସିୟାଙ୍କ ହେବ ପଲିଗ୍ରାଫ୍ ଟେଷ୍ଟ

ପୁନେ, ୨।୭(ଏଜେନ୍ସି): ଭାବି ସ୍ୱାମୀ କେତନ ଅଗ୍ରୱାଲଙ୍କୁ ପାହାଡ଼ ଉପରୁ ଠେଲି ହତ୍ୟା କରିବା ମାମଲାରେ ଏବେ ପୁନେ ପୁଲିସ ଏକ ବଡ଼ ପଦକ୍ଷେପ ନେଇଛି। ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କର ମିଛ ଧରା ପରୀକ୍ଷା (ପଲିଗ୍ରାଫ୍ ଟେଷ୍ଟ) କରିବା ପାଇଁ ପୁଲିସ ଗୁରୁବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ପୁଲିସ ଅଦାଲତଙ୍କୁ ଜଣାଇଛି ଯେ, କେତନଙ୍କୁ ପ୍ରକୃତରେ କିଏ ଗଭୀର ଖାତକୁ ଠେଲିଦେଲା, ସେ ନେଇ କୌଣସି ପ୍ରତ୍ୟକ୍ଷଦର୍ଶୀ ବା ଚୂଡ଼ାନ୍ତ ପ୍ରମାଣ ମିଳିପାରି ନାହିଁ। ତେଣୁ ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ଏହି ପରୀକ୍ଷା ନିହାତି ଜରୁରୀ। ଗତ ଜୁନ୍ ୧୮ରେ ପୁନେର ଜଣେ ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି



ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଆସନ୍ତା ନଭେମ୍ବରରେ ସିୟାଙ୍କ ସହ କେତନଙ୍କ ବିବାହ ହେବାର ଥିଲା। ମାତ୍ର ସିୟା ନିଜ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିବା ପୁଲିସ କହିଛି। ବର୍ତ୍ତମାନ ଉଭୟ ଅଭିଯୁକ୍ତ ପୁଲିସ ହେପାଜତରେ ଅଛନ୍ତି। ପୁଲିସ କୋର୍ଟରେ ଯୁକ୍ତି ବାଢ଼ିଛି ଯେ, ସିୟା ଏବଂ ଚେତନଙ୍କ ବୟାନ ରେକର୍ଡ କରାଯାଇଥିଲେ ମଧ୍ୟ ସେମାନଙ୍କ କଥାରେ ଅନେକ ଅସଙ୍ଗତି ରହିଛି। ମିଛ ଧରା ପରୀକ୍ଷା ଦ୍ୱାରା ଘଟଣାର ଅନେକ ନୂଆ ଦିଗ ଏବଂ ସୂଚନା ସାମ୍ନାକୁ ଆସିପାରିବ। ଅନ୍ୟପଟେ ସିୟାଙ୍କ ଓକିଲ ବିପୁଲ ଦୁସିଂ କହିଛନ୍ତି ଯେ, ଏଭଳି ପରୀକ୍ଷା ପାଇଁ ଅନେକ ଆଇନଗତ ଏବଂ ବୈଷୟିକ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ ଏବଂ ଏଥିପାଇଁ ଅଭିଯୁକ୍ତଙ୍କ ସହମତି ମଧ୍ୟ ବାଧ୍ୟତାମୂଳକ। ସୂଚନାଯୋଗ୍ୟ, ହତ୍ୟା ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ସିୟାଙ୍କ ପାଖରେ ଥିଲା। ସେ ସେଥିରୁ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବା ପ୍ରମାଣ ଲିଭାଇ ଦେଇଛନ୍ତି କି ନାହିଁ, ସେ ନେଇ ପୁଲିସର ବୈଜ୍ଞାନିକ ଦଳ ଯାଞ୍ଚ କରୁଛନ୍ତି।

## ମମତା, ରତବ୍ରତ ଗୋଷ୍ଠୀଙ୍କୁ ନିର୍ବାଚନ କମିସନଙ୍କ ନୋଟିସ୍

କୋଲକାତା, ୨।୭(ଏଜେନ୍ସି): ପଶ୍ଚିମବଙ୍ଗର ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଆଧିପତ୍ୟକୁ ନେଇ ମମତା ବାନାର୍ଜୀ ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଦୁଇଟି ଗୋଷ୍ଠୀ ମଧ୍ୟରେ ବିବାଦ ପରେ ଭାରତୀୟ ନିର୍ବାଚନ କମିଶନ (ଇସି) ଗୁରୁବାର ଉଭୟ ଗୋଷ୍ଠୀକୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ପ୍ରକୃତ ଟିଏମ୍‌ସି କିଏ ଏବଂ ଦଳର ସାଂଗଠନିକ ନିୟନ୍ତ୍ରଣ, ଦଳୀୟ ଚିହ୍ନ, ବ୍ୟାଙ୍କ ଆକାଉଣ୍ଟ ତଥା ଅଧିକୃତ ସ୍ୱାକ୍ଷରକାରୀ କିଏ ରହିବେ, ସେ ନେଇ ଉଭୟ ପକ୍ଷକୁ ନିଜର ପକ୍ଷ ରଖିବାକୁ କୁହାଯାଇଛି। ଏଥିପାଇଁ ଜୁଲାଇ ୬ ସୁଦ୍ଧା ସବିଶେଷ ଜବାବ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନରେ ଟିଏମ୍‌ସି ପରାଜିତ ହେବା ପରେ ରତବ୍ରତଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ମମତା ଏବଂ ତାଙ୍କ ଭଣଜା ଅଭିଷେକ ବାନାର୍ଜୀଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିଛନ୍ତି। ବିଦ୍ରୋହୀଙ୍କ ଦାବି ଅନୁଯାୟୀ, ଦଳର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୬୫ ରୁ ଅଧିକ ବିଧାୟକଙ୍କ ସମର୍ଥନ ସେମାନଙ୍କ ପାଖରେ ରହିଛି। ବର୍ତ୍ତମାନ ରତବ୍ରତ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରୁଛନ୍ତି। ରତବ୍ରତଙ୍କ ଗୋଷ୍ଠୀ କିଛି ସପ୍ତାହ ପୂର୍ବରୁ ଏକ ସ୍ୱତନ୍ତ୍ର ବୈଠକ କରି ବରିଷ୍ଠ ବିଧାୟକ ଅରୂପ ରାୟଙ୍କୁ ଦଳର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି ଏବଂ ପ୍ରତିଷ୍ଠାତା ମମତାଙ୍କୁ ଏହି ପଦରୁ ହଟାଇ ଦେଇଛନ୍ତି। ଏଥିସହିତ ଅଭିଷେକଙ୍କୁ ମଧ୍ୟ ଦଳରୁ ନିଲମ୍ବିତ କରାଯାଇଥିବା ସେମାନେ ଘୋଷଣା କରିଛନ୍ତି। ରତବ୍ରତ କହିଛନ୍ତି ଯେ,

**'ପ୍ରକୃତ' ଟିଏମ୍‌ସି ଲଢ଼େଇ**



କେବଳ ବିଧାୟକ ନୁହଁନ୍ତି, ବରଂ କର୍ପୋରେଟର, ପୌର ପରିଷଦ ସଦସ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟମାନେ ମଧ୍ୟ ସେମାନଙ୍କ ସହ ଅଛନ୍ତି। ଅନ୍ୟପଟେ, ମମତା ବାନାର୍ଜୀଙ୍କ ଅନୁଗତ ନେତାମାନେ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସୌଗତ ରାୟ ଏବଂ ସାଗରିକା ଘୋଷଙ୍କ ପରି ବରିଷ୍ଠ ନେତାମାନେ କହିଛନ୍ତି ଯେ, କେବଳ ବିଧାୟକଙ୍କ ସଂଖ୍ୟା ଦଳର କର୍ତ୍ତୃତ୍ୱ ନିର୍ଦ୍ଧାରଣ କରେ ନାହିଁ, ବରଂ ସାଂଗଠନିକ ଶକ୍ତି ହିଁ ମୁଖ୍ୟ ଏବଂ ତାହା ଏବେ ମଧ୍ୟ ମମତାଙ୍କ ପାଖରେ ରହିଛି। ଦଳରୁ ବହିଷ୍କୃତ ଜଣେ ବ୍ୟକ୍ତିଙ୍କୁ ନିର୍ବାଚନ କମିଶନ କେଉଁ ଆଧାରରେ ଭେଟିବାକୁ ସମୟ ଦେଲେ, ସେ ନେଇ ସୌଗତ ରାୟ ପ୍ରଶ୍ନ ଉଠାଇଛନ୍ତି।

## ୟୁଜିସି-ନେଟ୍ ପରୀକ୍ଷା ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି

ନୂଆଦିଲ୍ଲୀ, ୨।୭(ଏଜେନ୍ସି): ଗତ ଜୁନ୍ ୩୦ ତାରିଖରେ ଅନୁଷ୍ଠିତ ହୋଇଥିବା ୟୁଜିସି-ନେଟ୍ ପରୀକ୍ଷା ଏବେ ବିବାଦ ଘେରକୁ ଆସିଛି। ବିଶେଷ କରି ସୋସିଓଲୋଜି (ସମାଜଶାସ୍ତ୍ର) ପ୍ରଶ୍ନପତ୍ରରେ ଅନେକ ବନାନ ଭୁଲ, ନିମ୍ନମାନର ଅନୁବାଦ ଏବଂ ପାଠ୍ୟକ୍ରମ ବାହାରୁ ପ୍ରଶ୍ନ ପଚରାଯାଇଥିବା ନେଇ ପରୀକ୍ଷାର୍ଥୀମାନେ ଗୁରୁତର ଅଭିଯୋଗ କରିଛନ୍ତି। ପରୀକ୍ଷାର୍ଥୀଙ୍କ ଅନୁସାରେ, ପ୍ରଶ୍ନପତ୍ରରେ ସାଧାରଣ ଟାଇପିଂ ଭୁଲ ସହ ଗୁରୁତର ବ୍ୟାକରଣଗତ ତ୍ରୁଟି ଏବଂ ଭୁଲ ହିନ୍ଦୀ ଅନୁବାଦ ଦେଖିବାକୁ ମିଳିଥିଲା। ଏହି କାରଣରୁ ପ୍ରଶ୍ନଗୁଡ଼ିକୁ ବୁଝିବାରେ ପରୀକ୍ଷାର୍ଥୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଅଭିଯୋଗଗୁଡ଼ିକ ପରେ ପରୀକ୍ଷାର୍ଥୀଙ୍କ ଅଭିଯୋଗକୁ ଗ୍ରହଣ କରା ଯାଇଥିବା ଏନ୍‌ଟିଏ କହିଛି। ଏହି ବିଷୟଗୁଡ଼ିକୁ ଏଜେନ୍ସିର ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଉଛି।

## ଟିଭିକେରେ ସାମିଲ ହେଲେ ଏଆଇଏଡିଏମ୍‌କେ ନେତା

ଚେନ୍ନଇ, ୨।୭(ଏଜେନ୍ସି): ତାମିଲନାଡୁ ରାଜନୀତିରେ ପ୍ରମୁଖ ଦ୍ରାବିଡ଼ ଦଳ ଏଆଇଏଡିଏମକେର ଅନେକ ପ୍ରଭାବଶାଳୀ ନେତା ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କାଜଗମରେ ସାମିଲ ହୋଇଛନ୍ତି। ଏଆଇଏଡିଏମକେର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟଭାସ୍କର, ପୂର୍ବତନ ପରିବହନ ମନ୍ତ୍ରୀ ଏମଆର. ବିଜୟଭାସ୍କର ଏବଂ ଅନ୍ୟ ଦୁଇ ପୂର୍ବତନ ମନ୍ତ୍ରୀ ଏମଏସଏମ. ଆନନ୍ଦନ ଓ ଏସ. ବଲରମାଥି ପ୍ରମୁଖ ଟିଭିକେରେ ଯୋଗ ଦେଇଛନ୍ତି। ଏହା ସହିତ ପ୍ରାୟ ୧୫ ଜଣ ପୂର୍ବତନ ବିଧାୟକ ଏବଂ ଶତାଧିକ କର୍ମକର୍ତ୍ତା ମଧ୍ୟ ନୂତନ ଦଳରେ ସାମିଲ ହୋଇଛନ୍ତି। ଏଡାପାଡି କେ. ପାଲାନିସ୍ୱାମୀଙ୍କ ନେତୃତ୍ୱାଧୀନ ଏଆଇଏଡିଏମକେ ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି ବିବେଚନା କରାଯାଉଛି। ଏହି ନେତାମାନେ ଏଆଇଏଡିଏମକେ ଛାଡିବାର ମୁଖ୍ୟ କାରଣ ଭାବେ ଦଳର ସାଧାରଣ ସମ୍ପାଦକ ଏଡାପାଡି ପାଲାନିସ୍ୱାମୀଙ୍କ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ସେପଟେ ଦଳବଦଳକୁ ନେଇ ଡିଏମକେ ନେତ୍ରୀ କନିମୋଝି ବିଜେପି ଉତ୍ତର ଭାରତରେ ବ୍ୟବହାର କରୁଥିବା 'ୱାଶିଂ ମେସିନ' ଏବେ ତାମିଲନାଡୁକୁ ଆସିଛି ବୋଲି କହିଛନ୍ତି।

■ ଉପଗ୍ରହ ଚିତ୍ରରୁ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ

## ଆଟଲାଣ୍ଟିକ୍ ମହାସାଗରରେ ୫,୦୦୦ ମାଇଲ ବ୍ୟାପୀ ଶୈବାଳ

ୱାସିଂଟନ୍, ୨।୭(ଏଜେନ୍ସି): ଆଟଲାଣ୍ଟିକ ମହାସାଗରରେ ଏକ ଅଭାବନୀୟ ପ୍ରାକୃତିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଉପଗ୍ରହ ବା କୃତ୍ରିମ ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ମହାସାଗର ବକ୍ଷରେ ପ୍ରାୟ ୫, ୦୦୦ ମାଇଲ୍ (୮, ୮୫୦ କିଲୋମିଟର) ଲମ୍ବର ଏକ ବିଶାଳ ବାଦାମୀ ରଙ୍ଗର ସାମୁଦ୍ରିକ ଶୈବାଳ'ର ଆସ୍ତରଣ ବା ବେଲ୍ଟ ସୃଷ୍ଟି ହୋଇଛି। ପଶ୍ଚିମ ଆଫ୍ରିକାର ଉପକୂଳରୁ ଆରମ୍ଭ କରି କାରିବିଆନ୍ ସାଗର ଏବଂ ମେକ୍ସିକୋ ଗଲ୍ ପର୍ଯ୍ୟନ୍ତ ଏହି ବିଶାଳ ସାମୁଦ୍ରିକ ଜୈବ-ଭାର (ବାୟୋ ମାସ୍) ବ୍ୟାପି ରହିଛି। ବିଜ୍ଞାନୀମାନେ ଏହାକୁ 'ଦି ଗ୍ରେଟ୍ ଆଟଲାଣ୍ଟିକ ସାର୍ଗାସମ୍ ବେଲ୍ଟ' ଆଖ୍ୟା ଦେଇଛନ୍ତି। ବୈଜ୍ଞାନିକ ସଂସ୍ଥା 'ସାଇନ୍ସ ଡାଇରେକ୍ଟ'ର ସମ୍ପ୍ରତି ରିପୋର୍ଟ ଅନୁଯାୟୀ, ଏହି ଶୈବାଳ ସ୍ତରର ଓଜନ ପ୍ରାୟ ୩୭ .୫ ମିଲିୟନ (୩.୭୫ କୋଟି) ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଉପଗ୍ରହ ନଜର ରଖିବା ଆରମ୍ଭ କରିବା ଦିନଠାରୁ ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ରେକର୍ଡ। ଗତ ଚାରି ଦଶନ୍ଧିର ଶୈବାଳ ନମୁନାକୁ ପରୀକ୍ଷା କରିବା ପରେ ଜଣାପଡ଼ିଛି ଯେ, ୧୯୮୦ ଦଶନ୍ଧି ତୁଳନାରେ ଏହି ଶୈବାଳଗୁଡ଼ିକରେ ନାଇଟ୍ରୋଜେନ୍‌ର ପରିମାଣ ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହା ସ୍ପଷ୍ଟ ସୂଚାଉଛି ଯେ ସମୁଦ୍ରରେ ମାନବକୃତ ପ୍ରଦୂଷଣ ଓ ପୋଷକ ତତ୍ତ୍ୱର ମାତ୍ରା ଅତ୍ୟଧିକ ବଢ଼ିବାରେ ଲାଗିଛି। ବିଜ୍ଞାନୀମାନଙ୍କ ମତରେ ଏହି ଅସ୍ୱାଭାବିକ ଅଭିବୃଦ୍ଧି ପଛରେ କେବଳ ଗୋଟିଏ କାରଣ ନାହିଁ, ବରଂ ପ୍ରକୃତି ଏବଂ ମଣିଷର କାର୍ଯ୍ୟକଳାପ ଉଭୟ ଦାୟୀ। ମହାସାଗରର ଜଳପ୍ରବାହ ଏବଂ ବିଷୁବରେଖା ନିକଟରେ ବହୁଥିବା ପବନ ଏହି ଭାସମାନ ଶୈବାଳଗୁଡ଼ିକୁ ଏକତ୍ରିତ କରି ବ୍ୟାପକ ଭାବେ ବିଛାଇବାରେ ସାହାଯ୍ୟ କରୁଛି। ଆମାଜନ ଭଳି ବିଶାଳ ନଦୀଗୁଡ଼ିକ ମାଧ୍ୟମରେ ପ୍ରଚୁର ପରିମାଣର ରାସାୟନିକ ସାର ମିଶ୍ରିତ କୃଷି ବର୍ଜ୍ୟଜଳ, ଦୂଷିତ ମଳପ୍ରବାହ ଏବଂ ଫସଫରସ୍ ଓ ନାଇଟ୍ରୋଜେନ୍ ସମୁଦ୍ରରେ ମିଶୁଛି। ଏହି ପୋଷକ ତତ୍ତ୍ୱଗୁଡ଼ିକୁ ପାଇ ଶୈବାଳଗୁଡ଼ିକ ଅତି ଦ୍ରୁତ ଗତିରେ ବଂଶବୃଦ୍ଧି କରୁଛନ୍ତି। ଗଭୀର ସମୁଦ୍ରରେ ଭାସୁଥିବା ବେଳେ ଏହି ଶୈବାଳ ଗଦା ମାଛ, ସାମୁଦ୍ରିକ କଇଁଛ ଏବଂ ଅନ୍ୟାନ୍ୟ ଛୋଟ ଜୀବଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ଓ ଖାଦ୍ୟର ଉତ୍ସ ସାଜିଥାଏ। କିନ୍ତୁ ଯେତେବେଳେ ଏହି ବିଶାଳ ଶୈବାଳ ଗଦା ପବନରେ ଭାସି ଆସି ସମୁଦ୍ର କୂଳ ବା ବିଚ୍‌ରେ ଜମା ହୁଏ, ସେତେବେଳେ ସମସ୍ୟା ସୃଷ୍ଟି ହୁଏ। ସେଗୁଡ଼ିକ ସଢ଼ିବା ପରେ ସେଥିରୁ ପ୍ରବଳ ଦୁର୍ଗନ୍ଧଯୁକ୍ତ 'ହାଇଡ୍ରୋଜେନ୍ ସଲଫାଇଡ୍'



ଗ୍ୟାସ ନିର୍ଗତ ହୁଏ, ଯାହା ପର୍ଯ୍ୟଟନ ଶିଳ୍ପକୁ ବହୁତ କ୍ଷତି ପହଞ୍ଚାଏ। ଏହାଛଡ଼ା ଉପକୂଳ ଜଳରେ ଅମ୍ଳଜାନର ମାତ୍ରା କମିଯିବା ଫଳରେ ସାମୁଦ୍ରିକ ପ୍ରବାଳ ପ୍ରାଚୀର ଏବଂ ଜଳଜ ଉଦ୍ଭିଦ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ପରିବେଶବିତ୍‌ମାନଙ୍କ ମତରେ, ଏହି ବିଶାଳ ଶୈବାଳ ବେଲ୍ଟ ପ୍ରକୃତିର ଏକ ଚେତାବନୀ, ଯାହା ଦର୍ଶାଉଛି କିପରି ମଣିଷର କାର୍ଯ୍ୟକଳାପ ଏବେ ବିଶାଳ ମହାସାଗରର ପରିସଂସ୍ଥାକୁ ମଧ୍ୟ ବିପନ୍ନ କରୁଛି।

**ପୁଣି ଭୁଟେଇଲା ଗଣଶିକ୍ଷା ବିଭାଗ**

## ୱେବସାଇଟ୍‌ରେ ଉପଲବ୍ଧ ହୋଇନି ସଂଶୋଧିତ ପୁସ୍ତକ

ଭୁବନେଶ୍ୱର, ୨।୭(ସମିସ): ମାଳମାଳ ତ୍ରୁଟି ଥିବା ପ୍ରଥମରୁ ଚତୁର୍ଥ ଶ୍ରେଣୀ ପିଲାଙ୍କ ବହି ସଂଶୋଧନ କରାଯାଇଛି। ସଂଶୋଧିତ ପୁସ୍ତକର ସଫ୍ଟ କପି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବସାଇଟ୍ ସମେତ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ଓସେପାର ୱେବସାଇଟରେ ଅପଲୋଡ୍ କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରିକ ଏକ୍ସ (ପୂର୍ବରୁ- ଟ୍ୱିଟର) ହ୍ୟାଣ୍ଡେଲ୍‌ରେ ସଂଧ୍ୟା ୭.୫୪ ରେ ସୂଚନା ଦିଆଯାଇଛି। ମାତ୍ର ରାତି ୧୨ ସୁଦ୍ଧା କୌଣସି ୱେବସାଇଟ୍‌ରେ ସଂଶୋଧିତ ପୁସ୍ତକ ଉପଲବ୍ଧ ହୋଇନାହିଁ। ବିଭାଗ ପକ୍ଷରୁ ସଂଶୋଧିତ ପୁସ୍ତକ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବାକୁ ମଧ୍ୟ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ବିଭାଗର ମେଲ୍ ଆଇଡି textbookscertodisha@gmail.com କିମ୍ବା ହେଲ୍ପ ଲାଇନ ନମ୍ବର - ୧୮୦୦୩୪୫୬୭୭୨ ରେ ଆଜିଠାରୁ ୭ ଦିନ ମଧ୍ୟରେ ମତାମତ ରଖିବାକୁ ଅନୁରୋଧ କରାଯାଇଛି। ମାତ୍ର ବିଭାଗ ପକ୍ଷରୁ ମୂଳରୁ ସଂଶୋଧିତ ପୁସ୍ତକର ସଫ୍ଟ କପି ଅପଲୋଡ୍ କରାଯାଇ ନାହିଁ।

ପିଲାଙ୍କ ପଢ଼ା ବହିରେ ମାଳମାଳ ବନାନ୍ ଓ ତଥ୍ୟଗତ ତ୍ରୁଟି ପଦାକୁ ଆସିବା ପରେ ସରକାର ସବୁ ମହଲରେ ନିନ୍ଦିତ ହୋଇଛନ୍ତି। ଜାତୀୟ ଗଣମାଧ୍ୟମରେ ଏହି ଘଟଣା ଶିରୋନାମା ପାଲଟିଥିବାବେଳେ ଓଡ଼ିଶା ଲଜ୍ଜିତ ହୋଇଛି। ଗଣଶିକ୍ଷା ବିଭାଗର ଏହି କର୍ତ୍ତୃତ୍ୱ ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରତିକ୍ରିୟା ରଖି ଏହାକୁ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏହାସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଷଡ଼ଯନ୍ତ୍ର ଜାରି ରଖିଥିବା ଅନୁମେୟ ହେଉଛି। କାରଣ ୱେବସାଇଟ୍‌ରେ ସଂଶୋଧିତ ପୁସ୍ତକ ଅପଲୋଡ୍ ନ କରି ମଧ୍ୟ ମିଥ୍ୟା ତଥ୍ୟ ପ୍ରଚାର କରାଯାଇଛି। କେଉଁ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଏପରି ଏକ ମିଥ୍ୟା ଓ ବିଭ୍ରାନ୍ତିକର କଥା କୁହାଯାଇଛି? ନେଡି ଗୁଡ଼ କହୁଣିକୁ ବହି ସାରିଥିଲେ ମଧ୍ୟ ବିଭାଗୀୟ ସଚିବ ଏହାର ଯାଞ୍ଚ କରିଛନ୍ତି ନା ତାଙ୍କ ଅଜାଣତରେ ଅନ୍ୟ କୌଣସି ଅଧିକାରୀ ପୁଣି ଭୁଟେଇବାକୁ ପ୍ରୟାସ କରିଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




(ଦ୍ୱିତୀୟ ଶ୍ରେଣୀ ମଜା ମଜାରେ ଗଣିତ ବହିର ୨୧ ନମ୍ବର ପୃଷ୍ଠାରେ ଚାରିକୋଣିଆ ଲେଖା ରହିଛି। ଏହା ସମଘନ ହେବ, ଯାହା ସଂଶୋଧିତ ହୋଇନାହିଁ।)

**ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ: ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

**ସରକାରଙ୍କ ଚେତାବନୀ**

## କାମ ନାହିଁ ତ ଦରମା ନାହିଁ

**ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ: ଓମ୍‌ସା**

ଭୁବନେଶ୍ୱର,୨।୭(ସମିସ): ୧୦ ଦଫା ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଡାକ୍ତରଙ୍କ କାର୍ଯ୍ୟବନ୍ଦ ଯୋଗୁଁ ରାଜ୍ୟବ୍ୟାପୀ ରୋଗୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଆନ୍ଦୋଳନରତ ଡାକ୍ତରଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରି ଆଲୋଚନା କରିବାକୁ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅନୁରୋଧ କରାଯାଇଥିଲେ ହେଁ ଏହାକୁ ପ୍ରତ୍ୟାଖ୍ୟାନ କରିଛି ଓମସା। ଯେପର୍ଯ୍ୟନ୍ତ ଆଦମର ନ୍ୟାଯ୍ୟ ଦାବି ପୂରଣ ହେବ ନାହିଁ, ସେପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିବ ବୋଲି ଓମସାର ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ଡାକ୍ତରଙ୍କ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଆନ୍ଦୋଳନରେ ସାମିଲ ଡାକ୍ତରଙ୍କ ଦରମା ବନ୍ଦ ପାଇଁ ସରକାର ଧମକ ଦେଇଥିବା ବେଳେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚେତାବନୀ ଦେଇଛନ୍ତି ବୋଲି ଡାକ୍ତର ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଡାକ୍ତର ଆନ୍ଦୋଳନ ପାଇଁ ସମଗ୍ର ରାଜ୍ୟରେ ଓପିଡି, ଆଇପିଡି. ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ରୂପେ ବ୍ୟାହତ ହୋଇପଡ଼ିଛି। ରୋଗୀ ଡାକ୍ତରଖାନାକୁ ଆସି ଚିକିତ୍ସା ନପାଇ ଫେରିଯାଉଥିବା ବେଳେ ଏହା ରାଜ୍ୟରେ ଭୟଙ୍କର ସ୍ଥିତି ସୃଷ୍ଟି କଲାଣି। ଏପଟେ ଯେପର୍ଯ୍ୟନ୍ତ ଆମର ଦାବବି ପୂରଣ ହୋଇନାହିଁ, ସେପର୍ଯ୍ୟନ୍ତ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ରୋକଠୋକ୍ ଶୁଣାଇଦେଇଛି ଓମସା। ଗତ ଜାନୁଆରୀରେ ୯ ତାରିଖରେ ସରକାରଙ୍କ ସହ ଓମସା ଶେଷଥର ପାଇଁ ଆଲୋଚନା କରିଥିଲା। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ୩ ମାସ ମଧ୍ୟରେ ଓମସାର ସମସ୍ତ ଦାବି ପୂରଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୫ ମାସ ପୂରଣ ହୋଇ ୬ ମାସ ଚାଲିବାକୁ ଆରମ୍ଭ ହୋଇଥିଲେ ହେଁ ସରକାର ଦାବି ପୂରଣ କଲେ ନାହିଁ। ତେଣୁ ଯେପର୍ଯ୍ୟନ୍ତ ସରକୈାର ଦାବି ପୂରଣ କରିନାହାନ୍ତି, ଆନ୍ଦୋନ ଜାରି ରହିବ ବୋଲଲି ଓମସା ପକ୍ଷରୁ ସୂଚନା ଦିଆଯାଇଛି।

ଏପଟେ ରାଜ୍ୟ ସରକାରଙ୍କ ପକ୍ଷୁ କୁହାଯାଇଛି ଯେ ରାଜ୍ୟ ସରକାର ସର୍ବଦା ଡାକ୍ତରମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ରହିଛନ୍ତି। କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଓ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ସେଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜଣାଇ ଦିଆଯାଇଛି। ସେମାନେ କାର୍ଯ୍ୟରେ ଯୋଗଦେବା ପରେ ସେମାନଙ୍କ ଦାବିଗୁଡ଼ିକ ଉପରେ ଗଠନମୂଳକ ଆଲୋଚନା କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସେବା ହିଁ ପରମ ଧର୍ମ। ଏହାକୁ ପାଥେୟ କରି ଆନ୍ଦୋଳନରତ ଡାକ୍ତର ମାନଙ୍କୁ ଅନୁରୋଧ ,ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରି ପୂର୍ବଭଳି ରୋଗୀସେବା ଜାରି ରଖନ୍ତୁ। ଯଦି ରୋଗୀଙ୍କ ସ୍ୱାର୍ଥ ଓ ସ୍ୱାସ୍ଥ୍ୟ ସେବା ବ୍ୟାଘାତ ହୁଏ ତା ହେଲେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ ହେବେ ବୋଲି ସରକାର ଚେତାବନୀ ଦେଇଛନ୍ତି।

**ଡାକ୍ତର ଆନ୍ଦୋଳନର ଦାରୁଣ ଚିତ୍ର**

### ଚିକିତ୍ସା ଅଭାବରୁ ଗଲା ଯୁବକଙ୍କ ଜୀବନ

■ କପ୍ତିପଦା/ଉଦଳା, ୨।୭ (ସମିସ): ରାଜ୍ୟବ୍ୟାପୀ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ସାଧାରଣ ରୋଗୀଙ୍କ ପାଇଁ କାଳ ସାଜିଛି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳାରେ ଚିକିତ୍ସାଳୟରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ଚିକିତ୍ସା ନ ପାଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏତିକିରେ ଦୁଃଖ ସରିନାହିଁ, ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ ପାଇଁ ମଧ୍ୟ ପରିବାର ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

**ବ୍ୟବଚ୍ଛେଦ ହୋଇ ନ ପାରି ୯ ଘଣ୍ଟା ଧରି ଶବଗୃହରେ ପଡ଼ିରହିଛି ମୃତଦେହ**

କପ୍ତିପଦା ଥାନା ବଡାମପଦା ଗ୍ରାମର ଭବେଶ ବିନ୍ଧାଣୀ ପ୍ରେମିକା ସହ ଝଗଡ଼ା ପରେ ବିଷପାନ କରିଥିଲେ। ତାଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନ ଥିବାରୁ ଚିକିତ୍ସା ମିଳି ନ ଥିଲା ଓ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ରାଜବରହମପୁର ଅଞ୍ଚଳର ଜଣେ ନାବାଳିକା ମୋବାଇଲକୁ ନେଇ ବିଷପିଇ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ୨ଟି ମୃତଦେହ ଜବତ କରି ଉଦଳା ମେଡିକାଲ ଶବଗୃହକୁ ନେଇଥିଲା। ତେବେ ଡାକ୍ତରୀ ଆନ୍ଦୋଳନ ଯୋଗୁଁ ଏଠାରେ ବ୍ୟବଚ୍ଛେଦ ହୋଇପାରିବନାହିଁ ବୋଲି କୁହାଯାଇଛି। ଫଳରେ ଗତ ୯ ଘଣ୍ଟା ଧରି ମୃତଦେହ ଦୁଇଟି ଶବଗୃହରେ ପଡ଼ି ରହିଛି। ଡାକ୍ତରମାନେ ମୃତଦେହକୁ ବାରିପଦା ନେବାକୁ ପରାମର୍ଶ ଦେଇଥିବାବେଳେ ମୃତକଙ୍କ ପରିବାରବର୍ଗ ଏତେ ବାଟ ଶବ ନେବାକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ଡାକ୍ତରଙ୍କ ଏଭଳି ଆନ୍ଦୋଳନ ଓ ଚିକିତ୍ସା ସେବାରେ ଅବହେଳା ପାଇଁ ଦାୟୀ କିଏ? କେବେ ସରିବ ଏହି ଆନ୍ଦୋଳନ ଓ ସାଧାରଣ ରୋଗୀଙ୍କୁ କେବେ ମିଳିବ ଉପଯୁକ୍ତ ଚିକିତ୍ସା, ତାହା ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି।

**ପଛରୁ ଧକ୍କା ଦେଲା ଅଜଣା ଗାଡ଼ି**

## ଡିଭାଇଡରରେ ପିଟି ହୋଇ ଚାଲିଗଲା ଦୁଇ ଜୀବନ

ଭୁବନେଶ୍ୱର ୨।୭ (ସମିସ): ପୋଖରୀପୁଟ - ଖଣ୍ଡଗିରି ରାସ୍ତାରେ ଭୟଙ୍କର ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କା ଦେବାପରେ ଡିଭାଇଡରରେ ପିଟି ହୋଇଛନ୍ତି ବାଇକ୍ ଆରୋହୀ। ଦୁର୍ଘଟଣାରେ ବାଇକ୍ ଆରୋହୀ ଓ ତାଙ୍କ ସାଙ୍ଗଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପୁରୀ ଜିଲ୍ଲା ଚାରିଛକ ଅଞ୍ଚଳର ଦେବାଂଶୁ ପ୍ରଧାନ (୨୨) ଓ ଅନୁଗୋଳର ସିପୁନା ସାହୁ (୧୯)।



ମିଳିଥିବା ସୂଚନା ମୁତାବକ, ସିପୁନା ରାଜଧାନୀ କଲେଜରେ ବିସିଏ ପଢୁଥିବା ବେଳେ ଦେବାଂଶୁ ୧୦୮ କଲ୍ ସେଣ୍ଟରରେ ଚାକିରି କରୁଥିଲେ। ଉଭୟ ସତ୍ୟନଗର ଅଞ୍ଚଳରେ ରହୁଥିଲେ। ବୁଧବାର ରାତି ପ୍ରାୟ ସାଢେ ୨ଟା ସମୟରେ ସିପୁନା ଓ ଦେବାଂଶୁ ବାଇକ୍ ଯୋଗେ ପୋଖରୀପୁଟ ପଟରୁ ଖଣ୍ଡଗିରି ଆଡ଼କୁ ଆସୁଥିଲେ। ଗଣ୍ଡମୁଣ୍ଡା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ଅତିକ୍ରମ କରୁଥିବା ବେଳେ ହଠାତ୍ ଏକ ଅଜଣା ଗାଡ଼ି ତ ପଛରୁ ଧକ୍କା ଦେଇଥିଲା। ଫଳରେ ସିପୁନା ଓ ଦେବାଂଶୁ ଭାରସାମ୍ୟ ହରାଇ ହରାଇ ଡିଭାଇଡରରେ ପିଟି ହୋଇ ଯାଇଥିଲେ। ଏମିତିକି ବାଇକଟି ସିନେମା ଶୈଳୀରେ ଉପରକୁ ଉଠି ତଳକୁ ପଡ଼ିଥିଲା।

ଦୁର୍ଘଟଣା ପରେ ଗାଡ଼ି ଓ ଦୁଇ ସାଙ୍ଗ ଅଲଗା ଅଲଗା ଛିଟିକି ଯାଇଥିଲେ। ଜଣେ କାନ୍ଥରେ ମାଡ଼ ହୋଇଥିବା ବେଳେ ଆଉଜଣେ ଏକ ଗାଡ଼ିରେ ମାଡ଼ ହୋଇଥିଲେ। ଉଭୟଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହାସହିତ ସେମାନେ ଚେତାଶୂନ୍ୟ ହୋଇଯାଇଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ଉଠି ପଡ଼ିଥିଲେ। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେବାଂଶୁ ଓ ସିପୁନାକୁ ଉଦ୍ଧାର କରି ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ଜିଲ୍ଲା ବିଜେଡି ସମ୍ପାଦକ ତାପସ ମହାନ୍ତିଙ୍କୁ ହତ୍ୟା ଧମକ**

## ବାଦାମବାଡ଼ି ଥାନାରେ ବିଧାୟକ ସୌଭିକଙ୍କ ନାଁରେ ଏତଲା

କଟକ,୨।୭(ସମିସ): ବାଦାମବାଡ଼ି ଥାନାରେ ଆଜି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ନାଁରେ ଏତଲା ହୋଇଛି। ଲିଙ୍କ୍‌ରୋଡସ୍ଥିତ ଏକ ଘରୋଇ ମଣ୍ଡପରେ ନିଜ ସମ୍ପର୍କୀୟଙ୍କ ବିବାହ ଭୋଜିରେ ସପରିବାର ଯୋଗ ଦେବାକୁ ଯାଇଥିବା ବେଳେ କଟକ ଜିଲ୍ଲା ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତିଙ୍କୁ ସେଠାରେ ଦେଖି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇ ପିଠିରେ ହାତ ମାରି ଜୀବନରୁ ଶେଷ କରିଦେବାକୁ ଧମକ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ବିଜୁ ଜନତା ଦଳର ପରାଜୟ ଏବଂ ବିଜେପି ରାଜ୍ୟରେ କ୍ଷମାତାସୀନ ହେବା ଦିନଠାରୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେଡି ଦଳର ବରିଷ୍ଠ ନେତା ଏବଂ ଦଳ ବିରୋଧରେ ନାନାଦି ମନଗଢା କାହାଣୀ ରଚନା କରି ବିଭିନ୍ନ ପ୍ରକାର ଭିତ୍ତିହୀନ ଅଭିଯୋଗ କରୁଥିଲେ। ଯାହାଫଳରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସଚ୍ଚୋଟ ଦଳୀୟ କର୍ମୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଦଳୀୟ ବିଧାୟକଙ୍କ ସଭା ଅନୁଷ୍ଠିତ ହେଉଥିବା ବେଳେ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ ଅନାଧିକୃତ ଭାବେ ସେଠାରେ ଜୋରଜବରଦସ୍ତ ପ୍ରବେଶ କରି ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଆଶାଳୀନ ଭାଷା ପ୍ରୟୋଗ କରି ଗଣ୍ଡଗୋଳ କରିବାରୁ ସେଠାରୁ ବିତାଡ଼ିତ ହେବା ସହିତ ଦଳରୁ ବହିଷ୍କୃତ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟସଭା ନିର୍ବାଚନରେ ତାଙ୍କର ବିଧାୟକ ପୁତ୍ର ସୌଭିକ ବିଶ୍ୱାଳ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ କ୍ରସ ଭୋଟିଙ୍ଗ୍ କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାରୁ ତାଙ୍କୁ ବିଜେଡ଼ି ଦଳରୁ ନିଲମ୍ବନ କରାଯାଇଛି। ବାପା ଦଳରୁ ବହିଷ୍କାର ପୁଅ ଦଳରୁ ନିଲମ୍ବନ ହେବା ପରଠାରୁ ଯୋଉଁମାନେ ଦଳୀୟ ମାନସିକତାରେ ରହି ବିଜେଡ଼ି ଦଳ ପାଇଁ କାମ କରୁଛନ୍ତି, ସେମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ରଖି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଦେଖାହେଲେ ବିଧାୟକ ବିଭିନ୍ନ କଟୁ ସମାଲୋଚନା କରିବା ସହିତ ଧମକ ଚମକ ଦେଉଛନ୍ତି।

ଗତକାଲି ଏଭଳି ଏକ ଅଭାବନୀୟ ଘଟଣାରେ ଶ୍ରୀ ମହାନ୍ତି ନିଜର ଜୀବନ ପ୍ରତି ବିପଦ ଅନୁଭବ କରି ଦଳୀୟ ନେତାଙ୍କ ସହ ପରାମର୍ଶକ୍ରମେ ଆଇନର ଆଶ୍ରୟ ନେଇ ବାଦାମବାଡ଼ି ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। କଟକ କମିସନରେଟ ପୁଲିସର ଏସିପି ଅଶୋକ କୁମାର ଗିରି ଏବଂ ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ରାଉଳଙ୍କ ନିକଟରେ ଅଭିଯୋଗ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା,ରାଜ୍ୟ ବିଜେଡ଼ି, ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୟ ସାହୁ, ସୌମିତ ମିତ୍ର, ମହାନଗର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା,ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂହ, ଉପସଭାପତି ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ଦେବେନ୍ଦ୍ର କାହାଳି, ନିମାଇଁ ବିଶ୍ୱାଳ, ମିତାଲି ଭଞ୍ଜ, କଟକ ଜିଲ୍ଲା ଯୁବ ବିଜେଡ଼ି ସଭାପତି ସ୍ମୃତିରଂଜନ ନାୟକ, ବିଭୂତି ସ୍ୱାଇଁ, ଯୁଧିଷ୍ଠିର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

■ **ଅଡୁଆରେ ପ୍ରଭାତ ବିଶ୍ୱାଳ**

## ସିସୋର ଠକେଇ ମାମଲା ରଦ୍ଦ ପାଇଁ ମନାକଲେ ହାଇକୋର୍ଟ

କଟକ,୨।୭(ସମିସ): ବହୁଚର୍ଚ୍ଚିତ ସିସୋର ଚିଟ୍‌ଫଣ୍ଡ ଘଟଣାକୁ ନେଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ବିରୋଧରେ ବିଚାରାଧୀନ ସିବିଆଇ ମାମଲା ରଦ୍ଦ କରିବାକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ଏଥିସହ ଶ୍ରୀ ବିଶ୍ୱାଳଙ୍କ ବିରୋଧରେ ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତରେ ଚାଲିଥିବା ଏହି ମାମଲାର ଶୁଣାଣି ୬ ମାସ ଭିତରେ ସଂପୂର୍ଣ୍ଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ମାମଲା

■ **୬ ମାସରେ ଶୁଣାଣି ଶେଷ ପାଇଁ ନିର୍ଦ୍ଦେଶ**

ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଶ୍ରୀ ବିଶ୍ୱାଳଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପୂର୍ବରୁ ଶ୍ରୀ ବିଶ୍ୱାଳଙ୍କ ପକ୍ଷରୁ ରୁଜୁ ସମାନ ମାମଲାରେ ଏକ ବର୍ଷ ଭିତରେ ମାମଲାର ଶୁଣାଣି ଶେଷ କରିବାକୁ ଗତ ୨୦୨୩, ଏପ୍ରିଲ ୧୧ରେ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୩ ବର୍ଷ ପରେ ବି ଶୁଣାଣି ସରି ନଥିବା ତଥା ତ୍ୱରିତ ଶୁଣାଣିର ଅଧିକାର ଉଲ୍ଲଂଘନ ହୋଇଥିବାରୁ ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତରେ ତାଙ୍କ ବିରୋଧରେ ବିଚାରାଧୀନ ମାମଲାକୁ ରଦ୍ଦ କରାଯାଉ ବୋଲି ଶ୍ରୀ ବିଶ୍ୱାଳଙ୍କ ତରଫରୁ ଦର୍ଶାଯାଇଥିଲା। ସିବିଆଇ ତରଫରୁ ଶ୍ରୀ ବିଶ୍ୱାଳଙ୍କ ଆବେଦନକୁ ବିରୋଧ କରାଯିବା ସହ ଚାର୍ଜସିଟରେ ଉଲ୍ଲେଖ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ବାକି ଅଛି ବୋଲି କୁହାଯାଇଥିଲା। ପ୍ରକାଶଥାଉକି, ସିସୋର ଚିଟଫଣ୍ଡ ମାମଲାରେ ଶ୍ରୀ ବିଶ୍ୱାଳଙ୍କୁ ସିବିଆଇ ଗିରଫ କରିଥିଲା। ହାଇକୋର୍ଟ ଶ୍ରୀ ବିଶ୍ୱାଳଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ। ଶ୍ରୀ ବିଶ୍ୱାଳଙ୍କ ତରଫରୁ ଆଇନଜୀବୀ ହେମନ୍ତ କୁମାର ମୁଣ୍ଡ, ଅନିମା ଦେଇ ଓ ସିବିଆଇ ପକ୍ଷରୁ ଆଇନଜୀବୀ ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ।

**କୃଷି ବିଭାଗରେ ନିଯୁକ୍ତି ଦୁର୍ନୀତି ଅଭିଯୋଗ**

## ଯୋଗ୍ୟତା ନ ଥାଇ ବିତ୍ତ ଓ ପ୍ରଶାସନିକ ବିଶେଷଜ୍ଞ

ଭୁବନେଶ୍ୱର, ୨।୭(ସମିସ): ରାଜ୍ୟରେ କୃଷି ବିଭାଗ ଓ ଏହା ଅଧୀନସ୍ଥ ସଂସ୍ଥାଗୁଡ଼ିକରେ ଯୋଗ୍ୟତା ନ ଥାଇ ଅନେକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ବିଶେଷ କରି ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ୍) କାର୍ଯ୍ୟାଳୟ ନିଯୁକ୍ତି ଦୁର୍ନୀତିର କେନ୍ଦ୍ର ପାଲଟିଥିବା କୁହାଯାଉଛି। ଏସ୍‌ପିଏମ୍‌ୟୁ ଜିଏଫ୍-୭ ଫୋଲୁର୍ ପ୍ରୋଜେକ୍ଟରେ ଷ୍ଟେଟ୍ ଭାଲ୍ୟୁ ଚେନ୍ ଏକ୍ସପର୍ଟ ଓ ଏମ୍‌ଇ ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ ପଦରେ ତଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ନେଇ ପୂର୍ବରୁ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏବେ ଷ୍ଟେଟ୍ ଫାଇନାନ୍ସ ଆଣ୍ଡ ଆଡମିନିଷ୍ଟ୍ରେସନ୍ ଏକ୍ସପର୍ଟ (ଏସ୍‌ଏଫ୍‌ଏ) ପଦ ନିଯୁକ୍ତିରେ ମଧ୍ୟ ଅନୁରୂପ ଭାବେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି।

**ସନ୍ଦେହଘେରରେ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ ଅଧିକାରୀଙ୍କ ଭୂମିକା**

ଅଭିଯୋଗ ଅନୁସାରେ ଆମେରିକା ସହଯୋଗରେ ଚାଲିଥିବା ଜିଏଫ୍-୭ ଫୋଲୁର୍ ପ୍ରୋଜେକ୍ଟ ପାଇଁ ଏସ୍‌ଏଫ୍‌ଏ ପଦରେ ଜଣେ ଅଧିକାରୀଙ୍କୁ ୨୦୨୪ ଜୁଲାଇ ମାସରେ ନିଯୁକ୍ତି ମିଳିଛି। ୨୦୨୫ରେ ତାଙ୍କ କାର୍ଯ୍ୟକାଳକୁ ୫ ପ୍ରତିଶତ ବର୍ଦ୍ଧିତ ଦରମା ସହ ପୁଣି ବର୍ଷେ ବୃଦ୍ଧି କରାଯାଇଛି। ମାତ୍ର ସମ୍ପୃକ୍ତ ଅଧିକାରୀଙ୍କ ଯୋଗ୍ୟତାକୁ ନେଇ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ଯେଉଁ ପ୍ରାର୍ଥୀ ୨୦୨୩ ମସିହାରେ ଶ୍ରେଷ୍ଠ ୧୦୦ ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରୁ ସ୍ନାତକ ଓ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିବେ, ସେହି ପ୍ରାର୍ଥୀଙ୍କୁ ଅତିରିକ୍ତ ଭାବେ ୫ ମାର୍କ ଲେଖାଏଁ ମୋଟ୍ ୧୦ ମାର୍କ ମିଳିବାର ପ୍ରାବଧାନ ଥିଲା। ମାତ୍ର ସମ୍ପୃକ୍ତ ପ୍ରାର୍ଥୀ ବିଜେବି କଲେଜରୁ ସ୍ନାତକ ଓ ପୁରୀର ଏସ୍‌ସିଏସ୍ କଲେଜରୁ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଦୁଇ ଶିକ୍ଷାନୁଷ୍ଠାନ ୨୦୨୩ରେ ଶ୍ରେଷ୍ଠ ୧୦୦ ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗ ମଧ୍ୟରେ ସ୍ଥାନ ପାଇ ନ ଥିଲା। ଏହା ସତ୍ତ୍ୱେ ତାଙ୍କୁ ଅତିରିକ୍ତ ଭାବେ ୧୦ ମାର୍କ ପ୍ରଦାନ କରାଯାଇଛି। ମୃତିକା ସଂରକ୍ଷଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ଫୋଲୁର୍ ଜିଏଫ୍-୭ ପ୍ରୋଜେକ୍ଟର ସ୍କିମ୍ ଅଫିସର ଓ ଜିଏଫ୍-୬ ପ୍ରୋଜେକ୍ଟରେ କାର୍ଯ୍ୟରତ ଜଣେ ଅଫିସର ସାର୍ଟିଫିକେଟ୍ ଭେରିଫିକେସନ୍ କରିଥିଲେ ଓ ଉଭୟ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଅଧିକ ନମ୍ବର ଦେଇଥିବା ସ୍ପଷ୍ଟ ହୋଇଛି। ଏପରିକି ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜମେଣ୍ଟରେ ଅଭିଜ୍ଞତା ନ ଥାଇ ତାଙ୍କୁ ଅଧିକ ମାର୍କ ଦିଆଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ଯୋଗ୍ୟତା ପାଇଁ ପାଇଥିବା ଅତିରିକ୍ତ ମାର୍କକୁ ବାଦ୍ ଦେଲେ ସେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେଉ ନାହାନ୍ତି। ଅପରପକ୍ଷରେ ସମ୍ପୃକ୍ତ ପ୍ରାର୍ଥୀ ଏହି ପ୍ରୋଜେକ୍ଟରେ ନିଯୁକ୍ତି ପାଇବା ପୂର୍ବରୁ ଇମେଜ୍ ଅଧିନରେ ଅନ୍ୟ ଏକ ପ୍ରୋଜେକ୍ଟରେ କାର୍ଯ୍ୟରତ ଥିଲେ। ମାତ୍ର ପଦ ପାଇଁ ଦରମା ଅଧିକ ହୋଇଥିବାରୁ ତାଙ୍କୁ ତଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ନିଯୁକ୍ତି ଦୁର୍ନୀତି ସମ୍ପର୍କରେ ଇମେଜ୍ ଅଧିକାରୀମାନେ ମୁହଁ ଖୋଲୁ ନଥିବାବେଳେ ଅନୌପଚାରିକ ଭାବେ ତଞ୍ଚକତାକୁ ସ୍ୱୀକାର କରୁଛନ୍ତି। କୃଷି ବିଭାଗରେ ଏପରି ମାଳମାଳ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସରକାର କିପରି କିଛି ଜାଣିପାରି ନାହାନ୍ତି ବା ଜାଣି ମଧ୍ୟ ଆଖିବୁଜି ଦେଇଛନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**କାମ ଆରମ୍ଭ କଲେ କଂଗ୍ରେସ ନୂଆ ପ୍ରଭାରୀ**

## ଦିନ ତମାମ ଜିଲ୍ଲା ସଭାପତିମାନଙ୍କ ସହ ପୃଥକ୍ ବୈଠକ

ଭୁବନେଶ୍ୱର,୨।୭(ସମିସ): ରାଜ୍ୟରେ ଚାଲିଥିବା ଭ୍ରଷ୍ଟାଚାରୀ ବିଜେପି ସରକାର ବିରୋଧରେ ଆଗକୁ ବଡ଼ ରଣନୀତି ପ୍ରସ୍ତୁତ ହେବ। କେତେକ ସ୍ଥାନରେ ପଦଯାତ୍ରା ଆୟୋଜନ ସହ କେତେକ ସ୍ଥାନରେ ସଂଗଠନ ମାଧ୍ୟମରେ ଲୋକଙ୍କ ପାଖରେ କଂଗ୍ରେସ ପହଞ୍ଚିବ। ଗାନ୍ଧୀ, ନେହରୁ, ସର୍ଦ୍ଦାର ଓ ସୁଭାଷଙ୍କ ବିଚାରଧାରାକୁ ନେଇ ଦଳ ଲୋକଙ୍କ ନିକଟରେ ପହଞ୍ଚିବ ଓ ଓଡ଼ିଶାରେ କଂଗ୍ରେସ ସରକାର ଗଠନ ପାଇଁ ଭରପୁର ପ୍ରୟାସ କରାଯିବ ବୋଲି ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ କହିଛନ୍ତି। ଗୁରୁବାର ଶ୍ରୀ ଦେଶାଇ ଦିନ ତମାମ ରାଜ୍ୟ କଂଗ୍ରେସର ୩୫ ଟି ସାଂଗଠନିକ ଜିଲ୍ଲା ସଭପତିଙ୍କ ସହ ଆଲୋଚନା କରିବା ସହ ଆଗକୁ ବ୍ୟାପକ ରଣନୀତି କରାଯିବ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ସେ ଜିଲ୍ଲା ସଭାପତିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିବା ବେଳେ ସମସ୍ତଙ୍କୁ ୱାନ-ଟୁ-ୱାନ୍ ଭେଟି ଆଗାମୀ ରଣନୀତି ବିଷୟରେ ଆଲୋଚନା କରିଛନ୍ତି। ଜିଲ୍ଲା ସଭାପତିମାନଙ୍କ ସହ ଆଲୋଚନା ବେଳେ ସେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିବା ବେଳେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲାସଭାପତିମାନଙ୍କୁ ଦିଆଯାଇଥିବା ପୁରୁଣା ଟାସ୍କର ମଧ୍ୟ ସମୀକ୍ଷା କରିଛନ୍ତି। ଏହାସହିତ ଜିଲ୍ଲାସ୍ତରରେ ସଭାପତିମାନେ କିପରି ସମସ୍ତଙ୍କୁ ସାଂଗରେ ନେଇ ଆଗକୁ ବଢ଼ିବେ ଓ ବୁଥ୍ କମିଟି ଗଠନ କରିବେ ସେନେଇ ମଧ୍ୟ ଜିଲ୍ଲା ସଭାପତିଙ୍କ ସହିତ ଆଲୋଚନା ହୋଇଛି। ରାଜ୍ୟ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ଶ୍ରୀ ଦେଶାଇ ବୁଧବାର ରାତିରେ ପ୍ରଥମ ଥର ପାଇଁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଭବୁନେଶ୍ୱରରେ ପହଞ୍ଚିଛନ୍ତି। ଏହି କ୍ରମରେ ଆଜି ସେ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସମସ୍ତ ଜିଲ୍ଲା ସଭାପତିଙ୍କ ସହ ବୈଠକ କରିଥିବା ବେଳେ ଶୁକ୍ରବାର ମଧ୍ୟ ତାଙ୍କର ମାରାଥନ ବୈଠକ କାର୍ଯ୍ୟକ୍ରମ ରହିଛି। ଦିନ ୧୧ ଟାରେ କଂଗ୍ରେସ ଭବନରେ ପଲିଟିକାଲ ଆଫେୟାର୍ସ କମିଟି (ପିଏସି) ବୈଠକ ବସିବା ସହ ଏଥିରେ ପ୍ରଭାରୀ ଶ୍ରୀ ଦେଶାଇ ଯୋଗ ଦେବେ। ଏହାପରେ ସେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**ଆଜି ବସିବ ପିଏସି ବୈଠକ, ପରେ ବରିଷ୍ଠ ନେତାଙ୍କ ସହ ଆଲୋଚନା**




ଗତ ଜୁନ୍ ୨୮ ତାରିଖରେ ଏଆଇସିସି ପକ୍ଷରୁ ଲାଲାଜୀ ଦେଶାଇଙ୍କୁ ଆନୁଷ୍ଠାନିକ ଭାବେ ଓଡ଼ିଶା ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ହୋଇଥିବାରୁ ଏହାକୁ ନେଇ କଂଗ୍ରେସ ଶିବିର ବେଶ୍ ଉତ୍ସାହିତ ଅଛି। ରାଜ୍ୟରେ ଆଗକୁ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦଳର ତୃଣମୂଳ ସ୍ତରର ସଂଗଠନକୁ ସୁଦୃଢ଼ କରିବା, କର୍ମୀଙ୍କ ଭିତରେ ନୂଆ ଉତ୍ସାହ ଭରିବା ହିଁ ନୂଆ ପ୍ରଭାରୀଙ୍କ ମୂଳ ଲକ୍ଷ୍ୟ ରହିବ ବୋଲି ଜଣାପଡ଼ିଛି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/02**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2026 କଟ୍ ଅଫ୍) |
|---|---|---|---|
| ସହାୟକ ପରିଚାଳକ (ଆଇନ) | ଜେଏମଜିଏସ୍-I | 20 | 30 ବର୍ଷ |
| ଉପ ପରିଚାଳକ (ଆଇନ) | ଏମ୍‌ଏମ୍‌ଜିଏସ୍-II | 27 (ନିୟମିତ) ଏବଂ 02 (ବ୍ୟାକ୍‌ଲଗ୍) | 35 ବର୍ଷ |
| **ବିଜ୍ଞାପନ ସଂ. CRPD/SCO/2026-27/03** | | | |
| ବ୍ୟାଙ୍କ ଚିକିତ୍ସା ଅଧିକାରୀ | ଏମ୍‌ଏମ୍‌ଜିଏସ୍-II | 35 | 35 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi.in/web/careers/post-your-query)ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 24.06.2026 ରୁ 14.07.2026 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 24.06.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ପଞ୍ଚାୟତ ଉନ୍ନୟନ ସମ୍ପର୍କିତ ତାଲିମ



କିଶୋରନଗର,୨।୭ (ସମିସ): କିଶୋରନଗର ବ୍ଲକ ସଭାଗୃହରେ ପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତି ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଶୁଭକାନ୍ତ ନାଏକ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ସିପି ଧନେଶ୍ୱର ସାହୁ, ଜିପିଡିଓ ସୁରେଶ ଚନ୍ଦ୍ର ସାହୁ ସରପଞ୍ଚ, ସମିତି ସଭ୍ୟ, ପିଇଓମାନଙ୍କୁ ପଞ୍ଚାୟତଗୁଡ଼ିକରେ ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ଯୋଜନା ପ୍ରସ୍ତୁତି କିପରି କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

# ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଅନୁଗୋଳ,୨।୭ (ସମିସ): ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ, ଅନୁଗୋଳ ଶାଖା ତରଫରୁ ବ୍ୟାଙ୍କର ଏଜିଏମ୍ ବାଣୀ ସିହ୍ନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପରିଡ଼ା, ବରିଷ୍ଠ କର୍ମଚାରୀ ତଥା ୟୁନିୟନର ଉପସଭାନେତ୍ରୀ ବିନୋଦିନୀ ସିଂହ, ପ୍ରଶାନ୍ତ କୁମାର ସିଂହସାମନ୍ତ, ଶଙ୍କର ମାଝୀ, ରୁଦ୍ରମୋହନ ମିଶ୍ର, ସଞ୍ଜିତ କୁମାର ମିଶ୍ର, ସଚଳା ସାହୁ, ଜୀବନାନନ୍ଦ ହୋତା ପ୍ରମୁଖ ଯୋଗଦେଇ ଏଜିଏମ୍ ସିହ୍ନାଙ୍କ ଚାକିରି ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଜ ବିଦାୟୀ ଅଭିଭାଷଣରେ ଏଜିଏମ୍ ସିହ୍ନା ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଏବଂ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅନୁଗୋଳରୁ ନକଲି ପୁଲିସ ଗିରଫ

- ଏସ୍‌ପି ଅଫିସ୍ ସମ୍ମୁଖରୁ ମାଡ଼ିବସିଲା ଟାଉନ୍ ଥାନା ପୁଲିସ



ଅନୁଗୋଳ,୨।୭ (ସମିସ): ଅନୁଗୋଳ ସହରରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଅନୁଦୋଶ ଏସ୍‌ପି ଅଫିସ୍ ସମ୍ମୁଖରୁ ଜଣେ ନକଲି ପୁଲିସ କର୍ମଚାରୀଙ୍କୁ ଗିରଫ କରିଛି ଟାଉନ୍ ଥାନା ପୁଲିସ। ଗିରଫ ଯୁବକ ଜଣକ ଛେଣ୍ଡିପଦା ଅଞ୍ଚଳର ରବି ନାରାୟଣ ବେହେରା ବୋଲି ସୂଚନା ମିଳିଛି।

ଗୁରୁବାର ଅପରାହ୍ନରେ ରବିନାରାୟଣ ପୁଲିସ କନଷ୍ଟେବଲ ପୋଷାକ ପିନ୍ଧି, ନେମ୍ ପ୍ଲେଟ୍ ଓ ବ୍ୟାଜ୍ ଲଗାଇ ଏସ୍‌ପି ଅଫିସ୍ ଆଗରେ ସନ୍ଦେହଜନକ ଭାବେ ବୁଲୁଥିଲେ। ତାଙ୍କ ହାବଭାବ ଏବଂ ଗତିବିଧି ଦେଖି ସେଠାରେ ନିୟୋଜିତ ଟାଉନ ଥାନା ପୁଲିସର ସନ୍ଦେହ ହୋଇଥିଲା। ପରେ ପୁଲିସ ତାଙ୍କୁ କାବୁ କରି ପଚରାଉଚରା କରିବା ସହ ଖାନତଲାସୀ କରିଥିଲା। ଯାଞ୍ଚ ସମୟରେ ରବିନାରାୟଣଙ୍କ ନିକଟରୁ ଓଡ଼ିଶା ପୁଲିସ ସିକ୍ୟୁରିଟିର ଏକ ନକଲି ନିଯୁକ୍ତିପତ୍ର ଜବତ କରାଯାଇଛି। ସେ ପୁଲିସ ପୋଷାକର ଅପବ୍ୟବହାର କରି କୌଣସି ଆପରାଧିକ କାର୍ଯ୍ୟ ବା ଠକେଇ ଉଦ୍ଦେଶ୍ୟରେ ସେଠାକୁ ଆସିଥିଲେ କି ନାହିଁ, ସେ ନେଇ ପୁଲିସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଠାକୁରଗଡ଼ ଥାନାରେ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' କାର୍ଯ୍ୟକ୍ରମ



କିଶୋରନଗର,୨।୭ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଥାନା ପରିସରରେ ଓଡ଼ିଶା ପୁଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଏବଂ ବିପଥଗାମୀ ଯୁବପିଢ଼ିଙ୍କୁ ସଠିକ୍ ମାର୍ଗକୁ ଆଣିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମାଜରେ ବଢ଼ି ଚାଲିଥିବା ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ଏହି ଅଭିଯାନ ସମ୍ପର୍କରେ ସ୍ୱତନ୍ତ୍ର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

ନିଶାମୁକ୍ତ ସମାଜ ଗଠନ କେବଳ ପୁଲିସର ଦାୟିତ୍ୱ ନୁହେଁ, ଏଥିରେ ଜନସାଧାରଣ ବିଶେଷ କରି ଯୁବପିଢ଼ିଙ୍କ ସହଭାଗିତା ଏକାନ୍ତ ଜରୁରୀ। ଆଗାମୀ ଦିନରେ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଏବଂ ସାମାଜିକ ସ୍ତରରେ ଏହି ଅଭିଯାନକୁ ଆହୁରି ବ୍ୟାପକ ଓ କ୍ରିୟାଶୀଳ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଠାକୁରଗଡ଼ ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ଏସ୍‌ଆଇ ମନୋଜ କୁମାର ବେହେରା, ଏଏସଆଇ ଯଶୋବନ୍ତ ନାୟକ, କେଶବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ସୁଜିତ କୁମାର ଦେହୁରୀ, ମନୋଜ ରାଉତ, ଶତ୍ରୁଘ୍ନ ସାହୁ, ଧନଞ୍ଜୟ ନାୟକ, ଚୌଧୁରୀ ସାଏ, ହେମନ୍ତ କୁମାର ଖୁଣ୍ଟିଆ, ଅନାମ ସ୍ୱାଇଁ ପ୍ରମୁଖଙ୍କ ସମେତ ଲକ୍ଷ୍ମୀ ବଜାର, ଗଣେଶ ବଜାର ଓ ଦୁର୍ଗା ବଜାରର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିଯୁକ୍ତି ଦାବିରେ କଣିହାଁ କୋଇଲା ଖଣି ଅଚଳ



କଣିହାଁ,୨।୭ (ସମିସ):

ଏମସିଏଲ କଣିହାଁ ଓପନକାଷ୍ଟ ପ୍ରକଳ୍ପ (ଓସିପି)ରେ ନୂତନ ଠିକାସଂସ୍ଥା ଏ ଆଣ୍ଡ ଏ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମାଟି ଖନନ, ଉତ୍ତୋଳନ ଓ ପରିବହନ ଏବଂ ଭିଏଫପିଏଲ ଦ୍ୱାରା କୋଇଲା ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୁଣା ଠିକା ସଂସ୍ଥାରେ କାର୍ଯ୍ୟରତ ୫୫୦ ଠିକା ଶ୍ରମିକଙ୍କ ମଧ୍ୟରୁ ମାତ୍ର ୨୧୬ ଜଣଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି ମିଳିଥିବାରୁ ଅବଶିଷ୍ଟ ଶ୍ରମିକ ଓ ଜମିହରା ପରିବାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ବୁଧବାର ସକାଳେ ଶତାଧିକ ଠିକା ଶ୍ରମିକ, ଜମିହରା ପରିବାରର ସଦସ୍ୟ ଓ ମହିଳା ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ କୋଇଲା ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ସହ ଖଣି ପରିସରରେ ଶହ ଶହ ହାଇୱା ଓ ଅନ୍ୟ ଯାନବାହାନ ଅଟକି ରହିଥିଲା। ଆନ୍ଦୋଳନସ୍ଥଳରେ କଣିହାଁ କ୍ଷେତ୍ରର ମହାପ୍ରବନ୍ଧକ ନରେଶ ସିଂ କହିଥିଲେ ଯେ ନିଯୁକ୍ତି ପାଇଥିବା ୨୧୬ ଜଣଙ୍କ ମଧ୍ୟରୁ ୧୯୬ ଜଣ ଅଧିଗ୍ରହୀତ ଜମିହରା ଓ ପାରିପାର୍ଶ୍ୱିକ ଅଞ୍ଚଳର କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ଏବଂ ଅବଶିଷ୍ଟ ୨୦ ଜଣ ପୂର୍ବରୁ କାର୍ଯ୍ୟରତ ଶ୍ରମିକ ଓ କମ୍ପାନୀର ନିଜସ୍ୱ କର୍ମଚାରୀ। ବର୍ତ୍ତମାନ ପର୍ଯ୍ୟାପ୍ତ ସାଇଡିଂ ନ ଥିବାରୁ ସମସ୍ତଙ୍କୁ ଏକକାଳୀନ ନିଯୁକ୍ତି ଦେବା ସମ୍ଭବ ହୋଇନାହିଁ। ନୂତନ ସାଇଡିଂ କାର୍ଯ୍ୟକ୍ଷମ ହେବା ପରେ ପର୍ଯ୍ୟାୟକ୍ରମେ ଅବଶିଷ୍ଟ ଯୋଗ୍ୟ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦିଆଯିବ। ତେବେ ଏହି ପ୍ରସ୍ତାବରେ ଆନ୍ଦୋଳନକାରୀ ସନ୍ତୁଷ୍ଟ ହୋଇ ନ ଥିଲେ। ସମସ୍ତ ଯୋଗ୍ୟ କ୍ଷତିଗ୍ରସ୍ତ ଓ ପୁରୁଣା ଠିକା ଶ୍ରମିକଙ୍କୁ ଥଇଥାନ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ସ୍ପଷ୍ଟ କରିଥିଲେ। ଖବର ପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହିତ ସମାଧାନ ପାଇଁ ପ୍ରଶାସନ ଓ ଏମସିଏଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସମାଧାନୀ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ବିଧାୟକ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ରାଜେନ୍ଦ୍ର ପ୍ରସାଦ ସିଂ, ବିଜେପି ନେତା ବିରଞ୍ଚିନାରାୟଣ ସାହୁ, ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, ତହସିଲଦାର ପ୍ରଣବ କୁମାର ସାହୁ, କଣିହାଁ କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂ, ପ୍ରକଳ୍ପ ଅଧିକାରୀ, କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ, ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ଆଞ୍ଚଳିକ କ୍ଷତିଗ୍ରସ୍ତ ଜମିହରା ସର୍ବଦଳୀୟ କମିଟିର ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ୧୨ ଖଣ୍ଡ ମୌଜାର ଜମିହରା ପରିବାରଙ୍କୁ

## ସମାଧାନ ବୈଠକରେ ଜମିହରାଙ୍କୁ ପ୍ରାଥମିକତା

ନିଯୁକ୍ତିରେ ପ୍ରାଥମିକତା, ପାରିପାର୍ଶ୍ୱିକ ଅଞ୍ଚଳର ଡ୍ରାଇଭର, ହେଲପର ଓ ସୁପରଭାଇଜରଙ୍କୁ ପର୍ଯ୍ୟାୟକ୍ରମେ ଥଇଥାନ, ସୁରକ୍ଷା କର୍ମଚାରୀଙ୍କ ପାଇଁ ସ୍କ୍ରିନିଂ କମିଟି ଗଠନ ଏବଂ ସ୍ଥାନୀୟ ଯୁବକଙ୍କୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି ହୋଇଛି। ନୂତନ ସାଇଡିଂ କାର୍ଯ୍ୟକ୍ଷମ ହେବା ସହ ଅବଶିଷ୍ଟ ଯୋଗ୍ୟ କ୍ଷତିଗ୍ରସ୍ତଙ୍କୁ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ବୈଠକ ପରେ ପ୍ରଶାସନ ପକ୍ଷରୁ ଆଲୋଚନା ସକାରାତ୍ମକ ଦିଗକୁ ଯାଇଥିବା କୁହାଯାଇଥିବା ବେଳେ, ଆନ୍ଦୋଳନକାରୀମାନେ ସମସ୍ତ ଯୋଗ୍ୟ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ଅଟଳ ରହିବେ ବୋଲି ସ୍ପଷ୍ଟ କରିଛନ୍ତି।

**ଧୋକୁଟା ସ୍କୁଲରେ ବନମହୋତ୍ସବ ସପ୍ତାହ ପାଳିତ**

# ଚାରାରୋପଣ କରି ଯତ୍ନ ନେବାକୁ ପରାମର୍ଶ

ଅନୁଗୋଳ,୨।୭ (ସମିସ): ଅନୁଗୋଳ ବ୍ଲକ ଧୋକୁଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ସଚେତନତା ସଭା, ଚାରାରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ସ୍ଥାନୀୟ ସରପଞ୍ଚ ସତ୍ୟାନନ୍ଦ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଈଶ୍ୱର ଚନ୍ଦ୍ର ଦେହୁରୀ, ଇକୋ କ୍ଲବ ଶିକ୍ଷୟିତ୍ରୀ ସ୍ୱାଗତିକା ରାଉତ ଏବଂ ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ବାଡ଼ି ବଗିଚାରେ ଚାରାରୋପଣ କରି ତାହାର ଯତ୍ନ ନେବାକୁ ଅତିଥି ପରାମର୍ଶ ଦେଇଥିଲେ। ସ୍କୁଲ ପରିସରରେ ଓଉ, ପେସ୍ତାବାଦାମ, ଅଁଳା ଚାରା ରୋପଣ




## ଛାତ୍ରଛାତ୍ରୀଙ୍କୁ ଫଳଚାରା ବଣ୍ଟନ

କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ପିଜୁଳି, ଅଁଳା, ଡାଳିମ୍ବ, ଆତ ପ୍ରଭୃତି ଚାରା ବଣ୍ଟନ କରାଯାଇଥିଲା। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତି ସଂଯୋଜକ ପ୍ରିୟବ୍ରତ ବେହେରାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର,୨।୭ (ସମିସ): କିଶୋରନଗର ବ୍ଲକ ହିମିତିରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ଶତପଥୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃପାସିନ୍ଧୁ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରୋତ୍ତମ ସାହୁ, ସମ୍ମାନିତ ଅତିଥି ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସସ୍ମିତା ମାଝୀ, ଶିକ୍ଷକ କିଶୋରଚନ୍ଦ୍ର ବିଶ୍ୱାଳ, ସେନା ଅଧିକାରୀ ଅଶୋକ ସାହୁ, ବିଜୟ କୁମାର ପ୍ରଧାନ, ହରିବନ୍ଧୁ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରବୀର ପ୍ରଧାନ, ସେବା ସମବାୟ ସମିତି ସଭାପତି ବଭ୍ରୁବାହାନ ବେହେରା, ଗୋକୁଳାନନ୍ଦ ସାହୁ, ଶିକ୍ଷକ କୁଳମଣି ରଣା, ଶିକ୍ଷକ ଜୟଦ୍ରଥ ଭୋଇ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶତପଥୀ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶତପଥୀଙ୍କୁ ଉପଢୌକନ, ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରୋଟାରୀ ରୟାଲ ପକ୍ଷରୁ ଡାକ୍ତର ଏବଂ ସିଏ ଦିବସ




ଅନୁଗୋଳ,୨।୭ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ବୁଧବାର ଡାକ୍ତର ଦିବସ ଏବଂ ସିଏ ଦିବସ ପାଳନ କରାଯାଇଛି। କ୍ଲବ ସଭାପତି ରୋଟାରିଆନ ବାଣୀ ଦେବଙ୍କ ନେତୃତ୍ୱରେ ସରକାରୀ ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଶିଶୁରୋଗ ବିଶେଷଜ୍ଞ ଡା. ବିନୟ କୁମାର ନାଥ ଏବଂ ସିଏ ନେହା ଅଗ୍ରୱାଲଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରୋଟାରିଆନ ଡା. ବିଶ୍ୱଜିତ୍ ସାମଲ, ଡା. ମାଇକେଲ୍ ଜନ, ମୁରାରୀଲାଲ ଅଗ୍ରୱାଲ, ମିଳନ କୁମାର ଅଗ୍ରୱାଲ, ମଧୁ ଗୁପ୍ତା, ନୀହାର ରଞ୍ଜନ ପ୍ରସାଦ, କିରଣ ଅଗ୍ରୱାଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ଦିଶା ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା।

# ବ୍ୟାପୁଛି ଭାଇରାଲ ଜ୍ୱର

ତାଳଚେର,୨।୭ (ସମିସ): ଋତୁ ପରିବର୍ତ୍ତନ ହେଉଥିବା ବେଳେ ଏବେ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହେଉଛି। ପିଲାଠାରୁ ବୁଢ଼ାଯାଏଁ ଯାହାକୁ ଦେଖିବ ଜ୍ୱର, ଥଣ୍ଡା, କାଶରେ ଆକ୍ରାନ୍ତ। ଅଞ୍ଚଳର ମେଡିକାଲଗୁଡ଼ିକରେ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। କିଏ ଔଷଧ ଆଣି ଘରେ ଚିକିତ୍ସିତ ହେଉଛି ତ ଆଉ କିଏ ମେଡିକାଲରେ ଆଡ୍‌ମିଟ୍ ହେବାକୁ ପଡୁଛି। ତାଳଚେର ଏକ ଶିଳ୍ପବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାରେ କୋଇଲା ଖଣି ସାଙ୍ଗକୁ କଳକାରଖାନା ଗଢ଼ି ଉଠିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଲୋକଙ୍କ ମୌଳିକ ସୁବିଧାକୁ ପ୍ରଥମେ ପ୍ରାଧାନ୍ୟ ଦେବା କଥା। କିନ୍ତୁ ଏଗୁଡ଼ିକୁ ପ୍ରାଧାନ୍ୟ ଦିଆ ନ ଯାଇ ତାଳଚେର ଲୋକଙ୍କ ଜମିବାଡ଼ି, ଘରଦ୍ୱାର ସବୁ ଖଣିଖଦାନରେ ଲୀନ ହୋଇଚାଲିଛି। ଏପରି କାରଣରୁ ଲୋକେ ରୋଗଗ୍ରସ୍ତ ହେବାରେ ଲାଗିଛନ୍ତି ବୋଲି କୁହାଯାଉଛି। ଆଜକୁ ପ୍ରାୟ ୫ବର୍ଷ ହେବ ତାଳଚେରରେ ଏକ ମେଡିକାଲ କଲେଜ ନିର୍ମିତ ହୋଇଥିଲେ ହେଁ ଏହାର କାର୍ଯ୍ୟକାରୀ ଏବେସୁଦ୍ଧା ହୋଇପାରି ନାହିଁ। ଯାହାକି ତାଳଚେର ଲୋକଙ୍କ ପାଇଁ ଏକ ଅଭିଶାପ ସଦୃଶ ହୋଇଛି।

# ଆଷାଢ଼ରେ ନଦୀ ଶୁଖିଲା: ଚିନ୍ତାରେ ଚାଷୀ

ତାଳଚେର,୨।୭ (ସମିସ): ଆଷାଢ଼ ମାସରେ ଶୁଖିଲା ପଡ଼ିଛି ପ୍ରାୟ ସବୁ ନଦୀ, ନାଳ, କେନାଲ। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ରଥଯାତ୍ରା ପୂର୍ବରୁ ଚାଷୀମାନେ ରୁଆ, ବିହିଡ଼ା ସାରିଥାନ୍ତି। ପୂର୍ବରୁ ଆଷାଢ଼ ମାସରେ ପାଣିପାଗ ଅନୁକୂଳ ରହୁଥିବା ବେଳେ ପ୍ରାୟ ୧୫ରୁ ୨୦ବର୍ଷ ହେବ ଆଉ ସେହି ପରିସ୍ଥିତି ଦେଖିବାକୁ ମିଳୁନାହିଁ। ତାଳଚେର ଅଞ୍ଚଳରେ ଗଢ଼ିଉଠିଥିବା ମାଳମାଳ ଶିଳ୍ପ, କାରଖାନା ଯୋଗୁଁ ଜଙ୍ଗଲ ଜମି ପଦା କରିବା, ପାଣିମାହାରା ବିଲୁପ୍ତ କରିଦେବା ଯୋଗୁଁ ଆଜି ଏଭଳି ପରିସ୍ଥିତ ଉପୁଜୁଛି ବୋଲି ପରିବେଶବିତ ମତପ୍ରକାଶ କରୁଛନ୍ତି। ଆଷାଢ଼ ମାସରେ ନଦୀ ପାଣି ଦୁଇକୂଳ ଖାଉଥିବା ବେଳେ ବର୍ତ୍ତମାନ ସମୟରେ ବ୍ରାହ୍ମଣୀ ନଦୀକୁ ଅବଲୋକନ କଲେ କେବଳ ବାଲି ହିଁ ବାଲି ଦେଖାଯାଉଛି। କେନାଲ କଥା ପଚାରେ କିଏ? ଆଜକୁ ପ୍ରାୟ ୨ମାସ ହେବ ଜଣେ ଠିକାଦାର ଧରମପୁର ପଞ୍ଚାୟତ ଜଦାବାହାଲଠାରେ କୌଣସି କାର୍ଯ୍ୟପାଇଁ ପାଣି ଅଟକାଇ ଦେଇଥିବାରୁ ସେହି ଅଞ୍ଚଳର କେନାଲ ଉପରେ ନିର୍ଭର କରୁଥିବା ଛୋଟବଡ଼ ଚାଷୀ ମୁଣ୍ଡରେ ହାତଦେବା ସହିତ ଉକ୍ତ କେନାଲ ଉଭୟ ପାର୍ଶ୍ୱରେ ଥିବା ବସ୍ତିବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦୁଇଦିନ ହେବ ତାଳଚେର ଅଞ୍ଚଳରେ ହାଲୁକା ବର୍ଷା ଯୋଗୁଁ ଚାଷୀ ଚାଷକାର୍ଯ୍ୟ ପାଇଁ ଅଣ୍ଟା ଭିଡ଼ିଥିଲେ ମଧ୍ୟ ବିଲରେ ପର୍ଯ୍ୟାପ୍ତ ପାଣି ନ ଥିବାରୁ ନିରାଶ ହୋଇଛନ୍ତି। ଅନ୍ୟପଟେ ପୂର୍ବତନ ପାଲଲହଡ଼ା ବିଧାୟକ ହ୍ୟୁମାନ ରାଇଟ କମିଶନଙ୍କ ନିକଟରେ ଏକ ମକଦ୍ଦମା ରୁଜୁ କରିଥିଲେ। ତୁରନ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ଗ୍ରାମାଞ୍ଚଳରେ ବୃକ୍ଷରୋପଣ ସହ ବଡ଼ବଡ଼ ପୋଖରୀ ନିର୍ମାଣ କରିବାକୁ କମିଶନ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହାକୁ ଅନୁଧ୍ୟାନ କରି ପୋଖରୀ ସହ ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟିକରି ପୂର୍ବ ଅବସ୍ଥା ଫେରିବା ଆଣିବାକୁ ଦାବି ହୋଇଛି।

# ଅନୁଗୋଳରେ ୭୮ତମ ସିଏ ପ୍ରତିଷ୍ଠା ଦିବସ ପାଳିତ




ଅନୁଗୋଳ,୨।୭ (ସମିସ):

ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ଅଧୀନ ଅନୁଗୋଳ ସିପିଇ ଷ୍ଟଡି ଚାପ୍ଟର ପକ୍ଷରୁ ୭୮ତମ ସିଏ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଅନୁଗୋଳ ଚାପ୍ଟରର ଆବାହକ ସୁଶାନ୍ତ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସରକାରଙ୍କ ବ୍ୟବସାୟଭିତ୍ତିକ ବିଭିନ୍ନ ନୀତି ଉପରେ ଆଲୋଚନା କରାଯାଇଥିଲା। ଏହିଦିନ ଦେଶର ଅର୍ଥନୀତି, ବ୍ୟବସାୟ ଏବଂ ଆର୍ଥିକ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଅବଦାନକୁ ସମ୍ମାନ ପ୍ରଦାନ କରାଯାଏ ବୋଲି ମୁରାରୀଲାଲ ଅଗ୍ରୱାଲ ମତ ରଖିଥିଲେ।

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) କେବଳ ହିସାବରକ୍ଷକ ନୁହେଁ; ସେ ଆର୍ଥିକ ପରାମର୍ଶଦାତା, କର ବିଶେଷଜ୍ଞ, ଅଡିଟର ଏବଂ ସ୍ୱଚ୍ଛ ଓ ଦାୟିତ୍ୱଶୀଳ ଆର୍ଥିକ ପରିଚାଳନାର ମୁଖ୍ୟ ସହଯୋଗୀ। ସେମାନଙ୍କ ସତ୍ୟନିଷ୍ଠା, ଦକ୍ଷତା ଏବଂ ନିଷ୍ଠା ଦେଶର ଆର୍ଥିକ ବିକାଶକୁ ଶକ୍ତିଶାଳୀ କରିବାରେ ସହାୟକ ହୁଏ ବୋଲି ମୁଖ୍ୟ ସଞ୍ଚାଳକ ରାଜେଶ କୁମାର ସରାଫ ମତବ୍ୟକ୍ତ କରିଥିଲେ। ସିଏଙ୍କ ଅବଦାନ ସମାଜ ଓ ଦେଶ ପାଇଁ ସଦା ପ୍ରେରଣାଦାୟକ ବୋଲି ସନ୍ତୋଷ କୁମାର ଦେହୁରୀ ମତବ୍ୟକ୍ତ ରଖିଥିଲେ। ଏହି ଉତ୍ସବରେ ୩୫ ଜଣ ସିଏ ଉପସ୍ଥିତ ଥିଲେ। ଦୀପକ ରଥ ଧନ୍ୟବାଦ ଜ୍ଞାପନ କରିଥିଲେ।

**ରୋଟାରୀ ରୟାଲର ରକ୍ତଦାନ ଶିବିର**

# ୫୪ ୟୁନିଟ ରକ୍ତ ସଂଗୃହୀତ

ଅନୁଗୋଳ,୨।୭ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ ଏବଂ ଆଇଏମ୍ଏ ଅନୁଗୋଳ ଶାଖା ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କ୍ଲବର ନୂତନ ସଭାପତି ରୋଟାରିଆନ ବାଣୀ ଦେବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ ଉଦଘାଟନ କରିଥିଲେ। ବର୍ତ୍ତମାନ ରକ୍ତର ଘୋର ଅଭାବ ଦୃଷ୍ଟିରୁ କ୍ଲବ ତରଫରୁ ଏହି ମହତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗକୁ ଆହୁରି ଶିବିର କରାଯିବାକୁ ସମ୍ପାଦକ ଡା. ବିଶ୍ୱଜିତ୍ ସାମଲ ଅନୁରୋଧ କରିଥିଲେ। କ୍ଲବ ସଭାପତି ବାଣୀ ଦେବ ଏବଂ ସମ୍ପାଦକ ଡା. ସାମଲ ରକ୍ତଦାନ କରିଥଲେ। କ୍ଲବ ତରଫରୁ ଡା. ରଶ୍ମିତା ଭଞ୍ଜଦେଓ, ଡା. ବିଚ୍ଛନ୍ଦ ପ୍ରଧାନ, ମଧୁସୂଦନ ଶର୍ମା, ଡା. ଶଶାଙ୍କ ଶେଖର ସାହୁ, ରାଜେଶ ସରଲିଆ, ମଧୁ ଗୁପ୍ତା, ନୀହାର ରଞ୍ଜନ ପ୍ରସାଦ, ଡା. ମାଇକେଲ୍ ଜନ, ମୁରାରୀଲାଲ ଅଗ୍ରୱାଲା, ଅମ୍ବିକା ପ୍ରସାଦ ସାହୁ, ଡ. ଦେବାଶିଷ ପ୍ରଧାନ, ଡା. କୁମାର ସୌମ୍ୟକାନ୍ତ ବିଶୋଇ, ଅନିଲ ଗୁପ୍ତା, କୈଳାସ ଅଗ୍ରୱାଲ, ଅଶୋକ ମାଣ୍ଡୋଠିଆ, କହ୍ନେୟା ଚୌଧୁରୀ, ମମତା ଲୋଧା, କିରଣ ଅଗ୍ରୱାଲ, ଆରତୀ ସରଲିଆ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। କ୍ଲବ ସଦସ୍ୟ ମିଳନ କୁମାର ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ।



## ରେଳୱେ ଠିକା କର୍ମଚାରୀଙ୍କୁ ଚାଷୀ ଶ୍ରମିକ ସଂଘର ସମର୍ଥନ

ଡେରାବିଶ, ୨/୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥରେ ନିୟୋଜିତ ପ୍ରେଟୋଲମ୍ୟାନ୍‌ଙ୍କ ବିଭିନ୍ନ ଦାବି ପୂରଣ କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ, ଖୋର୍ଦ୍ଧାସ୍ଥ ଡିଭିଜିନାଲ୍ ରେଳୱେ ମ୍ୟାନେଜର, ପ୍ରିନ୍ସପାଲ୍ ଚିଫ୍ ଇଞ୍ଜିନିୟର, ଠିକାଦାର ଓ କେନ୍ଦ୍ରାପଡ଼ା ପିଡବ୍ଲୁଆଇଙ୍କ ନିକଟକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ତେବେ ପେଟ୍ରୋଲମ୍ୟାନ୍ ଏକ ଠିକା ସଂସ୍ଥା ମାଧ୍ୟମରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ରେଳୱେ ପୋର୍ଟାଲରେ ସେମାନଙ୍କ ନାମ ନ ଥିବାବେଳେ ସେମାନଙ୍କୁ ପରିଚୟପତ୍ର ମଧ୍ୟ ପ୍ରଦାନ କରାଯାଇନାହିଁ। ଫଳରେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କର ପ୍ରକୃତ ଦରମା ଓ ଅନ୍ୟାନ୍ୟ ଦେୟ ସମ୍ବନ୍ଧରେ କିଛି ଜଣାପଡୁନାହିଁ। ଏଥିସହିତ ଶ୍ରମିକଙ୍କ ଇପିଏଫ୍ ପ୍ରତିମାସରେ ନିୟମିତ ଭାବେ ଜମା ହେଉନାହିଁ। ପ୍ରତି ମାସରେ ଶ୍ରମିକଙ୍କ ଦରମାରୁ ଇଏସ୍‌ଆଇସି କାଟି ନିଆଯାଉଥିଲେ ମଧ୍ୟ ସେମାନଙ୍କୁ କୌଣସି ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯାଇନାହିଁ। ଏପରିକି ଶ୍ରମିକଙ୍କ ଦରମା ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ମଧ୍ୟ ପ୍ରଦାନ କରାଯାଉନାହିଁ। ରାତି ପାଟ୍ରୋଲିଂ କରୁଥିବା ଓ ଜୀବନ ପ୍ରତି ବିପଦ ଥିବା କାମ କରୁଥିବା ଟ୍ରାକ୍‌ମ୍ୟାନଙ୍କୁ ବିଭାଗୀୟ ଅଧିକାରୀ ଓ ଠିକାଦାର କମ୍ ପାରିଶ୍ରମିକ ଦେଉଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ପୂର୍ବରୁ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାର୍ଯ୍ୟ ଓ ୧୦ କିଲୋମିଟର ଅବଧି ମଧ୍ୟରେ କାର୍ଯ୍ୟ କରୁଥିଲେ ମଧ୍ୟ ଏବେ ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟା କାର୍ଯ୍ୟ ଓ ୨୦ କିଲୋମିଟର ଅବଧି ମଧ୍ୟରେ କାର୍ଯ୍ୟ କରିବାକୁ ହେବ ବୋଲି ଠିକାଦାର ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକଙ୍କ ଏସବୁ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଠିକାଦାରଙ୍କୁ ଅଭିଯୋଗ କରିବା ପରେ ଠିକାଦାର ଜଣକ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା ପୂରଣ କରିନାହାଁନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଯଦି ରେଳୱେ ଠିକା କର୍ମଚାରୀଙ୍କ ଦାବି ପୂରଣ ନ ହୁଏ, ତେବେ ସଂଘ ନେତୃତ୍ୱରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଚେତାବନୀ ଦେଇଛନ୍ତି। ଯେଉଁଥିପାଇଁ ଉଭୟ ଠିକାଦାର ଓ ରେଳୱେ ପିଡବ୍ଲୁଆଇ ଦାୟୀ ରହିବେ ବୋଲି ସଂଘ ସମ୍ପାଦକ କୃତ୍ତିବାସ ଦାସ କହିଛନ୍ତି।

### ଦେବୋତ୍ତର କମିଶନରଙ୍କ ରଥଯାତ୍ରା ପ୍ରସ୍ତୁତି ଓ ମନ୍ଦିର ପରିଚାଳନାର ସମୀକ୍ଷା

# ବଳଦେବଜୀଉ ମନ୍ଦିର ପରିଦର୍ଶନ, ଭଣ୍ଡାର ଘରରୁ ରଥଖଳା ପର୍ଯ୍ୟନ୍ତ ତଦାରଖ

କେନ୍ଦ୍ରାପଡ଼ା, ୨/୭(ସମିସ)

ଓଡ଼ିଶା ରାଜ୍ୟ ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡଙ୍ଗୀ ଗୁରୁବାର କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ କରି ମନ୍ଦିର ପରିଚାଳନା, ରଥଯାତ୍ରା ପ୍ରସ୍ତୁତି ଓ ଦେବୋତ୍ତର ସଂସ୍ଥାର ବିଭିନ୍ନ ପ୍ରଶାସନିକ ଓ ଆର୍ଥିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ମନ୍ଦିରରେ ପହଞ୍ଚି କମିଶନର ଶ୍ରୀ ଷଡଙ୍ଗୀ ପ୍ରଥମେ ଶ୍ରୀଜୀଉଙ୍କ ପଟି ଠାକୁର ପତିତପାବନଜୀଉଙ୍କ ଦର୍ଶନ କରିଥିଲେ। ପରେ ମହାଲକ୍ଷ୍ମୀ ମନ୍ଦିର, ନବଗ୍ରହ ମନ୍ଦିର ଓ ମନ୍ଦିର ବେଢ଼ାରେ ଥିବା ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ମନ୍ଦିର ଭଣ୍ଡାର ଘର ପରିଦର୍ଶନ କରି ଭଣ୍ଡାରର ପରିଚାଳନା ଓ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ପରବର୍ତ୍ତୀ ପର୍ଯ୍ୟାୟରେ କମିଶନର ରଥଖଳା ପରିଦର୍ଶନ କରି ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମୁଖ୍ୟ ମହାରଣାଙ୍କ ସହ ରଥ ନିର୍ମାଣର ଅଗ୍ରଗତି ନେଇ ଆଲୋଚନା କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଯାତ୍ରୀ ନିବାସ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ କମିଶନର ଯୋଗଦେଇ ଦେବୋତ୍ତର ସଂସ୍ଥାର ଆୟବ୍ୟୟ, ଭୂସମ୍ପତ୍ତିର ବିବରଣୀ, ଆର୍ଥିକ ସ୍ଥିତି, ରଥଯାତ୍ରା ପରିଚାଳନା ଓ ବିଭିନ୍ନ ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଟ୍ରଷ୍ଟ ବୋର୍ଡ ସଦସ୍ୟ ପଣ୍ଡିତ ହୃଶୀକେଷ ରଥ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲା ଦେବୋତ୍ତର ଇନ୍ସପେକ୍ଟର ହରପ୍ରିୟା ଜେନା, ରଘୁନାଥ ମହାରଣା, କମିଶନର କାର୍ଯ୍ୟାଳୟର ମୁଖ୍ୟ ସହାୟକ ଜ୍ୟୋତି ରଞ୍ଜନ ମହାନ୍ତି ଓ ଟୁକୁ ପତ୍ରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ଅବସରରେ ମହାଜନ ପାଣିଗ୍ରାହୀ (ବିଜେପଣ୍ଡା), ସେବାୟତ ମାନଗୋବିନ୍ଦ କର, ଅନନ୍ତ ଚରଣ କର, ଗୋପାଳକୃଷ୍ଣନ କର, ନୃସିଂହ ମହାପାତ୍ର ଓ ରବୀନ୍ଦ୍ର କର ପ୍ରମୁଖ କମିଶନର ସତ୍ୟନାରାୟଣ ଷଡଙ୍ଗୀଙ୍କୁ ସାକ୍ଷାତ କରି ରଥଯାତ୍ରା ପରିଚାଳନା ସହ ମନ୍ଦିରର ବିଭିନ୍ନ ସମସ୍ୟା ଓ ସେବାୟତଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ କମିଶନର ଶ୍ରୀ ଷଡଙ୍ଗୀ ଚଳିତ ବର୍ଷର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସେବାୟତ, ଟ୍ରଷ୍ଟ ବୋର୍ଡ ଓ ପ୍ରଶାସନ ପରସ୍ପର ସହଯୋଗର ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

## ତାରାମଣି ସାମନ୍ତରାୟଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨/୭(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ମୟୀୟସୀ ମହିଳା ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ମାତା ଶ୍ରୀରାମପୁର ପଞ୍ଚାୟତର ୫ଥର ସରପଞ୍ଚ ନିର୍ବାଚିତ ହୋଇଥିବା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଉମାନାଥ ସାମନ୍ତରାୟଙ୍କ ଧର୍ମପତ୍ନୀ ତାରାମଣି ସାମନ୍ତରାୟଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ପ୍ରାକ୍ତନ ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ ସାମନ୍ତରାୟ, ରାଉରକେଲା ଷ୍ଟିଲପ୍ଲାଣ୍ଟର ପ୍ରାକ୍ତନ ବରିଷ୍ଠ ଅଧିକାରୀ ନିରୋଦ ସାମନ୍ତରାୟ, ପ୍ରମୋଦ ସାମନ୍ତରାୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରାକ୍ତନ ଅଧୀକ୍ଷଣ ଯନ୍ତ୍ରୀ ସରୋଜ ସାମନ୍ତରାୟ, ପ୍ରସନ୍ନ



ସାମନ୍ତରାୟ ଓ ପ୍ରଦ୍ୟୁମ୍ନ ସାମନ୍ତରାୟ ବୋହୂ, ଝିଅଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପ୍ରାଣ ମହିଳା ଥିଲେ। ଶ୍ରୀରାମପୁରର ବିଭିନ୍ନ ସ୍କୁଲ ଓ ଦେବାଦେବୀ ମନ୍ଦିର ଗଠନରେ ତାଙ୍କର ବଳିଷ୍ଠ ଯୋଗଦାନ ଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଗତ କିଛିଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମର ଶରୀର ଶ୍ରୀରାମପୁର ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର କ୍ଷୀରୋଦ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ, ପୂର୍ବତନ ବିଧାୟକ ତାପସ ଦାସ, ଡ ସିପ୍ରା ମଲିକ, କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଅଲେଖ କୁମାର ଜେନା, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ରାଜନଗର ଥାନାରେ ନିଶାମୁକ୍ତ ଓଡ଼ିଶା ଅଭିଯାନ

ରାଜନଗର, ୨/୭(ସମିସ): ନିଶା ସେବନ କରି କିଏ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛି ତ କିଏ ନିଜ ଜନ୍ମକଲା ମାଆଙ୍କୁ ହତ୍ୟା କରୁଛି ଓ ଆଉ କିଏ କୋମଳମତି ଶିଶୁକୁ ଅତ୍ୟାଚାର କରି ହତ୍ୟା କରୁଛି। ମନୁଷ୍ୟ ନିଶା ସେବନ କରିବା ପରେ ହିତାହିତ ଜ୍ଞାନ ହରାଇ ସର୍ବସ୍ୱାନ୍ତ ହେଉଛି। ଯାହାକୁ ରୋକିବା ପାଇଁ ଏବେ ପୁଲିସ ପ୍ରଶାସନ ଜୋରଦାର ପ୍ରୟାସ ଆରମ୍ଭ କରିଛି। ଏ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଥାନାରେ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ହେଉଥିବାବେଳେ ଆଜି ରାଜନଗର ଥାନାର ଆଇଆଇସି ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଅଞ୍ଚଳର ଯୁବବର୍ଗ ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଙ୍କୁ ନେଇ ଥାନା ପରିସରରେ ଏକ ସଭାର



ଆୟୋଜନ କରି କେମିତି ନିଶାଠାରୁ ଛାତ୍ର ଓ ଯୁବଗୋଷ୍ଠୀ ଦୂରେଇ ରହିବେ ଓ ସମାଜର ମଙ୍ଗଳ ହେବ, ତାହା ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ନିଶା ନିବାରଣ ନେଇ ଦୋମୁହାଁ ନୀତିରେ ପୁଲିସକୁ ସାଧାରଣ ଲୋକଙ୍କ ପାଖରେ ବଳି ପକାଇବା ନୀତି ବନ୍ଦ କରି ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ନିଶା କାରବାର କିଭଳି ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ, ନିଶା ସେବନ କରି ପ୍ରାଣ ହରାଉଥିବା ଭେଣ୍ଡିଆ ପୁଅ ମୁହଁରେ ବୃଦ୍ଧ ବାପା ନିଆଁ ଦେବା ବନ୍ଦ ହେବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ପୁଲିସର ଏପରି ପ୍ରୟାସକୁ ଯୁବବର୍ଗ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନଗର ଥାନାର ସମସ୍ତ କର୍ମଚାରୀ ସାମିଲ ଥିଲେ।

## ରାଜକନିକାରେ କୁମ୍ଭୀର ଉପଦ୍ରବ; ଲୋକେ ଆତଙ୍କିତ

ରାଜକନିକା, ୨/୭(ସମିସ): ନଦୀରେ ଥିବା କୁମ୍ଭୀର ଏବେ ଜନବସତି ମୁହାଁ। କୁମ୍ଭୀରଙ୍କ ପ୍ରଜନନ ସମୟ ଥିବାରୁ ସେମାନେ ଏହି ସମୟରେ ହିଂସ୍ର ହୋଇ ଉଠିଛନ୍ତି। ନିଜ ନିଜର ସାଥିଙ୍କ ସହ ମିଳିତ ହେବାର ସମୟରେ ସ୍ୱାଭାବିକ ଭାବେ ସେମାନେ ଉଗ୍ର ହେଉଥିବା କୁମ୍ଭୀର ଜଳଭାଗରୁ ଉଠି ଆସି ବିଲ, ହିଡ଼, ନାଳ ଓ ପୋଖରୀକୁ ପଶି ଆସୁଛନ୍ତି। ଫଳରେ ନଦୀକୂଳିଆ ଗାଁରେ ଏବେ କୁମ୍ଭୀର ଉପଦ୍ରବ ନେଇ ଆତଙ୍କ ଖେଳିଯାଇଛି। ଭିତରକନିକା ବନ୍ୟପ୍ରାଣୀ ବିଭାଗର କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ବାହାରି ଆସି ନଦୀ ନାଳରେ ନିଜର ବାସସ୍ଥାନ କରିଥିବା ଉଭୟ ମାଈ ଓ ଅଣ୍ଡିରା କୁମ୍ଭୀର ଏବେ ଉତ୍ପାତ ଆରମ୍ଭ କରି ଦେଇଛନ୍ତି। ବନବିଭାଗ ପକ୍ଷରୁ ନଦୀର ଗାଧୁଆ ତୁଠରେ କରାଯାଇଥିବା ତାର ଜାଲିର ବ୍ୟାରିକେଟରେ ଜାଲି ଖସିଯିବା, ଖୁଣ୍ଟ ଉପୁଡିଯିବା ଦ୍ୱାରା ସେସବୁ ଗାଧୁଆ ତୁଠ ଭିତରକୁ କୁମ୍ଭୀର ପଶି ଆସୁଥିବାରୁ ଜୟକୁଣ୍ଡା, ବଣିଆ, ପାଣ୍ଡରକୋଲି, ଗଙ୍ଗାଧରପ୍ରସାଦଡିଆ, ସିକୋ, ବରୁଣାଡ଼ିହା ବରାଡିଆ, ଉପୁଳାଇ, କନପୁର, ଗହମପାଳ ଆଦି ଗାଁରେ ଛନକା ଖେଳିଯାଇଛି। ବନ ବିଭାଗ ପକ୍ଷରୁ କେବଳ ସତର୍କତା ସମ୍ବଳିତ ବ୍ୟାନର ଲଗାଇ କାମ ସାରି ଦେଇଥିବାବେଳେ ଏବେ ମଣିଷ କୁମ୍ଭୀରର ମୁହାଁମୁହିଁ ଅବସ୍ଥା ଅତି ସମ୍ବେଦନଶୀଳ ହେବାରେ ଲାଗିଛି।



## ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

ରାଜକନିକା, ୨/୭(ସମିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବୃକ୍ଷରୋପଣକୁ ଉତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ବନ ମହୋତ୍ସବ କରାଯାଇ ବ୍ୟାପକ ଗଛ ଚାରା ବଣ୍ଟନ କରାଯାଉଛି। ଚଳିତ ବର୍ଷ ଜାରି ରହିଥିବା ବନ ମହୋତ୍ସବ ସପ୍ତାହରେ ରାଜକନିକା ବ୍ଲକର କୋଇଲିପୁରଠାରେ ଏହି ଅଞ୍ଚଳର ବିଭିନ୍ନ ଗ୍ରାମର ଜନଗଣଙ୍କୁ ଡକାଇ ବୃକ୍ଷ ରୋପଣ ପାଇଁ ଉତ୍ସାହିତ କରିବା ସହ ଚାରା ବଣ୍ଟନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ରାଜନଗର ଲୁଣା ଜଙ୍ଗଲ (ବନ୍ୟପ୍ରାଣୀ) ବନାଞ୍ଚଳ ଓ



କନିକା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଏକ ଅସ୍ଥାୟୀ ଚାରା ବଣ୍ଟନ କେନ୍ଦ୍ର ଜରିଆରେ ସଚେତନତା ସୃଷ୍ଟି କରି ଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀ ଉପସ୍ଥିତ ଥିବାବେଳେ ଖୋଲା ସେକ୍ସନ ଫରେଷ୍ଟର ସଞ୍ଜୀବ କୁମାର ଦାସ, ଫରେଷ୍ଟ ଗାର୍ଡ ସନ୍ଧ୍ୟାରାଣୀ ମଲ୍ଲିକ, ବିଭୁତି ତରାଇ, ଶରତ ବେହେରା, ବନଜ ରାଉତ ପ୍ରମୁଖ ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ଉପକାରିତା ନେଇ ସଚେତନ କରାଇଥିଲେ।

## କନିକା ରେଞ୍ଜରେ ବନ ସପ୍ତାହ



ରାଜନଗର, ୨/୭(ସମିସ): ରାଜନଗର ବନଖଣ୍ଡ ଅନ୍ତର୍ଗତ କନିକା ବନାଞ୍ଚଳରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏସିଏଫ୍ ମାନସ କୁମାର ଦାସ ସବୁଜ ପତାକା ପ୍ରଦର୍ଶନ କରି ସବୁଜ ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କନିକା ରେଞ୍ଜ୍ ଅଧୀନସ୍ଥ ରଗଡ଼ାପାଟିଆ ନର୍ସରୀ, କୋଇଲିପୁର ନର୍ସରୀ, ପଟ୍ଟାପାରିଆ ନର୍ସରୀ ମାନଙ୍କରେ ଚାରା ବିତରଣ କରାଯାଇଛି। ସବୁଜ ରଥ ଜରିଆରେ ବିଭିନ୍ନ ଗ୍ରାମରେ ଘରେ ଘରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନପାଳ ପ୍ରଶାନ୍ତ କୁମାର ସିଂ, ନବୀନ କୁମାର ମଲ୍ଲିକ ଓ ସଞ୍ଜୀବ କୁମାର ଦାସ, ବନରକ୍ଷୀ ବବୁଲ୍ କୁମାର ପରିଡ଼ା, କଳ୍ପତରୁ ସେଠୀ, ଗୋରାଚାନ୍ଦ ସିଂ, ସନ୍ଧ୍ୟାରାଣୀ ମଲ୍ଲିକ, ରଶ୍ମି ରଞ୍ଜନ ବେହେରା, ବନ୍ଦିତା ବିଶ୍ୱାଳ ଓ ଗାୟତ୍ରୀ ତିର୍କୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପରେ ଲୋକମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଏହା ସହ ବୃକ୍ଷର ମାହାତ୍ମ୍ୟ ବିଷୟରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା।

### ● କଣ୍ଟପଡ଼ା ପଞ୍ଚାୟତ ହାଟ ପୋଖରୀରେ ଦୁର୍ବୃତ୍ତଙ୍କ ବିଷ ପ୍ରୟୋଗ

## ମରିଗଲେ ୧୦ କ୍ୱିଣ୍ଟାଲ ମାଛ, ମହିଳା ଗୋଷ୍ଠୀ ହତାଶ

ରାଜକନିକା, ୨/୭(ସମିସ): ଦିନକୁ ଦିନ ବଢ଼ିଚାଲିଛି ଅସାମାଜିକ କାର୍ଯ୍ୟକଳାପ। ରାଜକନିକା ସଦରର କଣ୍ଟପଡ଼ା ହାଟ ପୋଖରୀରେ କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ୧୦ କ୍ୱିଣ୍ଟାଲ ମାଛ ମରିଯାଇଛନ୍ତି। ସ୍ଥାନୀୟ ବଡ଼ାଗର ଗାଁର ରାଧାକୃଷ୍ଣ ଏସଏଚଜି ୧୮ ହଜାର ଟଙ୍କା ଦେଇ ୫ ବର୍ଷ ପାଇଁ ନିଲାମ ନେଇଥିବା ଏହି ପୋଖରୀରେ ଏକଲକ୍ଷ ଟଙ୍କାର ମାଛ ଜାଆଁଳ ଛାଡିଥିବାବେଳେ ପ୍ରତି ମାଛର ଓଜନ ପ୍ରାୟ ୮ ଶହ ଗ୍ରାମରୁ ଆରମ୍ଭ କରି ଦୁଇ କେଜି ଓଜନର ହୋଇଥିଲେ। ସରକାରୀ ଭାବେ ନିଲାମ ନେଇ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପ୍ରୟାସ କରୁଥିବାବେଳେ ଦୁର୍ବୃର୍ତ୍ତଙ୍କ ଏଭଳି କାରନାମା ସେମାନଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। ବଢ଼ିଥିବା ମାଛକୁ ଧରି ବିକ୍ରି କରିବା ପାଇଁ ଯୋଜନା କରିଥିବା ମହିଳା ଗୋଷ୍ଠୀଙ୍କ ଆଶାକୁ ଧୂଳିସାତ କରିଥିବା ଏଭଳି ହୀନ ଉଦ୍ୟମର ଖୋଳତାଡ଼ କରିବା ପାଇଁ ଗୋଷ୍ଠୀ ପକ୍ଷରୁ ରାଜକନିକା ଥାନାରେ ଏତଲା ହୋଇଥିବାବେଳେ ପୁଲିସ ପକ୍ଷରୁ ଏ ନେଇ ତଦନ୍ତ ଜାରି ରହିଛି।





## ବିବି ମଡେଲ ହାଇସ୍କୁଲରେ ବିଦାୟ ସମ୍ବର୍ଦ୍ଧନା ସଭା

ଡେରାବିଶ, ୨/୭(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଶ୍ୱବିଜୟ ଦାସ ଓ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ ପଦୋନ୍ନତି ପାଇ ପ୍ରଧାନଶିକ୍ଷକ ଭାବେ ଏଠାରୁ ବଦଳି ହୋଇଯିବା ପରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହିତ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସତ୍ୟବ୍ରତ ପତିଙ୍କ ବଦଳି ଓ ଅବସର ନେଉଥିବା ପାଚିକା ବିଦ୍ୟୁଲତା ଜେନାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏ ଉପଲକ୍ଷେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପୂର୍ବତନ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଦାସ ମୁଖ୍ୟଅତିଥି ଓ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ରଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ କନକଲତା ରାଉତ, ପୂର୍ବତନ ସିଆରସିସି ଅଭିରାମ ମିଶ୍ର ଓ ସିଆରସିସି ବିଶ୍ୱଜିତ ମୁଦୁଲି, ଅବସରପ୍ରାପ୍ତ ଶିକ୍ଷକ ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ଶିକ୍ଷକ କିଶୋର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ମମତା ମହାନ୍ତି, ଶିକ୍ଷକ ହିମାଂଶୁ ଶେଖର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପୀନାଥ ଦାସ ପ୍ରମୁଖ ବିଦାୟୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀ, ଦକ୍ଷତା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଉତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ଶିକ୍ଷକ ଶ୍ରୀ ଦାସ ଓ ଶିକ୍ଷୟିତ୍ରୀ ଶ୍ରୀମତୀ ରଥ ସେମାନଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଏହି ବିଦ୍ୟାଳୟରୁ ଚାକିରୀ ଆରମ୍ଭ ଓ ସହକର୍ମୀମାନଙ୍କ ସ୍ନେହ ଶ୍ରଦ୍ଧା ଚିରଦିନ ମନେରହିବ ବୋଲି କହିଥିଲେ। ଶେଷରେ ଆଲୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଶ୍ୱଜିତ୍ ଦାଶ, ସଦାଶିବ ସାହୁ, ପବିତ୍ର ଚନ୍ଦ୍ର ଦାସ, ବ୍ରଜେନ୍ଦୁ କର, ଅନିତା ପଣ୍ଡା, ପ୍ରଜ୍ଞା ପରିମିତା ମିଶ୍ର, ସୁଚିସ୍ମିତା ତ୍ରିପାଠୀ, ସିମା ମଲିକ, ତବସୁମ ବେଗମ୍, କର୍ମଚାରୀ ମଳୟ କୁମାର ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



### ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

# ଅଚଳ ହେଲା ଓପିଡି, ସେବା ନ ପାଇ ଫେରିଲେ ରୋଗୀ

କେନ୍ଦ୍ରାପଡ଼ା, ୨/୭(ସମିସ)

ବିଭିନ୍ନ ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)ର ଆହ୍ୱାନକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାର ସରକାରୀ ଡାକ୍ତରଙ୍କ ଅନିର୍ଦ୍ଦିଷ୍ଟକାଳୀନ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ଧାରଣାରେ ବସିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମଗ୍ର ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଓପିଡି ସେବା ପ୍ରାୟ ଅଚଳ ହୋଇପଡ଼ିଛି। ସକାଳୁ ଚିକିତ୍ସା ପାଇଁ ଆସିଥିବା ଶହ ଶହ ରୋଗୀ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ ନିୟମିତ ଡାକ୍ତରଙ୍କ ସେବା ପାଇ ନ ଥିଲେ। କେବଳ ଆୟୁଷ ଡାକ୍ତର ସୀମିତ ପରିସରରେ କିଛି ରୋଗୀଙ୍କୁ ଚିକିତ୍ସା କରିଥିଲେ। ଅନେକ ରୋଗୀ ନିରାଶ ହୋଇ ଘରକୁ ଫେରିଯାଇଥିବାବେଳେ କିଛି ରୋଗୀ ବାଧ୍ୟ ହୋଇ ବେସରକାରୀ ଚିକିତ୍ସାଳୟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପଡ଼ିଛି। ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ମିଶ୍ର, ରାଜ୍ୟ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ, ଭୁବନେଶ୍ୱରର ଡା. ଆଶିଷ ଦୀକ୍ଷିତ, ଅତିରିକ୍ତ ନିର୍ଦ୍ଦେଶକ ଡା. ଅମରେଶ ମିଶ୍ର, ଡା. ନାରାୟଣ ରାଉତ, କ୍ଷେତ୍ରମୋହନ କାଣ୍ଡ, ପ୍ରଭାତ ରଥ, ଜଗତସିଂହପୁରର ଡା. ସରୋଜ ଜେନା, କେନ୍ଦ୍ରାପଡ଼ାର ଡା. ସଚ୍ଚିଦାନନ୍ଦ ମିଶ୍ର, ଅନୁଗୋଳର ଡା. ମଦନ ମୋହନ ପ୍ରଧାନ, ନୟାଗଡ଼ର ଡା. ପ୍ରଦୀପ ପାଇକରାୟ, ପୁରୀର ଡା. ଶୁଭେନ୍ଦୁ ମହାନ୍ତି ଏବଂ କଟକର ଡା. ମାନସ ପାଣିଙ୍କ ରଣନୀତିରେ ଆନ୍ଦୋଳନ ଜାରି ରହିଛି। ଜିଲ୍ଲାର ସମସ୍ତ ସରକାରୀ ଡାକ୍ତର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଓମସା ଶାଖା ସଭାପତି ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଜିଲ୍ଲା ଶାଖା ସମ୍ପାଦକ ଡା. ନିରଞ୍ଜନ କର, ଓମସାର ରାଜ୍ୟ ଯୁଗ୍ମ ସମ୍ପାଦକ ଡା. ସଞ୍ଜୀବ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ସଚିଦାନନ୍ଦ ମିଶ୍ର, ଡା. ନମିତା ପଟ୍ଟନାୟକ, ଡା. ନିରାକାର ପରିଡ଼ା, ଡା. ଅଜୟ କୁମାର ସାହୁ, ଡା. ବିରେନ୍ଦ୍ର କୁମାର ଦାସ, ଡା. ଅଶ୍ୱିନୀ କୁମାର ପରିଡ଼ା, ଡା. ସୋନାଲିକା ରାଉତ ଓ ଡା. ଦେବୀ ପ୍ରସାଦ ସାହୁଙ୍କ ସମେତ ଜିଲ୍ଲାର ଶତାଧିକ ଡାକ୍ତର ଧାରଣାରେ ସାମିଲ ହୋଇଥିଲେ। ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ମିଶ୍ର କହିଛନ୍ତି, ସରକାର ସେମାନଙ୍କ ସମସ୍ତ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଅନିର୍ଦ୍ଦିଷ୍ଟକାଳୀନ ଆନ୍ଦୋଳନ ଜାରି ରହିବ। ଅନ୍ୟପଟେ ଲଗାତର ଦ୍ୱିତୀୟ ଦିନ ଧରି ଓପିଡି ସେବା ବନ୍ଦ ରହିବାରୁ ସାଧାରଣ ରୋଗୀ ସର୍ବାଧିକ ହଇରାଣ ହେଉଥିବା ଦେଖିବାକୁ ମିଳିଛି।

## ବିବି ମଡେଲ ହାଇସ୍କୁଲର ପ୍ରତିଷ୍ଠା ଦିବସ

ଡେରାବିଶ, ୨/୭(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ, ଆରତୀବାଳା ରଥ, ବିଶ୍ୱବିଜୟ ଦାସ, ସନ୍ଧ୍ୟାରାଣୀ ରଥ, କନକଲତା ରାଉତ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ବିଦ୍ୟାଳୟ ପରିସରରେ ଥିବା ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ହାଇସ୍କୁଲ ନ ଥିବାରୁ ବହୁ ମେଧାବୀ ଛାତ୍ର ପାଠପଢ଼ା ଅଧାରୁ ବନ୍ଦ କରି ଦେଉଥିବାବେଳେ ସେତେବେଳେ ଦୋହଳୀରେ ମଧ୍ୟଇଂରାଜୀ ବିଦ୍ୟାଳୟ ନିର୍ମାଣ ନିମନ୍ତେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଗୌରବ ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଦୋହଳୀରେ ଏକ ଉଚ୍ଚବିଦ୍ୟାଳୟର ସ୍ୱପ୍ନ ଦେଖିଥିଲେ। ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ୧୯୪୫ ଜୁଲାଇ ୧ ତାରିଖରେ ଏଠାରେ ଦୋହଳୀ ମଡେଲ ହାଇସ୍କୁଲ ପ୍ରତିଷ୍ଠା କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟି ସମ୍ପାଦକ ରହି ଏହି ବିଦ୍ୟାଳୟରେ ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଉତ୍ତମ ଶିକ୍ଷକ ନିଯୁକ୍ତି କରିଥିଲେ। ଏହି ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସମାଜରେ ପ୍ରତିଷ୍ଠା ଅର୍ଜନ କରି ଆଦର୍ଶ ବିଦ୍ୟାଳୟ ନାମର ସାର୍ଥକତା ଆଣି ପାରିଛନ୍ତି। ପରବର୍ତ୍ତୀ ସମୟରେ ପଣ୍ଡିତ ବନମାଳୀ ବ୍ରହ୍ମଚାରୀଙ୍କ ପରଲୋକ ପରେ ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ବନମାଳୀ ବ୍ରହ୍ମାଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ରଖାଯାଇଥିବା ଶିକ୍ଷକମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ବ୍ରଜେନ୍ଦୁ କର, ପବିତ୍ର ଚନ୍ଦ୍ର ଦାସ, ଆଲୋକ ଜେନା, କିଶୋର କୁମାର ମହାନ୍ତି, କର୍ମଚାରୀ ମଳୟ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ।



# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ
THE SAKALA

## ଗୋପନୀୟତାର ପ୍ରମାଦ

ଇତିମଧ୍ୟରେ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ସଂସ୍ଥା ହ୍ୱାଟ୍‌ସଆପ୍‌ର ନବ ପ୍ରସ୍ତାବିତ ବ୍ୟବସ୍ଥା 'ୟୁଜରନେମ୍ ଫିଚର' ଭାରତରେ ବିବାଦ ଓ ବିତର୍କ ସୃଷ୍ଟି କରିଛି। କେତେକ ଅଞ୍ଚଳରେ ଆରମ୍ଭ ହୋଇସାରିଥିବା ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଆଗାମୀ ଏକବର୍ଷ ମଧ୍ୟରେ ସମଗ୍ର ଦେଶରେ କାର୍ଯ୍ୟକ୍ଷମ କରିବାକୁ ହ୍ୱାଟ୍‌ସଆପ୍‌ର ମୂଳ କମ୍ପାନୀ ମେଟା ଯୋଜନା କରିଥିବା ବେଳେ ଏହା ସାଇବର ଅପରାଧକୁ ଅଧିକ ପ୍ରୋତ୍ସାହନ କରିବାର ଆଶଙ୍କା କରି ତୁରନ୍ତ ସ୍ଥଗିତ ରଖିବା ଏବଂ ତିନିଦିନ ମଧ୍ୟରେ ଉତ୍ତର ରଖିବାକୁ କେନ୍ଦ୍ର ସରକାର ମେଟାକୁ ନୋଟିସ୍ ଜାରି କରିଛନ୍ତି। ଅପରପକ୍ଷରେ ଏହି ନୂଆ ବ୍ୟବସ୍ଥା ଅଧିକ ସୁରକ୍ଷିତ ଏବଂ ଗୋପନୀୟ ବୋଲି ମେଟା ଦାବି କରିଛି।

ସମ୍ପ୍ରତି କୌଣସି ଅଜ୍ଞାତ ବ୍ୟକ୍ତି କିମ୍ବା ତାଲିକାରେ ନଥିବା(ସେଭ୍ ହୋଇ ନଥିବା) ନମ୍ବରରୁ କଲ୍ ଆସିଲେ କଲ୍ କରିଥିବା ବ୍ୟକ୍ତିଙ୍କ ଫୋନ୍ ନମ୍ବର ମୋବାଇଲ୍ ଫୋନ୍‌ର ସ୍କ୍ରିନ୍ ଉପରେ ଦେଖାଯାଉଛି। କିନ୍ତୁ ନୂଆ ବ୍ୟବସ୍ଥା ବା ୟୁଜରନେମ୍ ଫିଚରଟିକୁ କାର୍ଯ୍ୟକ୍ଷମ କରାଗଲେ ନମ୍ବର ବଦଳରେ କେବଳ କଲ୍ ପ୍ରେରକ ଯେଉଁ ନାମରେ ନିଜ ହ୍ୱାଟସ୍‌ଆପ୍ ଆକାଉଣ୍ଟ ଖୋଲିଥିବେ ତାହା ହିଁ ଦେଖାଯିବ। ଏହାଦ୍ୱାରା ପ୍ରେରକଙ୍କ ନମ୍ବର ସମ୍ପୂର୍ଣ୍ଣ ଗୋପନ ରହିବ। ଏହି ଫିଚରଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବହାରକାରୀ ବା ହ୍ୱାଟ୍‌ସଆପ୍ ଆକାଉଣ୍ଟଧାରୀ ନିଜ ପସନ୍ଦ ମୁତାବକ ଏକ ନାମ ଚୟନ କରି ହ୍ୱାଟ୍‌ସଆପ୍‌ରେ ପଞ୍ଜୀକୃତ କରିବାକୁ ପଡ଼ିବ। କିନ୍ତୁ ଏହାଦ୍ୱାରା ଅଧିକ କ'ଣ ଲାଭ ହେବ ତାହାକୁ ନେଇ ବିତର୍କ ଆରମ୍ଭ ହୋଇଛି।

ଏହି ବ୍ୟବସ୍ଥା ବିରୋଧରେ ସର୍ବାଧିକ ସ୍ୱର ଉଠିଛି। ଅଭିଯୋଗ ହେଉଛି ଯେ ଫୋନ୍ ନମ୍ବର ଜଣାପଡ଼ିଲେ ମୋବାଇଲ୍ ଚୋର କିମ୍ବା ଧମକଚମକ ଦେଉଥିବା ଅସାମାଜିକ ତତ୍ତ୍ୱ, ଆପରାଧିକ କାର୍ଯ୍ୟକଳାପ ଆଦିକୁ ଠାବ କରିବା ସହଜ ହେଉଛି। କିନ୍ତୁ କେବଳ ୟୁଜରନେମ୍ ରହିଲେ ତଦନ୍ତରେ ଅସୁବିଧା ହେବ। ପୁଣି ଯଦି ସମାନ ନାମରେ ଏକାଧିକ ୟୁଜରନେମ୍ ଆଇଡି ସୃଷ୍ଟି ହୁଏ ତେବେ କଲ୍‌ପ୍ରେରକଙ୍କ ପରିଚୟ ଜାଣିବା ହଠାତ୍ ସହଜ ହେବ ନାହିଁ। ଏଭଳି ସମସ୍ୟା ଇମେଲ୍‌ରେ ମଧ୍ୟ ଉପୁଜିଛି। ସେହିପରି କେହି ଯଦି ପ୍ରତିଷ୍ଠିତ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ନାମ ୟୁଜରନେମ୍ ଭାବରେ ବ୍ୟବହାର କରନ୍ତି ତେବେ ବିଭ୍ରାନ୍ତି ଓ ଜଟିଳତା ଆହୁରି ବଢ଼ିବ। ତେଣୁ ଏହା ଏକ ଅବାଞ୍ଛିତ ଓ ଗର୍ହିତ ପ୍ରକ୍ରିୟା। ଅପରପକ୍ଷରେ ସମାନ ନାମ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ନାମ ଯେପରି ଏକାଧିକ ବ୍ୟବହାରକାରୀ ଉପଯୋଗ କରିପାରିବେ ନାହିଁ ତାହା ସୁନିଶ୍ଚିତ କରିବା ଆମର କାମ ବୋଲି ମେଟା ସ୍ପଷ୍ଟୀକରଣ ଦେଇଛି। ସେହିପରି ଏହାକୁ ଇଚ୍ଛାଧୀନ କରାଯାଇଛି ବୋଲି ମେଟା ସର୍ତ୍ତ ରଖିଛି।

ଏ ସବୁ ତର୍କବିତର୍କର ଊର୍ଦ୍ଧ୍ୱରେ ବ୍ୟକ୍ତିଗତ ଗୋପନୀୟତା ସହିତ ତଥ୍ୟ ସୁରକ୍ଷା ପରି ସମ୍ବେଦନଶୀଳନ ପ୍ରସଙ୍ଗଟି ଆସୁଛି। ସର୍ବୋପରି ଦେଶର ନୀତିନିୟମର ଅନୁପାଳନର ପ୍ରଶ୍ନ ମଧ୍ୟ ଉଠୁଛି। ଗତି ତିନି/ଚାରିବର୍ଷ ପୂର୍ବେ ମେଟାର ନୂଆ ନିୟମକୁ ନେଇ ସେଭଳି ଚହଳ ସୃଷ୍ଟି ହୋଇଥିଲା ଏବଂ ମାମଲା ଅଦାଲତ ପର୍ଯ୍ୟନ୍ତ ଯାଇଥିଲା। ଆକାଉଣ୍ଟଧାରୀଙ୍କ ତଥ୍ୟକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ବୋଲି ଏକ ସ୍ୱୀକୃତି ସମ୍ବଳିତ ସର୍ତ୍ତ ଉପଭୋକ୍ତାଙ୍କଠାରୁ ଦାବି କରିବା ସହିତ ହ୍ୱାଟ୍‌ସଆପ୍ ଏକପ୍ରକାର ଧମକ ଦେଇଥିଲା ଯେ ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ନୂତନ ଗୋପନୀୟତା ନିୟମକୁ ଗ୍ରହଣ ନ କଲେ ଗ୍ରାହକମାନଙ୍କ ଫୋନ୍‌ରୁ ହ୍ୱାଟ୍‌ସଆପ୍ ସନ୍ଦେଶ ପ୍ରେରଣ ସୁବିଧା ବନ୍ଦ ହୋଇଯିବ। ପ୍ରଶ୍ନ ଉଠିଥିଲା ଯେ ଯଦି ହ୍ୱାଟ୍‌ସଆପ୍‌ରେ ପଠାଯାଉଥିବା କଥାବାର୍ତ୍ତା ବା ଭିଡିଓ ଆଦି ଫେସ୍‌ବୁକ୍ ଏବଂ ସେହି କମ୍ପାନୀର ଅନ୍ୟାନ୍ୟ ସେବା ସଂସ୍ଥା ମଧ୍ୟ ବ୍ୟାବସାୟିକ ରୂପେ ବ୍ୟବହାର କରିପାରିବେ ତେବେ ଗୋପନୀୟତା କେଉଁଠି ରହିଲା? ଏଣୁ ଭାରତ ସରକାର ମଧ୍ୟ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ ଆଧାରରେ ମେଟା ତଥା ହ୍ୱାଟ୍‌ସଆପ୍‌ର ମୁଖ୍ୟ ଅଧିକାରୀଙ୍କୁ ଚିଠି ଲେଖି ନୂଆ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମେଟା ଏହା ବିରୁଦ୍ଧରେ ଭାରତୀୟ ନ୍ୟାୟାଳୟରେ ଆବେଦନ କରିବା ସହିତ ଯୁକ୍ତି ରଖିଲା ଯେ ଭାରତ ସରକାରଙ୍କ ନିର୍ଦ୍ଦେଶ ଭାରତୀୟ ସମ୍ବିଧାନର ପରିପନ୍ଥୀ। ଯେତେବେଳେ ଲକ୍ଷଲକ୍ଷ ଗ୍ରାହକ ପ୍ରତିଦ୍ୱନ୍ଦ୍ୱୀ ସେବା ସଂସ୍ଥା ସିଗ୍‌ନାଲ୍ ଓ ଟେଲିଗ୍ରାମ୍ ଆଡ଼କୁ ପଳାୟନ କରିବା ଆରମ୍ଭ କଲେ ହ୍ୱାଟ୍‌ସଆପ୍‌ର ସେୟାର ବଜାର ହ୍ରାସ ପାଇଲା। ହ୍ୱାଟ୍‌ସଆପ୍ ଓ ଫେସ୍‌ବୁକ୍‌ର ମାଲିକ ମାର୍କ ଜୁକରବର୍ଗ ବାଧ ହୋଇ ନୂଆ ଗୋପନୀୟତା ନିୟମର ଲାଗୁ ତାରିଖକୁ ସ୍ଥଗିତ ରଖିଲେ; ଅଥଚ ପ୍ରତ୍ୟାହାର କଲେ ନାହିଁ।

ବିଡ଼ମ୍ବନା ହେଉଛି ଗୁଗୁଲ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଟେଲିଗ୍ରାମ ଆଦି ସଂସ୍ଥାମାନେ ଆମ ବିଷୟରେ ଆମ ଅଜ୍ଞାତରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିଚାଲିଛନ୍ତି। ଯେଉଁ ଦେଶରେ ବ୍ୟବସାୟ କରିବ ସେହି ଦେଶର ନୀତି ନିୟମକୁ ଉଲ୍ଲଙ୍ଘନ କରିବା ଯେକୌଣସି ସଂସ୍ଥା ପକ୍ଷରେ ସର୍ବାଦୌ ବର୍ଜନୀୟ। କିନ୍ତୁ ବିଭିନ୍ନ ଦେଶର ସରକାରମାନେ ଏହି ବହୁରାଷ୍ଟ୍ରୀୟ ମହାବଳୀ କମ୍ପାନୀମାନଙ୍କ ଆଗରେ ମୁଣ୍ଡ ନୁଆଁଇଛନ୍ତି। ଏହାର କାରଣ ମଧ୍ୟ ଅଳ୍ପେବହୁତ ଜ୍ଞାତ। ତେଣୁ ହ୍ୱାଟ୍‌ସଆପ୍‌ର ଏହି ନୂଆ ନିୟମ କେତେଦୂର ଗ୍ରହଣୀୟ ଓ ବର୍ଜନୀୟ ହେବ ତାହା ଆଉ କିଛିଦିନ ପରେ ସ୍ପଷ୍ଟ ହେବ।

## ବୁଦ୍ଧିମାନ ପ୍ରଯୁକ୍ତି, ଅସୁରକ୍ଷିତ ଭିତ୍ତିଭୂମି

ମିନାକ୍ଷୀ ଦ୍ୱିବେଦୀ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇର ବିବର୍ତ୍ତନ ମାନବ ଇତିହାସର ସେହି ମୋଡ଼ରେ ପହଞ୍ଚିଛି, ଯେଉଁଠି ଆଶା ଓ ଆଶଙ୍କା ଉଭୟ ସମାନ ଭାବେ ଘନୀଭୂତ ହେଉଛି। ବିଗତ କିଛିବର୍ଷ ଧରି ଏଆଇର ନୈତିକତା, ଏହାର ଦ୍ରୁତ ପ୍ରସାର, ଡାଟା ସେଣ୍ଟରଗୁଡ଼ିକର ବିଶାଳ ଭିତ୍ତିଭୂମି ଏବଂ ଶ୍ରମ ବଜାର ଉପରେ ଏହାର ପ୍ରଭାବକୁ ନେଇ ଚାଲିଥିବା ଆଲୋଚନା ଏବେ କେବଳ ବୌଦ୍ଧିକ ମହଲରେ ସୀମିତ ନାହିଁ। ଯୁଦ୍ଧ କୌଶଳ, ଜାତୀୟ ସୁରକ୍ଷା ଏବଂ ପ୍ରଶାସନିକ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଆଇର ପ୍ରବେଶ ଏହି ବିତର୍କକୁ ଏକ ନୂତନ ରୂପ ଦେଇଛି। ଦୀର୍ଘଦିନର ପରୀକ୍ଷା-ନିରୀକ୍ଷା ପରେ ବର୍ତ୍ତମାନ ଏହାର ଗତିଶୀଳତା ସମ୍ପୂର୍ଣ୍ଣ ବଦଳି ଯାଇଛି, ଯାହା ଏଆଇକୁ ଏକ କାଳ୍ପନିକ ବା ଅମୂର୍ତ୍ତ ଅବଧାରଣାରୁ ମୁକ୍ତ କରି ସାମାଜିକ ଓ ସରକାରୀ ଅନୁଷ୍ଠାନଗୁଡ଼ିକର ମୌଳିକ ସଂରଚନାକୁ ପ୍ରଭାବିତ କରୁଥିବା ଏକ ଅଦୃଶ୍ୟ ଶକ୍ତିରେ ପରିଣତ କରିଛି। ଏହି ପରିପ୍ରେକ୍ଷୀରେ, ଆମ ସାମ୍ନାରେ ଥିବା ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଜଟିଳ ସାଇବର ସୁରକ୍ଷା ବିପଦର ମୁକାବିଲା କରିବା ପାଇଁ ଆମର ଆଧୁନିକ ଡିଜିଟାଲ୍ ସଭ୍ୟତା ପ୍ରସ୍ତୁତ କି?

ଏଆଇ ସୁରକ୍ଷାକୁ ନେଇ ସୃଷ୍ଟି ହୋଇଥିବା ଏହି ଆହ୍ୱାନକୁ ଆଉ କେବଳ ଏକ ମିଥ୍ ବା ପୁରାଣ ବୋଲି କହି ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ। ବର୍ତ୍ତମାନର ଅତ୍ୟାଧୁନିକ 'ଫ୍ରଣ୍ଟିୟର ମଡେଲ୍'ଗୁଡ଼ିକ ଏଭଳି ଏକ ସ୍ତରରେ ପହଞ୍ଚିଛନ୍ତି, ଯେଉଁଠାରେ ସେମାନେ ସ୍ୱୟଂଚାଳିତ ଭାବରେ ସିଷ୍ଟମର ସୁରକ୍ଷାଜନିତ ଦୁର୍ବଳତାକୁ ଚିହ୍ନଟ କରିବା, ବିଶ୍ଳେଷଣ କରିବା ଏବଂ କେତେକ କ୍ଷେତ୍ରରେ ସମାଧାନ ସୁପାରିସ କରିବାର କ୍ଷମତା ଅର୍ଜନ କରୁଛନ୍ତି। ଆରମ୍ଭିକ ପର୍ଯ୍ୟାୟରେ କିଛି ଏଆଇ ମଡେଲର ଏହି କ୍ଷମତା ସୁରକ୍ଷା କାରଣରୁ ସାର୍ବଜନୀନ ଭାବେ ପ୍ରକାଶ ପାଇ ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଧିକ ସୁରକ୍ଷା ବ୍ୟବସ୍ଥା ସହିତ ଉପଲବ୍ଧ ମଡେଲଗୁଡ଼ିକ ଅନେକ ସାଇବର ସୁରକ୍ଷା ବେଞ୍ଚମାର୍କରେ ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅଗ୍ରଣୀ ଏଆଇ ଗବେଷଣା ସଂସ୍ଥା ଓ ପ୍ରଯୁକ୍ତି ସଂଗଠନମାନଙ୍କ ସହଯୋଗରେ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଗ୍ଲାସୱିଙ୍ଗ୍' ଭଳି ପଦକ୍ଷେପ ଉଲ୍ଲେଖନୀୟ। ଏହାର ଉଦ୍ଦେଶ୍ୟ ହେଉଛି ଅତ୍ୟାଧୁନିକ ଏଆଇ ମଡେଲଗୁଡ଼ିକର ନିୟନ୍ତ୍ରିତ ବ୍ୟବହାର ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ଓ ଡିଜିଟାଲ୍ ଭିତ୍ତିଭୂମିର ସୁରକ୍ଷା ଦୁର୍ବଳତା ଚିହ୍ନଟ କରିବା। ଏହି ପ୍ରୟାସ ଏକ ଯୁଗାନ୍ତକାରୀ ମୋଡ଼ର ସୂଚନା ଦେଉଛି। କାରଣ ଏଆଇର କ୍ଷମତା ଯେଉଁ ଗତିରେ ଆଗକୁ ବଢ଼ୁଛି, ତାହାକୁ ନିୟନ୍ତ୍ରଣ କରୁଥିବା ବିଶ୍ୱସ୍ତରୀୟ ଆଇନ ଓ ନିୟାମକ ଢାଞ୍ଚା ସେହି ତୁଳନାରେ ବହୁତ ପଛରେ ରହିଯାଇଛି।

ଏହି ମଡେଲଗୁଡ଼ିକର ପ୍ରକୃତ କ୍ଷମତାକୁ ବୁଝିବା ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା 'କ୍ୟାପ୍‌ଚର୍-ଦି-ଫ୍ଲାଗ୍' ପ୍ରକାରର ସିମୁଲେଟେଡ୍ ପରୀକ୍ଷାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାରେ ଏଆଇ ମଡେଲଗୁଡ଼ିକୁ ଜଟିଳ ଡିଜିଟାଲ୍ ନେଟୱର୍କ ମଧ୍ୟରୁ ଲୁକ୍କାୟିତ ତଥ୍ୟ ଉଦ୍ଧାର କରିବା ପାଇଁ ସିଷ୍ଟମର ଦୁର୍ବଳତା ଚିହ୍ନଟ କରି ତାହାର ସଦୁପଯୋଗ କରିବାକୁ ପଡ଼ିଥାଏ। ଫଳାଫଳ ଦର୍ଶାଇଛି ଯେ ନୂତନ ପିଢ଼ିର ଏଆଇ ମଡେଲଗୁଡ଼ିକ ଅତ୍ୟନ୍ତ ଜଟିଳ ସାଇବର କାର୍ଯ୍ୟକୁ ମଧ୍ୟ ସଫଳତାର ସହ ସମ୍ପନ୍ନ କରିପାରୁଛନ୍ତି। କେତେକ ମୂଲ୍ୟାଙ୍କନରେ ସେମାନେ ବହୁ-ପଦକ୍ଷେପ ବିଶିଷ୍ଟ ସିମୁଲେଟେଡ୍ କର୍ପୋରେଟ୍ ନେଟୱର୍କ ପରିଦୃଶ୍ୟକୁ ମଧ୍ୟ ସଫଳତାର ସହ ସମାପ୍ତ କରିଛନ୍ତି। ଯଦିଓ ଏହି ପରୀକ୍ଷାଗୁଡ଼ିକରେ ବାସ୍ତବ ଜଗତର ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥା ଉପସ୍ଥିତ ନଥିଲା, ତଥାପି ଏହା ସ୍ପଷ୍ଟ କରିଛି ଯେ ଏଆଇ ବର୍ତ୍ତମାନ ସାଇବର ସୁରକ୍ଷା କ୍ଷେତ୍ରରେ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିସାରିଛି।

ଏହି ଅନ୍ତର୍ଜାତୀୟ ପ୍ରେକ୍ଷାପଟରେ ଭାରତର ସ୍ଥିତିକୁ ଦେଖିଲେ ଜଣାପଡ଼େ ଯେ ଦେଶର କେନ୍ଦ୍ରୀୟ ସାଇବର ସୁରକ୍ଷା ସଂସ୍ଥା ସିଇଆରଟି-ଇନ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥାମାନେ ଏଆଇ ସମ୍ବନ୍ଧୀୟ ସାଇବର ବିପଦ ଉପରେ ନିରନ୍ତର ନଜର ରଖୁଛନ୍ତି। କେନ୍ଦ୍ର ସରକାର ମଧ୍ୟ ବ୍ୟାଙ୍କିଙ୍ଗ୍, ଆର୍ଥିକ କ୍ଷେତ୍ର ଏବଂ ଜରୁରୀ ଡିଜିଟାଲ୍ ଭିତ୍ତିଭୂମି ପ୍ରତି ଥିବା ବିପଦ ଉପରେ ଗୁରୁତ୍ୱ ଦେଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଛି। ତଥାପି ବିଶ୍ଳେଷକମାନଙ୍କ ମତରେ ସମସ୍ୟାର ଗଭୀରତା ତୁଳନାରେ ଭାରତର ପ୍ରସ୍ତୁତି ଏପର୍ଯ୍ୟନ୍ତ ବିକାଶଶୀଳ ପର୍ଯ୍ୟାୟରେ ରହିଛି। ବର୍ତ୍ତମାନ ସୁଦ୍ଧା ଭାରତ ପାଖରେ ୟୁରୋପୀୟ ସଂଘର ଏଆଇ ଆକ୍ଟ ପରି ଏକ ବ୍ୟାପକ ଓ ବାଧ୍ୟତାମୂଳକ ନିୟାମକ ଢାଞ୍ଚା ନାହିଁ। ଦେଶରେ ସାର୍ବଭୌମ ଏଆଇ ଭିତ୍ତିଭୂମି ନିର୍ମାଣ ଏବଂ ଏଆଇ ସୁରକ୍ଷା ଗବେଷଣା ମଧ୍ୟ ଏପର୍ଯ୍ୟନ୍ତ ବିକାଶଶୀଳ ଅବସ୍ଥାରେ ରହିଛି। ତେଣୁ ଆଗାମୀ ଦିନର ଏହି ଆହ୍ୱାନର ମୁକାବିଲା ପାଇଁ ଭାରତକୁ ଏକ ସୁଦୃଢ଼ ସାଇବର ସୁରକ୍ଷା କର୍ମବଳୀ ଗଠନ କରିବାକୁ ହେବ। ପ୍ରତିକୂଳ ପରିସ୍ଥିତିରୁ ଆହୁରି ଶକ୍ତିଶାଳୀ ହୋଇଉଠିବାକୁ ସକ୍ଷମ ଏକ ପ୍ରତିରୋଧୀ ବ୍ୟବସ୍ଥା ନିର୍ମାଣ କରିବାକୁ ହେବ। ସର୍ବୋପରି ସାଇବର ସୁରକ୍ଷା ପ୍ରତିଯୋଗିତାକୁ ଏଆଇ ଯୁଗର ସାର୍ବଭୌମତ୍ୱର ପ୍ରକୃତ ମୂଳଦୁଆ ଭାବରେ ଗ୍ରହଣ କରିବାକୁ ହେବ।

ଏଆଇ ଯୁଗ ପୂର୍ବରୁ ଏକ ଦେଶର ଡିଜିଟାଲ୍ ଭିତ୍ତିଭୂମିର ବିସ୍ତାରକୁ ତାହାର ସଫଳତାର ପ୍ରତୀକ ଭାବରେ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନର ନୂତନ ପରିବେଶରେ ସେହି ସଫଳତା ହିଁ ସବୁଠାରୁ ବଡ଼ ଦୁର୍ବଳତାର କାରଣ ହୋଇପାରେ। ଏହି ପରିସ୍ଥିତିକୁ ବୁଝିବା ପାଇଁ ବିଲୁପ୍ତ ପ୍ରାଗୈତିହାସିକ ପଶୁ 'ଆଇରିଶ୍ ଏଲ୍କ'ର ଉଦାହରଣ ଉପଯୁକ୍ତ। ଏହାର ବିଶାଳ ଶିଙ୍ଗ ଏକ ସମୟରେ ତାହାର ଶକ୍ତି ଓ ପ୍ରତିପତ୍ତିର ପ୍ରତୀକ ଥିଲା। କିନ୍ତୁ ପରିବେଶ ବଦଳିଯିବା ପରେ ସେହି ଶିଙ୍ଗ ହିଁ ତାହାର ଅସ୍ତିତ୍ୱ ପାଇଁ ବୋଝ ହୋଇଯାଇଥିଲା। ଆଜିର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା, ବ୍ୟାଙ୍କିଙ୍ଗ୍ ନେଟୱର୍କ, କ୍ଲାଉଡ୍ ପ୍ଲାଟଫର୍ମ ଏବଂ ସାର୍ବଜନୀନ ଡାଟାବେସ୍‌ଗୁଡ଼ିକ ଆମର ଡିଜିଟାଲ୍ ଭିତ୍ତିଭୂମିର ସେହି ବିଶାଳ ଶିଙ୍ଗ ସଦୃଶ। ଜାତୀୟ ବ୍ୟବସ୍ଥାର ସୁଚାରୁ ପରିଚାଳନା ପାଇଁ ଏଗୁଡ଼ିକ ଯେତିକି ଆବଶ୍ୟକ, ଏଆଇ ଯୁଗରେ ସେତିକି ଆକର୍ଷଣୀୟ ଲକ୍ଷ୍ୟବସ୍ତୁ ମଧ୍ୟ।

ଆଧୁନିକ ଏଆଇ ବର୍ତ୍ତମାନ ଏଭଳି ଏକ ସ୍ତରରେ ପହଞ୍ଚିଛି, ଯେଉଁଠାରେ ଏହା ନେଟୱର୍କର ଗଭୀର ଅନୁସନ୍ଧାନ କରିପାରୁଛି, ସଫ୍ଟୱେର୍ କୋଡ୍‌ର ଯୁକ୍ତିଗତ ଦୁର୍ବଳତାକୁ ବିଶ୍ଳେଷଣ କରିପାରୁଛି ଏବଂ ଦୁର୍ବଳତା ଆବିଷ୍କାର ପ୍ରକ୍ରିୟାକୁ ଅଭୂତପୂର୍ବ ଭାବେ ତ୍ୱରାନ୍ୱିତ କରିପାରୁଛି। ଏହା ହେଉଛି ସେହି ସାଇବର ମୁହୂର୍ତ୍ତ, ଯାହା ସ୍ପଷ୍ଟ ସଂକେତ ଦେଉଛି ଯେ ଆମ ସଭ୍ୟତାର ଡିଜିଟାଲ୍ ବୁଦ୍ଧିମତ୍ତା ତାହାର ସୁରକ୍ଷା କ୍ଷମତା ତୁଳନାରେ ବହୁତ ଦ୍ରୁତଗତିରେ ବିକଶିତ ହେଉଛି। ଏଆଇର ପରବର୍ତ୍ତୀ ପ୍ରଭାବଶାଳୀ ପର୍ଯ୍ୟାୟ କେବଳ ନୂତନ ମଡେଲ୍ ବିକାଶ କରୁଥିବା କମ୍ପାନୀଗୁଡ଼ିକୁ ପୁରସ୍କୃତ କରିବ ନାହିଁ। ସେହି ଦେଶଗୁଡ଼ିକର ଭବିଷ୍ୟତ ନିର୍ଣ୍ଣୟ କରିବ, ଯେଉଁମାନେ ଏହି ମଡେଲଗୁଡ଼ିକ ଦ୍ୱାରା ପ୍ରଭାବିତ ବିଶାଳ ଡିଜିଟାଲ୍ ପରିବେଶକୁ ସୁରକ୍ଷିତ ରଖିପାରିବେ।

ଏଆଇର ଆଗାମୀ ଅଧ୍ୟାୟ କେବଳ ବୁଦ୍ଧିମତ୍ତାର ବିକାଶର କାହାଣୀ ନୁହେଁ, ଏହା ସୁରକ୍ଷା, ସାର୍ବଭୌମତ୍ୱ ଏବଂ ଡିଜିଟାଲ୍ ଅସ୍ତିତ୍ୱର ସଂଘର୍ଷର କାହାଣୀ ମଧ୍ୟ। ଯେଉଁ ଦେଶ ଏହି ବାସ୍ତବତାକୁ ଶୀଘ୍ର ବୁଝିବ ଏବଂ ତଦନୁଯାୟୀ ନିଜକୁ ପ୍ରସ୍ତୁତ କରିବ, ଆସନ୍ତା ଡିଜିଟାଲ୍ ଯୁଗରେ ନେତୃତ୍ୱ ସେହି ଦେଶର ହାତରେ ରହିବ। ସେହିପରି ଏଆଇ ଯୁଗରେ ପ୍ରକୃତ ଶକ୍ତି କେବଳ ପ୍ରଯୁକ୍ତିର ଅଧିକାରରେ ନୁହେଁ, ସେହି ପ୍ରଯୁକ୍ତିକୁ ସୁରକ୍ଷିତ, ନିୟନ୍ତ୍ରିତ ଓ ଦାୟିତ୍ୱବାନ ଭାବରେ ପରିଚାଳନା କରିବାର କ୍ଷମତାରେ ନିହିତ ରହିବ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ଦର୍ଶନ, ବିଜ୍ଞାନ ଓ ଜିବ୍ରାନ

ବିନୋଦ ମହାରଣା

ମଣିଷ ସବୁଠାରୁ ଶିକ୍ଷିତ, ସାହସୀ, କୁଶଳୀ, କୁଟିଳ, ସଭ୍ୟ, ବିକଶିତ ଓ ବୁଦ୍ଧିମାନ ପ୍ରାଣୀ। ଜୀବଜଗତର ଲକ୍ଷ ଲକ୍ଷ ପ୍ରାଣୀଙ୍କ ମଧ୍ୟରୁ ଅର୍ଥନୈତିକ, ସାମାଜିକ, ସାହିତ୍ୟ, ରାଜନୀତି ଆଦି କ୍ଷେତ୍ରରେ ମଣିଷ ଅପ୍ରତିଦ୍ୱନ୍ଦ୍ୱୀ। କିନ୍ତୁ ସେ କାହିଁକି ଆଜି ନୈରାଶ୍ୟ, ଦୁର୍ଦ୍ଦିନ, ଶୋଷିତ, ନିଷ୍ପେସିତ ଅବସ୍ଥାରେ ପଡ଼ିଛି? ଏସବୁର ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ନିଶ୍ଚିତ ଭାବେ ମହାନ ଲେଖକ, ଦାର୍ଶନିକ, କବି ଖଲିଲ ଜିବ୍ରାନଙ୍କ ନିକଟକୁ ଯିବାକୁ ପଡ଼ିପାରେ। ବିବର୍ତ୍ତନର ମହାନ ସଂରଚନାରେ ଗଠିତ ମଣିଷ ଏବେ ବି ରହିଛି ଅନ୍ଧାରରେ।

ମାତ୍ର ୪୮ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିବା ମହାନ ଲେଖକ ଖଲିଲ ଜିବ୍ରାନ(୬ ଜାନୁଆରୀ ୧୮୮୩-୧୦ ଏପ୍ରିଲ ୧୯୩୧)ଙ୍କ ଜନ୍ମ ହୁଏ ଲେବାନନର ବସାରୀରେ। ଦାରିଦ୍ର୍ୟ, କଷାଘାତ ଭିତରେ ଜୀବନ କଟାଇଥିବା ଜିବ୍ରାନ ନିଜର ଲେଖାଗୁଡ଼ିକରେ ଆଧ୍ୟାତ୍ମିକତା, ଧର୍ମ ଆଦିର ତୀବ୍ର ସମାଲୋଚନା କରୁଥିଲେ। ୧୯୦୮ରେ ସେ ପ୍ରକାଶ କରିଥିଲେ 'ସ୍ପିରିଟ୍ସ ରିବେଲିୟସ'। ପୁସ୍ତକରେ ସେ ଧାର୍ମିକ ଓ ଆଧ୍ୟାତ୍ମିକ ନେତୃତ୍ୱର ତୀବ୍ର ସମାଲୋଚନା କରିଥିଲେ। ଏହି କାରଣରୁ ଏହି ବହିକୁ ଲେବାନନର ବିଭିନ୍ନ ସ୍ଥାନରେ ପୋଡ଼ାଯାଇଥିଲା। ବିଶେଷକରି ଚିରାଚରିତ ଦାସତ୍ୱପନ୍ଥୀ ବ୍ୟବସ୍ଥାର ଉଚ୍ଛେଦ, ମହିଳାଙ୍କ ମୁକ୍ତି, ମଣିଷର ପ୍ରାକୃତିକ ମୂଲ୍ୟବୋଧ, ସମାଜରେ ଚାଲିଆସିଥିବା ପଙ୍କିଳ ରୀତିନୀତିକୁ ବିରୋଧ କରିଆସୁଥିଲେ ଜିବ୍ରାନ। ଆତ୍ମଜ୍ଞାନ, ପାରମ୍ପରିକ ଧାର୍ମିକ ବ୍ୟବସ୍ଥା, ପ୍ରେମଭିତ୍ତିକ ଧର୍ମ, ବ୍ୟକ୍ତିଗତ ସ୍ୱାଧୀନତା, ଆତ୍ମନିରୀକ୍ଷଣ, ଆତ୍ମଅନୁଭବ, ଆତ୍ମିକ ସ୍ୱାଧୀନତା ଆଦିକୁ ସେ ନିଜ ଲେଖାରେ ଦେଉଥିଲେ ଗୁରୁତ୍ୱ।

'ଦି ପ୍ରଫେଟ' ପୁସ୍ତକରେ ସେ କହିଛନ୍ତି- ଯଦି ତୁମେ ନିଜର ଭାବନା ସହ ଶାନ୍ତିରେ ରହିବା ଲାଗି ଚାହିଁବ ନାହିଁ ତେବେ ତୁମେ କଥାହୁଅ। ସେ କହିବାକୁ ଚାହିଁଛନ୍ତି- ନିଜର ଚିନ୍ତାଧାରା ସର୍ବଦା ଶକ୍ତିଶାଳୀ। ଏସମ୍ପର୍କରେ କାହାରି ସହ ଯୁକ୍ତିତର୍କ କରନାହିଁ। ସେ କହିଛନ୍ତି- ଯଦି କାହାକୁ ଭଲ ପାଉଛ ତେବେ ତାକୁ ଛାଡ଼ିଦିଅ। ଯଦି ସେ ଫେରିଆସେ ଏହା ଭାବିବାକୁ ପଡ଼ିବ ଯେ ସେ ତୁମର ନିଜର। ଯଦି ସେ ନ ଫେରେ ତେବେ ଧରିବାକୁ ହେବ ଯେ, ସେ ତୁମର ନଥିଲା, ତୁମର ବି ହେବାର ସମ୍ଭାବନା ନାହିଁ। ଏନେଇ ଅଯଥାରେ ନିଜ ଭିତରେ ଗୋଳେଇ ଘାଣ୍ଟି ହେବା ଅନାବଶ୍ୟକ। ପୁସ୍ତକରେ ସେ କହିଛନ୍ତି- ଏକତା ଭିତରେ କିଛି ଶୂନ୍ୟସ୍ଥାନ ରଖ। ସ୍ୱର୍ଗୀୟ ପ୍ରଭଞ୍ଜନ ବା ବାୟୁ ଏହି ସମ୍ପର୍କ ମଧ୍ୟରେ ପ୍ରବାହିତ ହେଉ। ପରସ୍ପରକୁ ଭଲ ପାଅ; କିନ୍ତୁ ପ୍ରେମର ବନ୍ଧନ ସୃଷ୍ଟି କରନାହିଁ। ତୁମମାନଙ୍କର ଆତ୍ମାର ଉପକୂଳ ମଧ୍ୟରେ ଏକ ଗତିଶୀଳ ସମୁଦ୍ର ପ୍ରବାହିତ ରହୁ। ପରସ୍ପରର ପାତ୍ର ପୂରଣ କର; ମାତ୍ର ଗୋଟିଏ ପାତ୍ରରୁ ପାନ କରନାହିଁ। ପରସ୍ପରକୁ ରୁଟି ଦାନ କର; ମାତ୍ର ଗୋଟିଏ ରୁଟିରୁ ଏକତ୍ର ଖାଅନାହିଁ। ଏକାଠି ନାଚ, ଏକାଠି ଗାନ କର, ଏକାଠି ଆନନ୍ଦ ଉପଭୋଗ କର; ମାତ୍ର ଅଲଗା ରୁହ। ବୀଣାର ତାରଗୁଡ଼ିକ ଅଲଗା ଅଲଗା ରହିଥା'ନ୍ତି; ମାତ୍ର ସେଗୁଡ଼ିକ ଏକାଠି ହୋଇ ରାଗିଣୀ ସୃଷ୍ଟି କରନ୍ତି। ପରସ୍ପରକୁ ହୃଦୟ ଦିଅ; ମାତ୍ର ନିଜର ହୃଦୟକୁ ଅନ୍ୟ ନିକଟରେ ରଖନାହିଁ। ଏକାଠି ଠିଆ ହୁଅ; ମାତ୍ର ନିଜ ନିକଟରେ ଅତି ଘନିଷ୍ଠ ଭାବେ ଠିଆ ହୁଅନାହିଁ।

ଆକାଶରେ ପୃଥିବୀର କବିତାଗୁଡ଼ିକ ହେଉଛନ୍ତି ବୃକ୍ଷ। ମାତ୍ର କାଗଜ ଲାଗି ଆମେ ଗଛଗୁଡ଼ିକୁ କାଟି ଦେଇଥାଉ। ଏହା ହିଁ ଆମ ଲାଗି ବଡ଼ ଶୂନ୍ୟତା। ବିଚ୍ଛେଦ ନ ହେବା ଯାଏଁ ପ୍ରେମ ନିଜର ଗଭୀରତା ସମ୍ପର୍କରେ ଅବଗତ ହୋଇପାରେନାହିଁ। ଆପଣ ହୁଏତ ଦିନେ ମୋତେ ପ୍ରଶ୍ନ କରିପାରନ୍ତି- ମୋର ନା ଆପଣଙ୍କର ଜୀବନ ଗୁରୁତ୍ୱପୂର୍ଣ୍ଣ। ମୁଁ କହିବି ଯେ, ଆପଣ ମୋର ଜୀବନ ବୋଲି ନ ଜାଣି ମୁଁ ଓ ଆପଣ ପରସ୍ପରଠାରୁ ଦୂରେଇଯିବା। ଆପଣ ଯେତେବେଳେ ଦୁଃଖରେ ଅଛନ୍ତି ସେତେବେଳେ ଆପଣ ନିଜକୁ ପୁଣି ଥରେ ପଚାରନ୍ତୁ ଏବଂ ଦୁଃଖର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ତାହା ଜାଣିବା ପରେ ଆପଣ ଆନନ୍ଦ ପାଇବେ।

'ଦି ମ୍ୟାଡ ମ୍ୟାନ' ପୁସ୍ତକରେ ସେ ମଣିଷର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ମଣିଷ କିପରି ଏକ ସାମାଜିକ ପ୍ରାଣୀ ହେଲେ ବି ନିଜର ବ୍ୟକ୍ତିଗତ ପରିସରରୁ ମୁକ୍ତ ହୋଇ ନଥାଏ ତାହାର ବିଶ୍ଳେଷଣ କରିଛନ୍ତି। ପ୍ରେମର ପଥ କଠିନ ଯଦିଓ ସେ ଆହ୍ୱାନ ଦେଇଥାଏ। ପ୍ରେମର ଡେଣା ଭିତରେ ଆପଣ ନିଜକୁ ସମର୍ପଣ କରନ୍ତୁ ଯଦିଓ ତାହାରି ଡେଣା ଭିତରେ ଥିବା ଖଣ୍ଡା ଆପଣଙ୍କୁ ଆଘାତ କରିପାରେ। ଯଦି ନିଜ ଭିତରେ ଥିବା ଭୟରେ ଆପଣ ପ୍ରେମର ଶାନ୍ତି ଆନନ୍ଦ ଖୋଜୁଥା'ନ୍ତି ତେବେ ତାହା ପ୍ରେମ ପଦବାଚ୍ୟ ହୋଇପାରେନା। ସୌନ୍ଦର୍ଯ୍ୟ ମୁଖରେ ନଥାଏ, ବରଂ ଏହା ହୃଦୟର ଏକ ଆଲୋକ। ଆପଣଙ୍କ ସନ୍ତାନମାନେ ଆପଣଙ୍କର ନୁହନ୍ତି। ଜୀବନ ପ୍ରକ୍ରିୟାରେ ସେମାନେ ଅଂଶବିଶେଷ। ସେମାନେ ଆପଣଙ୍କ ଜରିଆରେ ଆସିଛନ୍ତି; ମାତ୍ର ଆପଣଙ୍କଠାରୁ ନୁହେଁ। ସେମାନେ ଆପଣଙ୍କ ସହ ଅଛନ୍ତି; ମାତ୍ର ସେମାନେ ଆପଣଙ୍କର ନୁହନ୍ତି। ଆପଣ ସେମାନଙ୍କୁ ନିଜର ପ୍ରେମ ଦେଇପାରନ୍ତି; ମାତ୍ର ଆପଣଙ୍କ ଭାବନାକୁ ସେମାନଙ୍କୁ ଦିଅନ୍ତୁ ନାହିଁ। ସେମାନଙ୍କୁ ସେମାନଙ୍କ ଭାବନା ଅନୁସାରେ ଯିବାକୁ ଦିଅନ୍ତୁ। ସେମାନଙ୍କୁ ଘରେ ରଖନ୍ତୁ; ମାତ୍ର ସେମାନଙ୍କ ଆତ୍ମାକୁ ନୁହେଁ। ଆସନ୍ତାକାଲିର ଘର ଭିତରେ ସେମାନଙ୍କ ଆତ୍ମାକୁ ଘୂରିବୁଲିବାକୁ ଦିଅନ୍ତୁ। ଏପରିକି ଆପଣ ନିଜର ସ୍ୱପ୍ନରେ ସେମାନଙ୍କୁ ଦେଖିବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣ ସେମାନଙ୍କୁ ଭଲ ପାଇପାରନ୍ତି; ମାତ୍ର ଆପଣଙ୍କ ପରି ହେବାକୁ ସେମାନଙ୍କୁ ଦିଅନ୍ତୁ ନାହିଁ।

ଜୀବନ ପଛକୁ ଯାଏ ନାହିଁ କି ଗତକାଲି ସହ ଅଟକିଯାଏ ନାହିଁ। ଭାବନ୍ତୁ ଯେ ଆପଣ ଏକ ଧନୁ ଏବଂ ସେମାନେ ତୀର ପରି ଧନୁରୁ ବାହାରି ଯାଆନ୍ତି। ଧନୁର୍ଦ୍ଧର ଭାବିଥାଏ ତା' ତୀର ବହୁ ଦୂରକୁ ଭେଦ କରିପାରେ ଏବଂ ତା' ଲକ୍ଷ୍ୟ ଫଳବତୀ ହୋଇପାରେ। ଧନୁର୍ଦ୍ଧର ଭାବେ ଆପଣ ସର୍ବଦା ଆନନ୍ଦିତ ଓ ଅଟଳ ରୁହନ୍ତୁ। ମୋର ପାଗଳାମି ଭିତରେ ମୁଁ ଉଭୟ ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ପାଇଛି। ଗତକାଲି ଥିଲା ଆଜିର ସ୍ମୃତି ଏବଂ ଆସନ୍ତାକାଲି ହେବ ଆଜିର ସ୍ୱପ୍ନ। ଭାବ ନାହିଁ ଯେ, ପୃଥିବୀ ଆପଣଙ୍କର ଖାଲି ପାଦକୁ ଅନୁଭବ କରିବାକୁ ଖୁସି ହୁଏ, ପବନ ଆପଣଙ୍କର କେଶ ସହିତ ଖେଳିବାକୁ ଆଗ୍ରହୀ ହୁଏ। ମୁଁ କଥାବାର୍ତ୍ତା କରୁଥିବା ଲୋକଙ୍କଠାରୁ ନୀରବତା, ଅସହିଷ୍ଣୁ ଲୋକଙ୍କଠାରୁ ସହନଶୀଳତା ଏବଂ ନିର୍ଦ୍ଦୟ ଲୋକଙ୍କଠାରୁ ଦୟା ଶିଖିଛି। ତଥାପି ଆଶ୍ଚର୍ଯ୍ୟର କଥା ମୁଁ ଏହି ଶିକ୍ଷକମାନଙ୍କ ପ୍ରତି କୃତଜ୍ଞ ନୁହେଁ। ଆପଣମାନଙ୍କ ମଧ୍ୟରୁ ଅନେକ କହନ୍ତି ଦୁଃଖ ଅପେକ୍ଷା ଆନନ୍ଦ ବଡ଼। ଆଉ କିଏ କିଏ କହନ୍ତି ଦୁଃଖ ସବୁଠାରୁ ବଡ଼। ହେଲେ ଆପଣମାନଙ୍କ ସହ ମିଶି ମୁଁ ଏହା କହୁଛି ଯେ, ସେମାନେ ହେଉଛନ୍ତି ଅବିଚ୍ଛେଦ୍ୟ। ସେମାନେ ଏକାଠି ଆସନ୍ତି ଏବଂ ଯେତେବେଳେ ଜଣେ ଆପଣଙ୍କ ନିକଟରେ ରହିଛି ମନେରଖ ଯେ, ଅନ୍ୟ ଜଣକ ତୁମ ବିଛଣାରେ ଶୟନ କରିଛି।

ଖଲିଲ ଜିବ୍ରାନ ନାହାନ୍ତି। କିନ୍ତୁ ମଣିଷ ସମାଜକୁ ତାଙ୍କର ବାର୍ତ୍ତା, ମଣିଷର ସାମାଜିକ ଓ ମାନସିକ ବ୍ୟବଚ୍ଛେଦ ତାଙ୍କୁ ଅମର କରି ରଖିବ।

ଭୁବନେଶ୍ୱର, ମୋ: ୯୪୩୭୧୬୪୭୬୪

## ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନଲୀଳା

ଚନ୍ଦନ ସୁବୁଦ୍ଧି

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ରାଷ୍ଟ୍ରଦେବତା ନୁହନ୍ତି, ସେ ଅପରାଜେୟ ଓଡ଼ିଆଙ୍କ ଆତ୍ମା, ତାଙ୍କ ଅହରହ ଶ୍ୱାସ, ବିଶ୍ୱାସ ଆଉ ଆୟୁଷ। ପ୍ରତି ଓଡ଼ିଆ ପାଇଁ ସେ ବେଦନା ରାତିର ପ୍ରଭାତ, ସବୁ ପ୍ରତୀକ୍ଷାର ପ୍ରାପ୍ତି। ଓଡ଼ିଆ ଜାତିର ନାୟକ ଗଜପତି ମାନେ ମଧ୍ୟ ତାଙ୍କ ପାଖରେ ସବୁକିଛି ଅର୍ପଣ କରି ଉତ୍କଳର ଏକଛତ୍ର ସମ୍ରାଟ ଭାବେ ସ୍ୱୀକାର କରିଛନ୍ତି ଆଉ ନିଜକୁ ରାଉତ ଭାବେ ମହାପ୍ରଭୁଙ୍କ ପାଖେ ସମର୍ପଣ କରିଛନ୍ତି। ଆଗଙ୍ଗା ଗୋଦାବରୀ ଜୟ କରି ସମସ୍ତ ବିଜୟ ପଦାର୍ଥ ସମର୍ପି ଦେଇଛନ୍ତି ଶ୍ରୀରଙ୍ଗାଚରଣ ତଳେ। ଗଜପତିମାନଙ୍କ ସମର୍ପଣରେ ମହାବାହୁଙ୍କ ରତ୍ନଭଣ୍ଡାର ହୋଇଥିଲା ଭାରତର ସବୁଠାରୁ ବିତ୍ତଶାଳୀ। ମଦଳାପାଞ୍ଜି ରାଜଭୋଗ ଇତିହାସ (ପୃ:୨୨) ରୁ ଜଣାଯାଏ ତତ୍କାଳୀନ ଗଙ୍ଗବଂଶୀୟ ରାଜ ଅନଙ୍ଗଭୀମ ଦେବ ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଦୁଇ ଲକ୍ଷ ପଚାଶ ହାଜର ମାଢ଼ ଅର୍ଥାତ ୧୪୨୫ କିଲୋଗ୍ରାମ ସୁନା (୧ମାଢ଼ = ୧/୨ ତୋଳା ୧ତୋଳା=୧୧.୬୬ ଗ୍ରାମ) ଶ୍ରୀମନ୍ଦିରକୁ ଦାନ ଦେଇଥିଲେ।

ଏହା ଶ୍ରୀମନ୍ଦିରକୁ ବିତ୍ତଶାଳୀ କରିବା ସହ ବାହ୍ୟ ଶତ୍ରୁମାନଙ୍କ ଲୋଲୁପ ଦୃଷ୍ଟିର ଶିକାର କରିଥିଲା। କେବଳ ଅଳଙ୍କାର ଲୁଣ୍ଠନ ନୁହେଁ, ଅଜେୟ ଓଡ଼ିଆମାନଙ୍କ ମେରୁଦଣ୍ଡ ଭାଙ୍ଗିବା ପାଇଁ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିବା ଥିଲା ବାହ୍ୟତତ୍ତ୍ୱମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଆମାନଙ୍କ ମାନରକ୍ଷା ପାଇଁ ମହାପ୍ରଭୁଙ୍କୁ ରତ୍ନ ସିଂହାସନର ସ୍ୱାଚ୍ଛନ୍ଦ୍ୟକୁ ଛାଡ଼ି ଯାଯାବରତ୍ୱକୁ ସ୍ୱୀକାର କରିବାକୁ ପଡ଼ିଛି। କେତେବେଳେ ଚାପରେ ଚିଲିକା ଗର୍ଭକୁ ତ ପୁଣି କେତେବେଳେ ଚଉଦୋଳରେ କେଉଁ ଘଞ୍ଚ ଅରଣ୍ୟକୁ ବୁହା ହୋଇଯାଇଛନ୍ତି। ଇତିହାସ କୁହେ ପ୍ରାୟ ୧୮ ଥର ଶ୍ରୀକ୍ଷେତ୍ର ଉପରେ ଆକ୍ରମଣ ହୋଇଛି। ତନ୍ମଧ୍ୟରୁ ୧୩ ଥର ଶ୍ରୀମନ୍ଦିର ଉପରେ ଆକ୍ରମଣ ହେବା ସହ ରତ୍ନଭଣ୍ଡାର ଲୁଣ୍ଠନ କରାଯାଇଛି। ଏହି ସଙ୍କଟ ସମୟରେ ତତ୍କାଳୀନ ଗଜପତି ଓ ସେବକମାନେ ମହାପ୍ରଭୁଙ୍କୁ ୧୧ ଥର ବିଭିନ୍ନ ଗୋପନ ସ୍ଥାନକୁ ସ୍ଥାନାନ୍ତରିତ କରିଛନ୍ତି ଏବଂ ଥରେ ବିମଳା ମନ୍ଦିର ପଛରେ ମହାପ୍ରଭୁଙ୍କୁ ଲୁଚାଇ ରଖିଛନ୍ତି। ଦୀର୍ଘ ୯ ୯ ବର୍ଷ ମହାପ୍ରଭୁ ଉତ୍କଳୀୟଙ୍କ ମାନ ରକ୍ଷା ପାଇଁ ଭୂମିତଳେ ପାତାଳି ହୋଇଛନ୍ତି ଏବଂ ୭୩ ବର୍ଷ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଛନ୍ତି।

**ଶୋଭନ ଦେବ:** ଶୋଭନଦେବଙ୍କ ରାଜତ୍ୱର ଦ୍ୱିତୀୟ ଅଙ୍କରେ ରକ୍ତବାହୁ ଶ୍ରୀମନ୍ଦିର ଆକ୍ରମଣ କଲା। ଖବର ପାଇ ରାଜା ବିଗ୍ରହମାନଙ୍କୁ ସୋନପୁର ଜିଲ୍ଲାର କୋଟ ସମଲେଇ ଗାଁ (ଗୋପାଳି, ତ୍ରିକୂଟ ପାହାଡ଼ ପାଦଦେଶ) ର ଏକ ମଣ୍ଡପରେ ସ୍ଥାପନ କରିଥିଲେ। ଦୀର୍ଘ ୪୫ ବର୍ଷ ମହାପ୍ରଭୁ ସେଠାରେ ରହିଲେ। ପୁଣି ମୋଗଲ ଗୋଳ ଲାଗିବାରୁ ମହାପ୍ରଭୁଙ୍କୁ ସେହିଠାରେ ପାତାଳି କରାଗଲା ଏବଂ ତା' ପାଖରେ



ଏକ ବର ଗଛ ଲଗାଯାଇଥିଲା, ଯେଉଁ ବର କାଳକ୍ରମେ 'ଦିଅଁବର' ନାଁରେ ପ୍ରସିଦ୍ଧି ପାଇଲା। ତାଙ୍କ ପରେ କେଶରୀ ବଂଶର ଯଯାତି କେଶରୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାତାଳି ସ୍ଥାନ ଚିହ୍ନଟ କରି ଦଇତାପତିମାନଙ୍କୁ ଡକାଇ ମହାପ୍ରଭୁଙ୍କୁ ଉଦ୍ଧାର କଲେ। ଶାସ୍ତ୍ରୀୟ ଭିତ୍ତିରେ ନବକଳେବର କରି ମହାପ୍ରଭୁମାନଙ୍କୁ ପୁନଃ ଶ୍ରୀମନ୍ଦିରରେ ଉପବେଶନ କରାଇଲେ। ଆଜି ବି କୋଟସମଲେଇ ମହାପ୍ରଭୁଙ୍କ ସେ ୧୪୪ ବର୍ଷର ସ୍ମୃତିକୁ ନିଜ ଛାତିରେ ଜାବୁଡ଼ି ଧରିଛି। ଶ୍ରୀମନ୍ଦିର ପରେ ଯଦି ମହାପ୍ରଭୁ କେଉଁଠାରେ ସର୍ବାଧିକ ସମୟ ରହିଥିବେ ତାହା ହେଉଛି ପାତାଳି ଶ୍ରୀକ୍ଷେତ୍ର କୋଟସମଲେଇ।

**ପ୍ରତାପରୁଦ୍ର ଦେବ:** ପ୍ରତାପରୁଦ୍ର ଦେବଙ୍କ ୧୭ଅଙ୍କରେ ମୋଗଲ ଅମୁରା ସୁରଥନ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ସେତେବେଳେ ପ୍ରତାପ ରୁଦ୍ରଦେବ ଦକ୍ଷିଣାତ୍ୟ ଯୁଦ୍ଧରେ ଥିଲେ। ଖବର ପାଇ ସେବକମାନେ ମହାପ୍ରଭୁଙ୍କୁ ଚାପରେ ଚିଲିକା ମଧ୍ୟସ୍ଥ ଚଢ଼େଇଗୁହା ପାହାଡ଼ରେ ଲୁଚେଇ ରଖିଲେ। ଦୁର୍ଦ୍ଦଣ୍ଡ ଅମୁରା ମନ୍ଦିର ଲୁଣ୍ଠନ କରି ମୂର୍ତ୍ତିମାନ ଭାଙ୍ଗିଲା (ମା.ପା ୩୯)। ପ୍ରତାପରୁଦ୍ର ଦେବ ଯୁଦ୍ଧରୁ ଫେରି ଅମୁରା ସୁରସେନକୁ ଘଉଡ଼େଇଲେ। ଦୀର୍ଘ ତିନିମାସ ଚଢ଼େଇଗୁହାରେ ରହି ମହାପ୍ରଭୁ ଶ୍ରୀମନ୍ଦିର ଫେରିଥିଲେ।

**ତେଲେଙ୍ଗା ମୁକୁନ୍ଦ ଦେବ:** ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ସହ ଆକବର ବିଶ୍ୱାସଘାତକତା କଲେ। ସେହି ସମୟରେ ସୁଲେମାନଙ୍କ ସେନାପତି ରଜୁ ଖାଁ କଳାପାହାଡ଼ ଶ୍ରୀମନ୍ଦିର ଆକ୍ରମଣ କରିଥିଲା(ଐତିହାସିକ ମତରେ ସେବେଳେକୁ ମୁକୁନ୍ଦ ଦେବ ମୃତ୍ୟୁବରଣ କରିଥିଲେ)। ଇତିହାସର ସବୁଠାରୁ ବର୍ବର ଆକ୍ରମଣ ମଧ୍ୟରେ ଏଇ ଆକ୍ରମଣ ଜଘନ୍ୟ ଓ ମର୍ମନ୍ତୁଦ ଥିଲା। ଆକ୍ରମଣର ଖବର ପାଇ ଅଭିଜ୍ଞ ସେବକ ପରିଛା ଦିବ୍ୟସିଂହ ପଟ୍ଟନାୟକ ମହାପ୍ରଭୁଙ୍କୁ ଚିଲିକାର ଛପଲି ହାତୀପଡ଼ାରେ ପାତାଳି କରିଥିଲେ। କଳାପାହାଡ଼ ମନ୍ଦିର ଆକ୍ରମଣ କରି ତିରିଶି ମହଣର ଏକ ସୁବର୍ଣ୍ଣ ପ୍ରତିମା(ଯାହାର ଆଖି ଦୁଇଟି ହୀରାରେ ତିଆରି) ସମେତ ବହୁ ଧନସମ୍ପତ୍ତି ବୋହିନେଲା(ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥ ତତ୍ତ୍ୱ - ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ପୃ : ୧୧୫)। ଗବେଷକ ଭାସ୍କର ମିଶ୍ରଙ୍କ ମତରେ କଳାପାହାଡ଼ ପ୍ରାୟ ୧୪୮୦ କିଲୋଗ୍ରାମ ଓଜନର ସୁନା ଏବଂ ଅନ୍ୟ ମୂଲ୍ୟବାନ ତଥା ଦୁର୍ଲଭ ପଦାର୍ଥ ଲୁଣ୍ଠନ କରିଥିଲା। ସେତିକିରେ ଯଦି ସେ ସନ୍ତୁଷ୍ଟ ହୋଇଥା'ନ୍ତା ତା'ହାଲେ ହୁଏତ ଇତିହାସ ତା'କୁ କ୍ଷମା କରିପାରିଥା'ନ୍ତା। କିନ୍ତୁ ତା'ପରେ ସେ ଯେଉଁ ବୀଭତ୍ସ ଦୃଶ୍ୟ ଭିଆଇଲା ତାହା ଆଜିବି ଅୟୁତେ ଓଡ଼ିଆଙ୍କ ଛାତି ଥରେଇ ଦିଏ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟଙ୍କ ନାମ ଘୋଷଣା କଲା ଓଜେସି

ଭୁବନେଶ୍ୱର,୨।୭(ସମିସ): ଓଜେସିର ସାଙ୍ଗଠନିକ ବିସ୍ତାର କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ପାର୍ଟି ସଭାପତିଙ୍କ ଅନୁମୋଦନ କ୍ରମେ ଓଜେସି ସେବା ସଙ୍ଗଠନ, ଓଡ଼ିଶା କୃଷକ ଜନତା କଂଗ୍ରେସ, ଓଡ଼ିଶା ଯୁବ ଜନତା କଂଗ୍ରେସ ଏବଂ ଓଡ଼ିଶା ମହିଳା ଜନତା କଂଗ୍ରେସର ବିଭାଗୀୟ ମୁଖ୍ୟଙ୍କ ନାମ ଘୋଷଣା ହୋଇଛି । ଓଡ଼ିଆଙ୍କ ସେବାରେ ସମର୍ପିତ ଓଜେସି ସେବା ସଙ୍ଗଠନର ସେବା ସମର୍ପଣ ଓ ସାଙ୍ଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ମନୋଜ ଜେନାଙ୍କୁ ଓଜେସି ସେବା ସଙ୍ଗଠନର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିପରି ଓଡ଼ିଶାର ଚାଷୀମାନଙ୍କ ସ୍ୱାର୍ଥରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଦଳ ଗୁରୁତ୍ୱ ଦେଉଥିବାରୁ ଏହି ସ୍ୱର ଓ ସଂଗ୍ରାମକୁ ଶାଣିତ କରିବା ନିମନ୍ତେ ସଂଗ୍ରାମ କିଶୋର ମାଝୀଙ୍କୁ ଓଡ଼ିଶା କୃଷକ ଜନତା କଂଗ୍ରେସର ଅଧ୍ୟକ୍ଷ ରୂପେ ମନୋନୀତ କରାଯାଇଛି । ଓଡ଼ିଶାରେ ଯୁବ ନେତୃତ୍ୱର ବିକାଶ ପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ସୃଷ୍ଟି । ସ୍ୱାଭିମାନୀ ଓଡ଼ିଆ ଯୁବକମାନଙ୍କୁ ସଙ୍ଗଠିତ କରିବାପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ସ୍ପଷ୍ଟ ଆଭିମୁଖ୍ୟ ପୋଷଣ କରିଆସୁଅଛି । ଏହି କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ଆର୍ଯ୍ୟବୀର ଲେଙ୍କାଙ୍କୁ ଓଡ଼ିଶା ଯୁବ ଜନତା କଂଗ୍ରେସର ସଭାପତି ଭାବେ ମନୋନୀତ କରାଯାଇଛି । ଓଡ଼ିଶାରେ ମହିଳାମାନଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସା ଓ ଅତ୍ୟାଚାର ବିରୁଦ୍ଧରେ ଓଜେସି ଏକ ସଶକ୍ତ ସ୍ୱର ହୋଇଛି । ଓଡ଼ିଶାର ପ୍ରତ୍ୟେକ ବର୍ଗର ମହିଳାମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ସୁସଙ୍ଗଠିତ କରି ଏହି ସଂଗ୍ରାମକୁ ଆଗେଇ ନେବାପାଇଁ ଶୈଳବାଳା ଜେନାଙ୍କୁ ଓଡ଼ିଶା ମହିଳା ଜନତା କଂଗ୍ରେସର ସଭାନେତ୍ରୀ ରୂପେ ମନୋନୀତ କରାଯାଇଛି । ନବନିଯୁକ୍ତ ଗୁରତ୍ୱପୂର୍ଣ୍ଣ ବିଭାଗର ସମସ୍ତ ବିଭାଗୀୟ ମୁଖ୍ୟମାନେ ସେବାବ୍ରତୀ ହୋଇ ଦାୟିତ୍ୱନିଷ୍ଠ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ପାର୍ଟି ସଭାପତି ଙ୍ଗ ମହମ୍ମଦ ମୋକିମ୍ ଆଶାପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ମିଶନ ଆଗମନ'ର...

ପାଇଲଟ୍ କିମ୍ବା ଜୟଷ୍ଟିକର ଆବଶ୍ୟକତା ନାହିଁ । ଏଥିରେ ଥିବା 'ରାମାନୁଜନ' ନାମକ ମିଶନ କମ୍ପ୍ୟୁଟର ଏବଂ ସ୍ୱତନ୍ତ୍ର ସଫ୍ଟୱେର୍ ଆଲଗୋରିଦମ ସାହାଯ୍ୟରେ ରକେଟ୍‌ଟି ମହାକାଶରେ ନିଜେ ସ୍ୱୟଂଚାଳିତ ଭାବେ ନିଷ୍ପତ୍ତି ନେଇପାରିବ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ ଇନ୍-ସ୍ପେସ୍‌ର ସହଯୋଗରେ ସ୍କାଏରୁଟ୍ ଏରୋସ୍ପେସ୍ ଏହି ମିଶନ ପରିଚାଳନା କରୁଛି । ଏହାପୂର୍ବରୁ ନଭେମ୍ବର ୨୦୨୨ରେ କମ୍ପାନୀ 'ବିକ୍ରମ-ଏସ୍' ନାମକ ଏକ ଛୋଟ ପରୀକ୍ଷାମୂଳକ ରକେଟ୍ ସଫଳତାର ସହ ଉତକ୍ଷେପଣ କରି 'ମିଶନ ପ୍ରାରମ୍ଭ' ର ଶୁଭାରମ୍ଭ କରିଥିଲା, ଯାହା କେବଳ ପୃଥିବୀ ପ୍ରଦକ୍ଷିଣ କରିଥିଲା । କିନ୍ତୁ ବର୍ତ୍ତମାନର 'ମିଶନ ଆଗମନ' ମାଧ୍ୟମରେ 'ବିକ୍ରମ-୧' ପ୍ରକୃତରେ ଉପଗ୍ରହଗୁଡ଼ିକୁ ମହାକାଶ କକ୍ଷପଥରେ ସ୍ଥାପିତ କରିବ, ଯାହା ଭାରତୀୟ ମହାକାଶ ଇତିହାସରେ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

### ଡ. ଜଗନ୍ନାଥ ନାୟକ...

ପ୍ରକାଶ ପାଇଛି । ବୈଜ୍ଞାନିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଆର୍ଯ୍ୟଭଟ୍ଟ ପୁରସ୍କାର, ନ୍ୟାସନାଲ୍ ଏରୋନଟିକାଲ୍ ପ୍ରାଇଜ୍, ଡିଆରଡିଓ ଅଗ୍ନି ପୁରସ୍କାର ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କଟକ ରେଭେନ୍ସା କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ହାସଲ କରିବା ପରେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରୁ ଏମ୍‌ଏସ୍ ଏବଂ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ । ଡିଆରଡିଓର ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ତାଙ୍କ ନିଯୁକ୍ତିକୁ ନେଇ ଓଡ଼ିଆ ବୈଜ୍ଞାନିକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି ।

### ଦେଶର ଆଲୁମିନିୟମ...

ସମ୍ପଦ ଏବଂ ଶିଳ୍ପ ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ । ଓଡ଼ିଶାରେ ଥିବା ଦେଶର ସର୍ବବୃହତ ବକ୍ସାଇଟ୍ ଭଣ୍ଡାର ଓ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଏହାକୁ ଭାରତର ଶିଳ୍ପ ଜଗତର ମେରୁଦଣ୍ଡ ଭାବେ ଗଢ଼ିତୋଳିଛି । ବର୍ତ୍ତମାନର ସରକାରଙ୍କ ଦୃଢ଼ ନୀତି ଯୋଗୁଁ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟରୁ ରୂପାନ୍ତରିତ ହୋଇ ଏକ ଉତ୍ପାଦନ କେନ୍ଦ୍ର ପାଲଟିଛି । ଏହି ଏମଓୟୁ ଓଡ଼ିଶାର ଜନସାଧାରଣ ଓ ସ୍ଥାନୀୟ ଅର୍ଥନୀତିକୁ ବିଶ୍ୱସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ସମାବେଶରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଏଜିଇଏଲ୍‌ର ନିର୍ବାହୀ ନିର୍ଦ୍ଦେଶକ ସାଗର ଆଦାନୀ, ୟୁଏଇ ଓଏଁଉ ଗ୍ରୁପ୍‌ର ନିର୍ଦ୍ଦେଶକ ଓ ସିଇଓ ସୟଦ୍ ବସର୍ ସୁଏବ୍, ୟୁଏଇ ଆଇଏଚସିର ସିଇଓ ଅଲି ଅଲ୍-ରସ୍‌ଦି, ଆଇଏଚସି ଗ୍ରୁପ୍‌ର ନେତୃବୃନ୍ଦ ହେସାମ୍ ଓ ଅବ୍‌ଦୁଲା ଅଲ୍-ରସ୍‌ଦିଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

### ନ୍ୟାୟିକ ପ୍ରକ୍ରିୟାରେ...

ନିଷ୍ପତ୍ତି ବିରୋଧରେ କମ୍ପାନୀର ନିଲମ୍ବିତ ନିର୍ଦ୍ଦେଶକ ପୂଜା ରମେଶ ସିଂହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ଉଭୟ ଟ୍ରିବ୍ୟୁନାଲ୍‌ର ରାୟକୁ ରଦ୍ଦ କରିବା ସହ ସମସ୍ତ ତଥ୍ୟକୁ ପୁନର୍ବାର ଯାଞ୍ଚ କରି ନୂତନ ଭାବେ ନିଷ୍ପତ୍ତି ନେବାକୁ କହିଛନ୍ତି । ଏହାସହିତ, ଆଇନ କ୍ଷେତ୍ରରେ ଏଆଇର ଏଭଳି ଅପବ୍ୟବହାର ରୋକିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରି ଏହାର ବିସ୍ତୃତ ଅନୁଧ୍ୟାନ କରିବାକୁ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛନ୍ତି ।

### ମୌସୁମୀ ସକ୍ରିୟ...

ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି । ସେହିପରି କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ଗଜପତି ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି । ଏହା ବ୍ୟତୀତ ବାଲେଶ୍ୱର, କଟକ, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ମଧ୍ୟ ବର୍ଷା ଆଶଙ୍କା କରାଯାଇଛି ।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି । ଏଥିପାଇଁ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦-୫୦ କିମି ବେଗରେ ପବନ ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୬୦ କିଲୋମିଟର ପହଞ୍ଚିପାରେ । ତେଣୁ ଆଗାମୀ ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୩୬ ଘଣ୍ଟାରେ ରାଜ୍ୟର ୩ ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ୧୫ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି । ବରଗଡ଼ର ଅମ୍ବାଭୋନାରେ ସର୍ବାଧିକ ୧୮୦ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର କୁଚୁମରାରେ ୧୩୦, ବରଗଡ଼ର ଅତାବିରାରେ ୧୨୦ ମିମି, ଭଟଲୀରେ ୧୧୦ମିମି ଏବଂ ସୋନପୁର ଜିଲ୍ଲାର ବୀରମହାରାଜପୁରରେ ୧୦୭ ମିମି ବର୍ଷା ରେକର୍ଡ ହୋଇଛି । ସେହିପରି ଭୁବନେଶ୍ୱରରେ ୨୮ ମିମି ବର୍ଷା ହୋଇଥିବା ବେଳେ କଟକରେ ୬୭ ମିମି ବର୍ଷା ରେକର୍ଡ ହୋଇଛି ।

### ଆସିବେନି ଶାହା...

ଓଡ଼ିଶାରେ ମନ୍ତ୍ରି ପରିଷଦ ପୁନର୍ଗଠନ ହେବାର ସମ୍ଭାବନା ରହିଛି । ମନ୍ତ୍ରୀ ଓ ନିଗମ ଆଶାୟୀମାନେ ଦୁଇ ବର୍ଷ ଅପେକ୍ଷା କରିକରି ଧୈର୍ଯ୍ୟ ହରାଇଲେଣି, ପୁଣି ଆଗକୁ ପଞ୍ଚାୟତ ନିର୍ବାଚନ । ତେଣୁ ଅଧିକଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବ କଲେ ଦଳ ପାଇଁ ବୁମେରାଂ ହେବାର ଆଶଙ୍କା ରହିଛି ବୋଲି ଦଳ ଅନୁଭବ କଲାଣି ବୋଲି ଚର୍ଚ୍ଚା ହେଉଛି ।

ଅନ୍ୟପକ୍ଷରେ ଉଭୟ ମୋହନ ଏବଂ ମନମୋହନଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କ ଦିଲ୍ଲୀ ଗସ୍ତରେ କୌଣସି ଅସ୍ୱାଭାବିକତା ନାହିଁ । ଏହା ଏକ ରୁଟିନ୍ ଭିଜିଟ୍ ଅଟେ । ଏବେ ରାଜ୍ୟରେ ଏସାଇଆର ପ୍ରକ୍ରିୟା ଚାଲିଛି । ତେଣୁ ସେ ସଂପର୍କରେ ଦିଲ୍ଲୀରେ ଆଲୋଚନା ହେବ । ସଠିକ୍ ସମୟରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ । ଏଥିପାଇଁ ହୋମ୍ ୱର୍କ ସରିଛି । ଏହାସହ ଚଳିତ ମାସ ଶେଷ ସୁଦ୍ଧା ବୋର୍ଡ ଓ ନିଗମ ପଦବି ଘୋଷଣା ହେବ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଅପରପକ୍ଷେ ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଏବଂ ବିଜେପି ରାଷ୍ଟ୍ରୀୟ ସଂଗଠନର ପୁନର୍ବିନ୍ୟାସ ନେଇ ବ୍ୟାପକ ମାନସ ମନ୍ଥନ ଚାଲିଛି । ଉଭୟ କେନ୍ଦ୍ର ସରକାର ଏବଂ ସଂଗଠନରେ ଓଡ଼ିଶାର ନେତାଙ୍କୁ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିବାର ସମ୍ଭାବନା ରହିଛି । ଏହାସହ ରାଜ୍ୟରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଅବଶ୍ୟମ୍ଭାବୀ ହୋଇପଡ଼ିଥିବାରୁ ଉଭୟ ମୋହନ-ମନମୋହନଙ୍କୁ ଦିଲ୍ଲୀ ଡକରା ହୋଇଛି । ଚଳିତ ଗସ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇପାରେ ବୋଲି ରାଜନୈତିକ ମହଲରେ ଅନୁମାନ କରାଯାଉଛି ।

### ବୁଲିବ ବୁଲ୍‌ଡୋଜର...

ପ୍ରାୟ ୧.୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ପୂର୍ବରୁ ଲବକୁଶଙ୍କ ଘରୁ ତଦନ୍ତ ବେଳେ ୧୪.୨୫ ଲକ୍ଷ ଟଙ୍କା ନଗଦ ଜବତ ହୋଇଥିଲା । ଏହି ମାମଲାରେ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଅନିଲ ମିଶ୍ର (ଲବକୁଶଙ୍କ ସମ୍ପର୍କୀୟ) ନିଜ ପଦରୁ ଇସ୍ତଫା ଦେଇସାରିଥିବା ବେଳେ ଲବକୁଶଙ୍କ ଶ୍ୱଶୁର ଓ ଶାଳକ ମଧ୍ୟ ଗିରଫ ହୋଇଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଏବଂ ମନ୍ଦିର ପାଣ୍ଠି ହେରଫେର ଟଙ୍କାରେ ଏହି କୋଠା ନିର୍ମାଣ ହେଉଥିବା ସନ୍ଦେହରେ ପୋଲିସ ଓ ନଗର ନିଗମ ମିଳିତ ଭାବେ ଏହି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ତେଣେ ଦାନ ବାକ୍ସରୁ ଅର୍ଥ ହେରଫେର ମାମଲା ଏବେ ଏକ ନୂଆ ମୋଡ଼ ନେଇଛି । ଗିରଫ ହୋଇଥିବା ଅଭିଯୁକ୍ତ ରାମଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବଙ୍କ ଭାଇ ଦିନେଶ ଯାଦବ ଏକ ବିସ୍ଫୋରକ ବୟାନ ଦେଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଏହି ବଡ଼ ଦୁର୍ନୀତିରେ ସାମିଲ ଥିବା "ବଡ଼ ମାଛ' ମାନଙ୍କୁ ସୁରକ୍ଷା ଦିଆଯାଉଛି ଏବଂ ତାଙ୍କ ଭାଇଙ୍କୁ କେବଳ ବଳିର ବୋଦା କରାଯାଉଛି । ଏଥିପାଇଁ ସେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରମୁଖ ସଦସ୍ୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କୁ ସିଧାସଳଖ ଦାୟୀ କରିଛନ୍ତି । ଟିନ୍ନୁ ଯାଦବଙ୍କ ଗିରଫଦାରୀ ପରେ ପ୍ରଥମ ଥର ପାଇଁ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଦିନେଶ ଯାଦବ କହିଛନ୍ତି ଯେ, ତାଙ୍କ ଭାଇଙ୍କ ନାମରେ ପୂର୍ବରୁ କୌଣସି ଅପରାଧିକ ମାମଲା ନଥିଲା । ସେ ଦୀର୍ଘ ୨୦ ବର୍ଷ ଧରି ଚମ୍ପତ ରାୟଙ୍କ ସହ ବିଶ୍ୱସ୍ତତାର ସହ କାମ କରିଆସୁଥିଲେ । ମାତ୍ର ଏବେ ବିପଦ ସମୟରେ ତାଙ୍କୁ ଏକାକୀ ଛାଡ଼ି ଦିଆଯାଇଛି । ପ୍ରଭାବଶାଳୀ ଲୋକମାନେ ନିଜକୁ ବଞ୍ଚାଇବା ପାଇଁ ଟିନ୍ନୁଙ୍କୁ ମିଛରେ ଫସାଇ ଦେଇଛନ୍ତି । ମାତ୍ର ୧ ଲକ୍ଷ ଟଙ୍କା ପାଇଁ ତାଙ୍କୁ ସବୁଠାରୁ ବଡ଼ ଅପରାଧୀ ଭାବେ ଚିତ୍ରଣ କରାଯାଉଛି, ଯେଉଁଠି ପ୍ରକୃତ ଦୁର୍ନୀତି ଲକ୍ଷ ଲକ୍ଷ ଟଙ୍କାର ଅଟେ । ଏପରିକି ଭୟରେ କୌଣସି ଓକିଲ ତାଙ୍କ ଭାଇଙ୍କ ପକ୍ଷ ରଖିବାକୁ ପ୍ରସ୍ତୁତ ନଥିବାରୁ ସେ କୋର୍ଟଙ୍କୁ ଆଇନଗତ ସହାୟତା ପାଇଁ ଗୁହାରି କରିଛନ୍ତି ।

### ତେଲ ଦର କମାଇବାକୁ...

ବିଶ୍ୱର ଅନେକ ଦେଶରେ ଇନ୍ଧନ ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଥିଲା, କିନ୍ତୁ ଭାରତ ସାଧାରଣ ଗ୍ରାହକଙ୍କ ଉପରେ ବୋଝ ପଡ଼ିବାକୁ ଦେଇ ନ ଥିଲା । ଏବେ ଲୋକମାନେ ପଚାରୁଛନ୍ତି ଯେ ପେଟ୍ରୋଲ ଏବଂ ଡିଜେଲ ଦର କେବେ ହ୍ରାସ ପାଇବ? ଭାରତରେ ଦର ପୂର୍ବରୁ ଅନ୍ୟ ଦେଶମାନଙ୍କ ପରି ବୃଦ୍ଧି ପାଇ ନ ଥିଲା । ତେଣୁ, ଏବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଆଶା କରିବା ଅଯୌକ୍ତିକ । ଅନେକ ଯୁକ୍ତି କରନ୍ତି ଯେ ଯେହେତୁ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୧୨୮ ଡଲାରରୁ ପ୍ରାୟ ୭୦ ଡଲାରକୁ ହ୍ରାସ ପାଇଛି, ତେଣୁ ପେଟ୍ରୋଲ ଏବଂ ଡିଜେଲ ମଧ୍ୟ ଶସ୍ତା ହେବା ଉଚିତ । ମାତ୍ର ଏପରି ତୁଳନା ସମ୍ପୂର୍ଣ୍ଣ ଚିତ୍ରକୁ ପ୍ରତିଫଳିତ କରେନାହିଁ ବୋଲି ସେ କହିଛନ୍ତି । ଶ୍ରୀ ପୁରୀ କହିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ବଜାରରେ ତୁରନ୍ତ ଦେଖାଯାଏନାହିଁ । ତେଣୁ, ହ୍ରାସ ହୋଇଥିବା ବିଶ୍ୱ ମୂଲ୍ୟର ଲାଭ ଗ୍ରାହକମାନଙ୍କ ପାଖରେ ପହଞ୍ଚିବା ପାଇଁ କିଛି ସମୟ ଲାଗିପାରେ । ସେ ଆହୁରି କହିଛନ୍ତି ଯେ ଯଦି ଅନ୍ତର୍ଜାତୀୟ ବଜାରରେ ତେଲ ଦର ଆଗାମୀ ଦୁଇରୁ ତିନି ମାସ ପର୍ଯ୍ୟନ୍ତ ରହିଲେ ମୂଲ୍ୟ ହ୍ରାସ ପାଇଁ ବିଚାର କରାଯାଇପାରେ ।

ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ତେଲ ମୂଲ୍ୟ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି । ଦେଶର ରାଷ୍ଟ୍ରାୟତ୍ତ ପେଟ୍ରୋଲିୟମ୍ କର୍ପୋରେସନ୍, ଯାହା ସମ୍ପୂର୍ଣ୍ଣ ଭାବରେ ଆମଦାନୀ ଉପରେ ନିର୍ଭରଶୀଳ, ଡିଜେଲ ମୂଲ୍ୟ ଲିଟର ପିଛା ୨୫ ଟଙ୍କା ଏବଂ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨୦ ଟଙ୍କା ହ୍ରାସ କରିଛି । କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ପରେ ଭାରତୀୟ ଟଙ୍କାରେ ପାକିସ୍ତାନରେ ପେଟ୍ରୋଲର ମୂଲ୍ୟ ୧୦୨.୨୧ ଟଙ୍କା (ଭାରତୀୟ ମୁଦ୍ରାରେ ୩୩ ଟଙ୍କା) ଏବଂ ଡିଜେଲର ମୂଲ୍ୟ ୧୦୬.୩୧ ଟଙ୍କା (ଭାରତୀୟ ମୁଦ୍ରାରେ ୩୪ ଟଙ୍କା ରହିଛି ।

### ପଖାଳ ଖିଆ ଖର୍ଚ୍ଚ...

ଟଙ୍କ ଟଙ୍କା ବ୍ୟୟ କରାଯାଇଛି । ପଖାଳ ଦିବସ ଆୟୋଜନର ଏଭଳି ମୋଟା ଖର୍ଚ୍ଚକୁ ନେଇ ସରକାରଙ୍କୁ ଚାରିଆଡୁ ସମାଲୋଚନା କରାଯାଉଛି । ଏହି ଦିବସ ଆୟୋଜନ ପାଇଁ ୨ ଦିନ ଧରି ରାଜ୍ୟର ବିଭିନ୍ନ ତାରକା ହୋଟେଲରେ ରାଜ୍ୟ ସରକାରଙ୍କ ଅଧିକାରୀଠାରୁ ଆରମ୍ଭ କରି ନେତା କର୍ମୀଙ୍କ ଭିଡ଼ ଲାଗିଥିଲା । ଏହି କ୍ରମରେ ସହରରେ ଥିବା ପ୍ରମୁଖ ହୋଟେଲ୍‌ଗୁଡ଼ିକରୁ ଖାଦ୍ୟଠାରୁ ଆରମ୍ଭ କରି ହୋଟେଲ୍ ମଧ୍ୟ ବୁକ୍ କରାଯାଇଥିଲା । ଏହାସହିତ ଯେଉଁ ଖର୍ଚ୍ଚ ପାଇଁ ଯେତିକି ପରିମାଣର ଅର୍ଥ ବହନ କରାଯାଇଛି, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ଖର୍ଚ୍ଚ ତାଲିକାରେ ପଖାଳ ପରଷିବା ପାଇଁ ବ୍ୟକ୍ତିମାନଙ୍କ ପାଇଁ ବୟନିକାରୁ 'ୱେଷ୍ଟ କୋର୍ଟ' କିଣାଯାଇଥିବା କଥା ଦର୍ଶାଯାଇଛି । ଏଥିପାଇଁ ୪ ଲକ୍ଷ ୨୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି । କାର୍ଯ୍ୟକ୍ରମର ପ୍ରଚାର ପାଇଁ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କୁ ୨ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା କୁହାଯାଉଛି ।

ସୂଚନା ଅନୁସାରେ କଂସା ବେଲା ଓ ଥାଳିଆ ପାଇଁ ପ୍ରାୟ ୨.୭୫ ଲକ୍ଷ ଟଙ୍କା, ମାଟି ବେଲା ଓ ଥାଳିଆପାଇଁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି ମାଟି ବେଲା ଓ ଥାଳିଆ ସବୁ ଫିଙ୍ଗା ଯାଇଥିବାବେଳେ କଂସା ବେଲା ଓ ଥାଳିଆ କିଏ ନେଲା ବୋଲି ଏବେ ପ୍ରଶ୍ନ ଉଠିଛି । କୌତୂହଳର କଥା ହେଉଛି ୨୦ ତାରିଖରେ ପଖାଳ ଦିବସରେ ରାଜଧାନୀର ବିଭିନ୍ନ ହୋଟେଲରେ ଚିକେନ୍ ବିରିଆନୀ ଓ ମିନେରାଲ ୱାଟର (ହିମାଳୟାନ ୱାଟର) ପାଇଁ ଲକ୍ଷଲକ୍ଷ ଟଙ୍କାର ବିଲ୍ ହୋଇଛି । ପଖାଳ ଦିବସ ସହ ମିନେରାଲ ୱାଟର ଓ ଚିକେନ ବିରିଆନୀର ସମ୍ପର୍କ ଆଦୌ ବୁଝିପଡୁନାହିଁ ।

ପଖାଳ ଦିବସ ଭଳିକାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଶଂସା କରାଯାଉଥିବା ବେଳେ ଲୋକଙ୍କ ଟିକସ ଟଙ୍କାର ଏତେ ଖର୍ଚ୍ଚକୁ ନେଇ ଏବେ ପ୍ରଶ୍ନ ଉଠିଛି । ଗିନିଜ୍ ରେକର୍ଡ୍ ପାଇଁ ୩୧ ଲକ୍ଷ ଟଙ୍କା ଖର୍ଚ୍ଚରେ ଓଡ଼ିଆଙ୍କର କି ଲାଭ ହେଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି । ପଖାଳର କୌଣସି ପରିଚୟ ଆବଶ୍ୟକ ନାହିଁ, ଏ କଥା ସମସ୍ତେ ଜାଣନ୍ତି । ଦେଶ ବିଦେଶରେ ଓଡ଼ିଶାର ପଖାଳ ଯଥେଷ୍ଟ ଆଗରୁ ପହଞ୍ଚି ସାରିଛି ଓ ପ୍ରଚାର ପ୍ରସାର ହୋଇ ସାରିଛି । ପର୍ଯ୍ୟଟନ ବିଭାଗ ଏହି ବ୍ୟୟ କରିବା ଅପେକ୍ଷା ଏହି ଅର୍ଥରେ ରାଜ୍ୟରେ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣ ପାଇଁ ବ୍ୟୟ କରିବା ଅଧିକ ଔଚିତ୍ୟ ହୋଇଥାଆନ୍ତା । ଯଦି ପଖାଳ ଦିବସ ସତରେ ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ମଞ୍ଚରେ ସ୍ଥାନ ଦେବ, ତେବେ ଏହାର ଖର୍ଚ୍ଚ ଓ ଲାଭର ସଠିକ୍ ହିସାବ ଲୋକଙ୍କ ସାମ୍ନାରେ ଆସିବା ଦରକାର ବୋଲି ସାଧାରଣରେ ଦାବି ହୋଇଛି ।

---

**NOTICE**

By virtue of an affidavit sworn before the Executive Magistrate, Athmallik dated 29th June 2026, I, Mr. PRASANTA BEHERA address Son of PRAFULLA BEHERA, Village : RASOSINGA , P.O. : LUNAHANDI, P.S.: ATHMALLIK , District: ANUGOLA, PIN : 759125 , STATE : ODISHA, declare that I have changed the name of my son from "PRAPYUSH BEHERA" to "PRATYUSH BEHERA". Henceforth, he shall be known as **"PRATYUSH BEHERA"** for all purposes.

**PRASANTA BEHERA**

---

**AFFIDAVIT**

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:50, dated 02.07.2026, I Susanta Kumar Mohanta, s/o: Lalmohan Mohanta, At: Bahadurpur, Po: baunsabila, Ps: Baripada sadar, dist - Mayurbhanj, Pin - 757024, Adhar no: 671210644639 declare that I have changed my name from Prasanta Mahanta to Susanta Kumar Mohanta. Henceforth, I shall be known as **Susanta Kumar Mohanta** for all purposes.

---

**AFFIDAVIT**

By virtue of an affidavit sworn before Executive Magistrate, Bargarh dated 02.07.2026, I, Sridhara Bhoi, S/o- Late Jan Bhoi resident of Khajurtikra, Ward No.8, Bargarh, Po./Ps./Tah/Dist.- Bargarh (Odisha), PIN- 768028 state that, my actual name is **Sridhara Bhoi** and Date of Birth **25.11.1956**. But in my Aadhar card my name has been wrongly mentioned as Sridhar Bhue and Date of Birth 12.07.1980. That **Sridhara Bhoi and Sridhar Bhue** is one and same person. I shall be known as **Sridhara Bhoi** for all purposes.

---

**AFFIDAVIT**

By virtue of an affidavit no. 441 before the Executive Magistrate, Nuapada, dt.18.06.2026 I, Chandradhwaj Satnami, Vill-Bolangir, P.O. Chhotanki, P.S. Jharbandh, Dist. Bargarh, hereby declare that I have changed my name from Chakradhwaj Satnami to Chandradhwaj Satnami. Henceforth, I shall be known as **Chandradhwaj Satnami** for all purposes.

**Chandradhwaj Satnami**

---

**AFFIDAVIT**

By virtue of an affidavit sworn before the Executive Magistrate Jaleswar, Baleswar, Odisha vide Sl. no. 2784 dated 19/06/2026, I Chandan Mohapatra, S/o-Harihara Mohapatra, At- Banida, Po-Sugo, Ps- Jaleswar Dist-Baleswar, Odisha, Pin-756084 declare that I have changed my Son's name from Subham Mohapatra to Subhajit Mohapatra. Henceforth he shall be known as **SUBHAJIT MOHAPATRA** for all purposes.

---

**AFFIDAVIT**

I, Muna Gouda, S/o- Ramesh Gouda resident of At-Chhachina, Jaganathapur, Po.- Gouradeipur, Ps./ Tahasil- Kodala, Dist.- Ganjam, Odisha, Pin- 761032 vide affidavit no. 336 dated 18.5.2026 state that, I have changed my daughter's name from **Mama Gouda** to **Mamali Gouda**. Henceforth she will be known as **Mamali Gouda** for all future purposes.

---

**AFFIDAVIT**

By virtue of an affidavit dtd-02.07.2026 sworn before The Executive Magistrate, Kalampur, Kalahandi. I, **Trilochan Sabar**, S/o- Natha Sabar, resident of Vill/AT/PO: Bijmara, PS: Kalampur, Dist: Kalahandi, Odisha declare that I have changed my minor daughter's name from **Tosita sabar** to **Tapaswini sabar** in his Aadhaar Card. Henceforth, she shall be known as **Tapaswini Sabar** (new name) for all purposes.

**Trilochan Sabar**

---

**AFFIDAVIT**

By virtue of an affidavit (Sl No. 1473, dtd- 23.06.2026) sworn before The Executive Magistrate, Khordha. I, **Yajnaseni Sahoo** (new name), D/o Manasi Sahoo, permanent resident of AT/PO: Pubusahi, Khordha, PS/Dist: Khordha, PIN: 752057, State: Odisha declare that I have changed my name from **Jagyanseni Sahoo** (old name) to **Yajnaseni Sahoo** (new name). Henceforth, I shall be known as **Yajnaseni Sahoo** (new name) for all purposes.

**Yajnaseni Sahoo**

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIV BBS2026016, ତା. 18.04.2026 ରିଖ ର

**ଶୁଦ୍ଧିପତ୍ର-3**

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ରେ ନିମ୍ନଲିଖିତ ରୂପାନ୍ତରଣ କରାଯାଇଅଛି । ଦୟାକରି ଧ୍ୟାନ ଦିଅନ୍ତୁ ।

| ବିବରଣୀ | ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ 02) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ | 17.07.206, 1200 ଘଟିକା | 03.08.2026, 1200 ଘଟିକା |

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଇଚ୍ଛୁକ ଟେଣ୍ଡର ଦାତାମାନେ ଦୟାକରି www.ireps.gov.in ଅବଲୋକନ କରନ୍ତୁ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-111/CJ/26-27

---

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-199ER ତା.24.06.2026ରିଖ

**କାର୍ଯ୍ୟର ନାମ :** କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ ସିଙ୍ଗାପୁର ରୋଡ୍-କେଉଟଗୁଡ଼ା (LOC : 159/9-11) ମଧ୍ୟରେ 11 KV ପାୱାର ଲାଇନ କ୍ରସିଙ୍ଗର ସ୍ଥାନାନ୍ତରଣ / ରୂପାନ୍ତରଣ ତଥା ବିବିଧ ଇଲେକ୍ଟ୍ରିକାଲ ଜେନେରାଲ ସର୍ଭିସ କାର୍ଯ୍ୟଗୁଡ଼ିକ ସହିତ ଭାଲୁମସ୍କା-ସିଙ୍ଗାପୁର ରୋଡ୍ ମଧ୍ୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କାର୍ଯ୍ୟ ଏବଂ ରାୟଗଡ଼ା ଠାରେ 33/11 KV, 5MVA ଆଉଟ୍‌ଡୋର ଟାଇପ୍ ସବ୍-ଷ୍ଟେସନର ଡିଜାଇନ୍, ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 763.38 ଲକ୍ଷ, EMD : ₹ 15,26,800/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2026ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ବିଶାଖାପାଟଣା

PR-114/CJ/26-27

---

25001/623/2627 Phone: 06842-253708 E-Mail: rw_phulbani@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**
**Government of Odisha**

e-Procurement Notice

**Bid Identification No.:** Online Tender/03/SERWDPLB/2026-27
**Memo No.:** 3274/RWD/PLB, **Date:** 12.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 54.27 to 76.27 Lakhs |
| 3 | Period of Completion | 3 (Three) Months as per Annexure |
| 4 | Date & Time of Availability of Bid Documents in the Portal | 04.07.2026 at 10.00 A.M. to 17.07.2026 up to 5.00 P.M. |
| 5 | Last Date & Time for Receipt of Bids in the Portal | 17.07.2026 up to 5.00 P.M. |
| 6 | Name & Address of the Officer Inviting Bid | Superintending Engineer, Rural Works Division, Phulbani |

Further details can be seen from the e-procurement portal: tendersodisha.gov.in/nicgep/app

**Superintending Engineer**
**Rural Works Division, Phulbani**

OIPR-25001/25077/1/26-27/0004

---

**OFFICE OF THE GENERAL MANAGER** 13001/1046/2627
**WATCO DIVISION, CUTTACK**

Telephone/e-Mail/FAX: 0671-2547115 / gmwatcoctc@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No.:** GMWATCO (W)-07/2026-27, **Date:** 30.06.2026

| | | |
|---|---|---|
| 1 | Name of the Work | 3 Nos. Work |
| 2 | Estimated Cost | Rs. 7.31 Lakh to Rs. 26.70 Lakh (Approx.) |
| 3 | Period of Completion | 3 (Three) Months |
| 4 | Date & Time of Availability of Bid Document in the Portal | From 11.00 A.M. on 04.07.2026 to 5.00 P.M. on 14.07.2026 |
| 5 | Last Date & Time of Receipt of Bids in the Portal | 14.07.2026 up to 05.00 P.M. |
| 6 | Date & Time of Opening of Bids | 15.07.2026 at 12.30 P.M. |
| 7 | Name & Address of the Officer Inviting Bid | The General Manager, WATCO Division, Cuttack-753003, OdishaPh.: (0671) 2547115E-mail: gmwatcoctc@gmail.com |
| 8 | The bidders have to participate in ONLINE bidding only. | |

Further details can be seen from the website: www.tendersodisha.gov.in

**General Manager**
**WATCO Division, Cuttack**

OIPR-13001/13170/1/26-27/0008,

---

25001/614/2627 E-Mail ID: eerw_blgr@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**

**e Procurement Notice**

**IFB IDENTIFICATION NO. EEBLGR-Online-03-2026-27**

| | | |
|---|---|---|
| 1 | Name of work | Road Works |
| 2 | Total no. of works | 2 (Two) nos |
| 3 | Approximate Estimated Cost | Rs. 58.82 to 80.67 Lakh |
| 4 | Time for completion | 2 (Two) calendar months |
| 5 | Mode of Submission of tender | Tender should be submitted online in www.tendersodisha.gov.in |
| 6 | Other details | As per TCN No. EEBLGR-Online-03/2026-27 |

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Clarification on Tender | Date & Time of Opening of Tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| | | | | | Technical Bid: | Financial Bid |
| Executive Engineer, Rural Works Division, Bolangir | EEBLGR-Online-03/2026-27 | 06.07.2026 at 11.00 A.M | 21.07.2026 up to 5.00 P.M. | 20.07.2026 up to 1.00 P.M. | 22.07.2026 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/Addendum will be displayed in the above e-tender website only.

**Executive Engineer**
**R.W. Division, Bolangir**

OIPR-25001/25068/1/26-27/0003

---

**GOVERNMENT OF ODISHA** 25001/617/2627
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**

E-Mail: eerwssngp@gmail.com
Bid Identification No.: 06/RWSS-NGP/2026-27
Date: 29-06-2026

The Executive Engineer, RWS&S Division, Nabarangpur on behalf of the Governor of Odisha invites **Percentage Rate Bids in Single Cover (P1 Contract)** from eligible class of experienced registered contractors through the **e-Tendering system** for the following **Piped Water Supply Works**. The bid should be submitted online through www.tenderorissa.gov.in separately for each work.

| | | |
|---|---|---|
| 1 | **Nature of Work** | **1.** Repair and shifting of distribution network pipeline damaged during PWD road widening work at Dabugam Village of Dabugam G.P. under Dabugam Block. **2.** Supplying all labour, T&P for laying of distribution network pipeline, installation of sluice valve & chamber damaged during PWD road widening work at PWS to Badabharandi & Pujariguda of Badabharandi G.P. under Umerkote Block. |
| 2 | **Time Period for Completion** | Two (2) Months |
| 3 | **Estimated Cost** | 1. Rs. 23.26 Lakhs2. Rs. 12.04 Lakhs |
| 4 | **Total Number of Works** | 2 Nos. |
| 5 | **Tender Cost** | Rs. 10,000.00/- Each |
| 6 | **Class of Contractor** | Work 1: "C" & "B"Work 2: "D" & "C" |
| 7 | **Availability of Bid Document in the website** | From **04.07.2026 at 01:00 Hours** to **10.07.2026 up to 17:00 Hours** |
| 8 | **Last Date of Seeking Clarification** | During office hours of **09.07.2026 up to 01:00 Hours** |
| 9 | **Date of Opening of Bid** | **13.07.2026 at 11:00 A.M.** |

**Note:** The amount put to tender is **exclusive of GST**., The intending bidders should quote rates exclusive of GST applicable as per norms. GST applicable on works contract shall be paid over the bill amount at the time of payment.

Further details are available in the bidding documents on the **e-procurement portal:** https://www.tenderorissa.gov.in. Subsequent corrigendum, if required shall be appeared in the website. Authority reserves the right to reject any or all tenders without assigning any reason.

**Superintending Engineer**
**R.W.S.&S. Division, Nabarangpur**

OIPR-25001/25028/1/26-27/0007

---

32001/476/2627

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,**
**ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ**
**OFFICE OF THE SUPERINTENDING ENGINEER**
**RENGALI DAM DIVISION, RENGALI DAM SITE**
**ANGUL-759105, e-mail: rengalidam@gmail.com**
**'e'-Procurement Notice No. SE-RDD- 02/2026-27**

The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from 'D' class or 'C' class Registered with the State Government of Odisha or from contractors of equivalent grade / class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Cleaning of Calcinations, Slush/Muck from foundation Gallery of Rengali Dam from Block No-1 to 51 and Gallery front drain including cleaning of motors for the year 2026-27 |
| 2 | No of works | : | 01(One) Nos of works |
| 3 | Estimated Cost | : | 10.28 Lakh (Excluding GST) |
| 4 | Cost of tender paper | : | **Rs. 6000.00 (Non-refundable)** |
| 5 | EMD/ Bid Security | : | **Rs. 10,300.00 (Refundable)** |
| 6 | Class of contractor | : | 'D' or 'C' Class Contractor |
| 7 | Period of Completion of work | : | 08 Calender month |
| 8 | Date and time of availability of bid Document in the website | : | From 11.00 A.M of Dt. **04.07.2026** to 5.00 P.M. of Dt.**14.07.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.**15.07.2026** at 11.00 A.M in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.**18.07.2026** at 11.00 AM onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Rengali Dam Division, AT. Rengali Dam Site P.O-Rengali Dam Site Dist: Angul, Odisha, PIN-759105 Email ID- rengalidam@gmail.com |

The bidders have to participate in ONLINE bidding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer
Rengali Dam Division,
Rengali Dam Site

OIPR-32001/32028/1/26-27/0001

---

**GOVERNMENT OF ODISHA** 25001/627/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH-II**
**CANCELLATION OF TENDER**

Tender for the work Sl. No. 01 "Special Repair to PWD Road - Erla Road for the year 2026–27" & Sl. No. 02 "Special Repair to L044-RD Road to Sanramloi Road for the year 2026–27" in Tender call notice Bid Identification No. Online-EERKL-13/2026-27 by the Executive Engineer is hereby cancelled due to some unavoidable circumstances:

**Executive Engineer**
**R.W. Division-II, Sundargarh**

OIPR-25001/25193/1/26-27/0030

## ହଟିଲା ପେଟ୍ରୋଲ, ଡିଜେଲ ବିକ୍ରି ଉପରେ ଅସ୍ଥାୟୀ କଟକଣା

# ଆଜିଠୁ ମାଛ ଧରିବାକୁ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ

ପାରାଦୀପ, ୨।୭ (ସମିସ)

ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ ଥିବା ଅସ୍ଥାୟୀ କଟକଣାଳ ହଟିବା ପରେ ଆସନ୍ତାକାଲି ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯିବେ। ଏନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାତି ପହିଲେ ଶହ ଶହ ବୋଟ ପାରାଦୀପ ମାଛଧରା ବନ୍ଦରରୁ ସମୁଦ୍ରକୁ ବହାରିଯିବେ ମାଛ ମାରିବା ପାଇଁ ମତ୍ସ୍ୟଜୀବୀ। ତେବେ ଏନେଇ ମାଛଧରା ବନ୍ଦର ଏବେ ଚଳଚଞ୍ଚଳ ହୋଇଉଠିଛି। ଜୁନ ୨୭, ୨୮ ଓ ୨୯ ତିନିଦିନ ଧରି ବିଶ୍ୱ କଲ୍ୟାଣ ବରୁଣ ଶାନ୍ତି ମହାଯଜ୍ଞ ସମ୍ପର୍ଣ୍ଣ ହୋଇଥିଲା। ତେବେ ବୋଟରେ ମତ୍ସ୍ୟଜୀବୀ ଡିଜେଲ, ବରଫ, ଗ୍ୟାସ ଓ ଅନାନ୍ୟ ସାମଗ୍ରୀ ମହଜୁତ ରଖି ସରିବା ପରେ ଆସନ୍ତାକାଲିଠାରୁ ସମୁଦ୍ରକୁ ବାହାରିଯିବେ। ଜୁଲାଇ ୧ ତାରିଖରୁ ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ ସରକାର ଅସ୍ଥାୟୀ କଟକଣା ହଟାଇ ଥିବାରୁ ଡିଜେଲ ଦର ଏବେ ବୋଟ ମାଲିକଙ୍କ ପାଇଁ ୧୦୪ ଟଙ୍କାରେ ପହଞ୍ଚି ପାରିଛି। ତେବେ ଏହି ଡିଜେଲ ଦାମ ପୂର୍ବରୁ ୧୪୭ ଟଙ୍କା ଥିବାବେଳେ ବୋଟ୍‌ରେ ମାଛ ଧରିବା ପାଇଁ ସମୁଦ୍ରକୁ ଯିବା ସମ୍ଭବ ହେଉ ନ ଥିଲା। ଏହି ଦାମ ଖସିବା ପରେ ଜଣେ ବୋଟ ମାଲିକ ସମୁଦ୍ରକୁ ମାଛ ଧରିବା ପାଇଁ ବୋଟ ପଠାଇବା ସମ୍ଭବ ହୋଇପାରିଛି। ଶେଷରେ ୨୦୨୬ ଜୁନ୍ ୧୨ରେ ଜାରି କରାଯାଇଥିବା ମୋଟର ସ୍ପିରିଟ୍ ଓ ହାଇସ୍ପିଡ୍ ଡିଜେଲ୍ (ଖୁଚୁରା ଆଉଟଲେଟ୍ ମାଧ୍ୟମରେ ଯୋଗାଣର ଅସ୍ଥାୟୀ ନିୟନ୍ତ୍ରଣ) ଆଦେଶକୁ ପ୍ରତ୍ୟାହାର କରାଯାଇଛି। ଯାହା ଫଳରେ ପୁଣିଥରେ ଚଳଚଞ୍ଚଳ ହୋଇପଡିଛି ମାଛ ଧରା ବନ୍ଦର। ଦୀର୍ଘ ୧୭ ଦିନ ଧରି ବନ୍ଦ ରହିଥିବା ପାରାଦୀପ ମାଛ ଧରା ବନ୍ଦର ଆସନ୍ତାକାଲିଠାରୁ ଖୋଲିବ ବୋଲି ସଙ୍ଘର ସଭାପତି ଶ୍ରୀକାନ୍ତ ପରିଡା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

ଡିଜେଲ ଦର ଅହେତୁକ ବୃଦ୍ଧି ହୋଇଥିବାରୁ ଜୁନ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମାଛ ଧରା ବନ୍ଦ ରଖିବା ନେଇ ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରିଥିଲେ ଓମ୍ଫା ସଭାପତି। ଡିଜେର ଦର ଅହେତୁ ବୃଦ୍ଧି ହୋଇଥିବାରୁ ବନ୍ଦ ରହିଥିଲା। ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହୋଇଛି ବନ୍ଦ ରହିବ ପାରାଦୀପ ମାଛ ଧରା ବନ୍ଦର ବୋଲି ସଭାପତି କହିଥିଲେ। ତେବେ ଡିଜେଲ ରେଟ ଖସିବାରୁ ପୂର୍ବଭଳି ବୋଟଗୁଡିକ ମାଛଧରି ବାକୁ ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଆଗକୁ ଏକ ବଡ ଧରଣର ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯିବା ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆଉଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଏଭଳି ଲଘୁଚାପ ମତ୍ସ୍ୟଜୀବୀଙ୍କ ପାଇଁ ନୂଆ ନୁହେଁ, ଏହି ଲଘୁଚାପ କେତେ ମତ୍ସ୍ୟଜୀବୀଙ୍କୁ ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଲା। ତେବେ ୧୭ ଦିନ ଧରି ବସି ରହିଥିବା ଏହି ମତ୍ସ୍ୟଜୀବୀ ଆଉ ବସି ରହିପାରିବେନାହିଁ। କାରଣ ୫୦ ହଜାର ମତ୍ସ୍ୟଜୀବୀ ପରିବାର ଏହି ଟ୍ରେଡ଼ ଉପରେ ନିର୍ଭର କରି ଚଳୁଛନ୍ତି। ଏଭଳି କଟକଣା ଯଦି ଲାଗି ରହେ ତେବେ ସେମାନଙ୍କ ପରିବାର କିଭଳି ଚଳିବ ବୋଲି ମତ୍ସ୍ୟଜୀବୀ ଓଲଟା ପ୍ରଶ୍ନ କରିଛନ୍ତି।

## ‘ଦକ୍ଷତା, ଅନୁପାଳନ ଓ ସତର୍କତା ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ କରିବାର ଉପଯୁକ୍ତ ମାଧ୍ୟମ’



ଜଗତସିଂହପୁର,୨।୭(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଦେଢଶରଦେଉଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରକାଶ ଦାଶ, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ସରିତା ଜେନା ଓ ସସ୍ମିତା ପଣ୍ଡା ଯୋଗଦେଇ ଏହି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବୈଦ୍ୟୁତିକ ଦୁର୍ଘଟଣା ବା ଆଘାତରୁ ରକ୍ଷା ପାଇବାର ସତର୍କମୂଳକ ପଦକ୍ଷେପ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମହାନ୍ତି ବୈଦ୍ୟୁତିକ କାର୍ଯ୍ୟ ପରିଚାଳନା କରୁଥିବା ବ୍ୟକ୍ତି ଉପଯୁକ୍ତ ଦକ୍ଷତା ସମ୍ପନ୍ନ, ଆଇନ୍, ମାନଦଣ୍ଡ ଓ ନିରାପଦ କାର୍ଯ୍ୟ ପ୍ରକ୍ରିୟାକୁ ସଠିକ୍ ଭାବେ ଅନୁପାଳନ, ନିରନ୍ତର ସତର୍କତା, ମୂଲ୍ୟାଙ୍କନ ଓ ନିରାପଦ ଆଚରଣକୁ ପ୍ରୋତ୍ସାହିତ କରିବା ଏକାନ୍ତ ବିଧେୟ ବୋଲି ବୁଝାଇବା ସହ ବୈଦ୍ୟୁତିକ ଦୁର୍ଘଟଣାରୁ ସୁରକ୍ଷା ନିମନ୍ତେ ୨୧ଟି ସୁବର୍ଣ୍ଣ ନିୟମ ପାଳନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅତିଥିମାନେ ସମବେତ ଭାବେ ବୈଦ୍ୟୁତିକ ସୁରକ୍ଷା ଶପଥ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଲିଖିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଇନ୍‌ସାଫ ପକ୍ଷରୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ମାନସ ଗୋଚ୍ଛାୟତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଶୁଚିସ୍ମିତା ପରିମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା।

# କୁସୁପୁର ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ



ଜଗତସିଂହପୁର,୨।୭(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ତେନ୍ତୁଳିବେଲାରୀ କୁସୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଶକ୍ତି ବିଭାଗ ଓ ପରିବେଶ ଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ମିଳିତ ସହଯୋଗରେ ସପ୍ତମ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ର୍‌ୟାଲିରେ ନିକଟସ୍ଥ ଗ୍ରାମକୁ ଯାଇ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ଲିଫ୍‌ଲେଟ୍ ବାଣ୍ଟିଥିଲେ ଓ ଲିଖିତ କୁଇଜ୍ ପ୍ରତିଯୋଗିତାରେ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ଲୁପ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଜଗତସିଂହପୁର ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ରୁଦ୍ରନାରାୟଣ ପାଣିଗ୍ରାହୀ, ସହକାରୀ ନିରୀକ୍ଷକ ଆୟାଶା ମହାନ୍ତି, ଶିଶିର ବେହେରା ଓ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଆଲୋଚକ ଭାବେ ଯୋଗଦେଇ ବିଦ୍ୟୁତ୍ ଦୁର୍ଘଟଣାରୁ ସୁରକ୍ଷା ନିମନ୍ତେ ଉପଯୁକ୍ତ ରେଟିଂର ଆଇଏସ୍‌ଆଇ. ଚିହ୍ନିତ ତାର ଓ ଉପକରଣ ବ୍ୟବହାର କରିବା ସହିତ ବିଦ୍ୟୁତିକ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରିବା ଓ ସମସ୍ତ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରିବା ନିମନ୍ତେ ଧ୍ୟାନ ଦେବାକୁ ଦର୍ଶାଇଥିବା ସହ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକ କହିଥିଲେ। ଏ ଅବସରରେ ସମବେତ ଭାବେ ବୈଦ୍ୟୁତିକ ସୁରକ୍ଷା ଶପଥ ଗ୍ରହଣ କରିଥିଲେ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ କୈବଲ୍ୟ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅପରାହ୍ନରେ ଅନୁରୂପ କାର୍ଯ୍ୟକ୍ରମ ନାଉଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଇଂ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପୁରାତନ ବିଦ୍ୟାର୍ଥୀ ପରିଷଦର ସଭାପତି ତଥା ବିଶିଷ୍ଟ ସମାଜସେବୀ ପ୍ରତାପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଇଂ ମହାନ୍ତି, ପରିବେଶବିତ୍ ଶ୍ରୀ ମହାନ୍ତି, ଇଂ ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟୁତ୍ ଦୁର୍ଘଟଣାଜନିତ ଅପମୃତ୍ୟୁରୁ ଉଭୟ ମଣିଷ ଓ ଜୀବଜନ୍ତୁଙ୍କୁ ଉପଯୁକ୍ତ ସୁରକ୍ଷାମୂଳକ ପଦକ୍ଷେପମାନ ଗ୍ରହଣ କରିବା ଓ ଶକ୍ତି ସଂରକ୍ଷଣ କରିବାର ଆବଶ୍ୟକତା ଓ ସର୍ବୋପରି ଏହି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ପ୍ରଭାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ

ଜଗତସିଂହପୁର,୨।୭(ସମିସ): ଗତ ଜୁନ ୨୩ ତାରିଖରୁ ଆରମ୍ଭ ହୋଇଥିବା ଦିନଦୟାଲ ଉପାଧ୍ୟାୟ ଡିଜିଟାଲ ଲର୍ଣ୍ଣିଂ ପ୍ରଶିକ୍ଷଣ ସଫଳତାର ସହିତ ସମାପ୍ତ କରି ପ୍ରମାଣପତ୍ର ହାସଲ କରିବା ଯୋଜନାର ବୈଠକ ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଟୋଲିର ସହ ପ୍ରଭାରୀ ଗୋପୀ ନାଥ ସାହୁ, ରାଜ୍ୟ ସମ୍ପାଦିକା ଡ. ପ୍ରୀତି ପ୍ରତିଭା ଭୋଳ ଓ ତପନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ୪ ନିର୍ବାଚନ ମଣ୍ଡଳୀର ୨୯ ମଣ୍ଡଳରେ ୧୫ ହଜାର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଆସନ୍ତା ୬ ଜୁଲାଇ ମଧ୍ୟରେ ଦିଆଯିବ ବୋଲି ଲକ୍ଷ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସମ୍ପାଦକ ଚିତ୍ତ ରଞ୍ଜନ ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତି ସର୍ଜନ ସିଂହ, ଅନୁସୂଚିତ ଜନ ଜାତି ମୋର୍ଚ୍ଚା ସଭାପତି ସବିତା ପ୍ରଧାନ ,ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ଟୋଲିର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ଟୋଲୀର ସହ ସଂଯୋଜକ ରୂପକ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

ତିର୍ତ୍ତୋଲ, ୨।୭(ସମିସ): ଜଗତସିଂହପୁର ବନାଞ୍ଚଳ ରାହାମା ସେକ୍ସନ ବନ ବିଭାଗ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତାରତୋଲ ଓ ଓଳଗଦାଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନପାଳ ବିରଞ୍ଚିନାରାୟଣ ଆପଟ, ବନରକ୍ଷୀ ଶୁଭଶ୍ରୀ ସାହୁ, ମାମାଲି ଗୁଡ଼ିଆ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଉମେଶ



ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାନଦୀ କୂଳରେ ୬୦୦୦ ଚାରା ଗ୍ରୀନ ମହାନଦୀ ମିଶନ ମାଧ୍ୟମରେ ଲଗାଯିବାର ବ୍ୟବସ୍ଥା କରାଯାଇଛି।

## ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ଜଗତସିଂହପୁର,୨।୭(ସମିସ): ଜଗତସିଂହପୁର ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ଭେ କରାଯାଇ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ପଦକ୍ଷେପ ନିଆଯାଇଛି। ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଥ୍ ସଂସ୍କାର କାର୍ଯ୍ୟ କରାଯାଇଛି। ବର୍ତ୍ତମାନର ୧୦୫୧ଟି ବୁଥ୍ ସଂଖ୍ୟାରେ ୧୭୫ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୨୨୬କୁ ବୃଦ୍ଧି କରାଯାଇଛି। ଜିଲ୍ଲାର ସମସ୍ତ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନୂଆ ବୁଥ୍ ଯୋଗ କରାଯାଇଛି। ପାରାଦୀପ: ପୂର୍ବରୁ ୨୩୩ ଥିଲା, ଏବେ ୩୮ଟି ନୂଆ ବୁଥ୍ ମିଶି ମୋଟ ୨୭୧ ହୋଇଛି। ତିର୍ତ୍ତୋଲ: ପୂର୍ବରୁ ୨୬୬ ଥିଲା, ଏବେ ୨୩ଟି ନୂଆ ବୁଥ୍ ମିଶି ମୋଟ ୨୮୯ ହୋଇଛି। ବାଲିକୁଦା ଏରସମା: ପୂର୍ବରୁ ୩୧୨ ଥିଲା, ଏବେ ୫୯ଟି ନୂଆ ବୁଥ୍ ମିଶି ମୋଟ ୩୭୧ ହୋଇଛି। ଜଗତସିଂହପୁର: ପୂର୍ବରୁ ୨୪୦ ଥିଲା, ଏବେ ୫୫ଟି ନୂଆ ବୁଥ୍ ମିଶି ମୋଟ ୨୯୫ ହୋଇଛି। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅଧୀନରେ ଆସନ୍ତା ଜୁଲାଇ ୫, ୨୦୨୬ (ରବିବାର) ଦିନ ଚିଠା ଭୋଟର ତାଲିକା ପ୍ରକାଶ ପାଇବାକୁ ଯାଉଛି। ଭୋଟର ତାଲିକାକୁ ସଠିକ୍ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ଚିଠା ତାଲିକା ପ୍ରକାଶ ପାଇବା ପରେ ସାଧାରଣ ନାଗରିକଙ୍କ ଯାଞ୍ଚ ନିମନ୍ତେ ଏହା ଉପଲବ୍ଧ ହେବ। ଜିଲ୍ଲାର କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଚିଠା ଭୋଟର ତାଲିକାର ଯାଞ୍ଚ ଓ ଦାବି, ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି। ଚିଠା ଭୋଟର ତାଲିକା ପ୍ରକାଶ ପାଇବା ପରେ ଯଦି କୌଣସି ପ୍ରକାରର ଆପତ୍ତି, ଅଭିଯୋଗ କିମ୍ବା ସଂଶୋଧନ ଥାଏ, ତେବେ ଆସନ୍ତା ୫ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଚଳିତ ମାସ ୫ ତାରିଖ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ନାଗରିକ ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ, ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଦେବା ପାଇଁ ଆପତ୍ତି କରିପାରିବେ ଓ ଫର୍ମ-୮ ମାଧ୍ୟମରେ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ। ଏହି ସମଗ୍ର ପ୍ରକ୍ରିୟାରେ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ଏବଂ ବିଚାର ଆସନ୍ତା ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ଶେଷ କରାଯିବ। ଜଗତସିଂହପୁର ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚିତ କରାଯାଇଛି।

## ● ପାରାଦୀପ ରୋଟାରୀ କ୍ଲବ୍‌ର ଡାକ୍ତର ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବସ
## ସଭାପତି ଭାବେ ଅକ୍ଷୟ ସୂତାର ଓ ସମ୍ପାଦକ ଭାବେ କାଳୀପ୍ରସାଦ ମିଶ୍ରଙ୍କ ଦାୟିତ୍ୱଗ୍ରହଣ

ପାରାଦୀପ, ୨।୭(ସମିସ): ରୋଟାରୀ କ୍ଲବ ପାରାଦୀପ ପକ୍ଷରୁ ଜାତୀୟ ଡାକ୍ତର ଦିବସ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବସ ପାଳିତ ହୋଇଯାଇଛି। କ୍ଲବ ପକ୍ଷରୁ ଆୟୋଜିତ




ସଭାରେ ପ୍ରଥମେ ୨୦୨୬-୨୭ ବର୍ଷ ପାଇଁ ନୂତନ ସଭାପତି ଭାବେ ଅକ୍ଷୟ ଚନ୍ଦ୍ର ସୂତାର ଓ ସମ୍ପାଦକ ଭାବେ କାଳୀପ୍ରସାଦ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ ଉକ୍ତ ଦିବସକୁ ପାଳନ କରାଯାଇଥିଲା। ନୂତନ ସଭାପତି ଶ୍ରୀ ସୂତାର ଓ ସମ୍ପାଦକ ଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଡକ୍ଟର ଦୁର୍ଗାପ୍ରସାଦ ସେଠୀ, ଡକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ଡକ୍ଟର ଆଲୋକ କୁମାର ଲେଙ୍କାଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆଗାମୀ ବର୍ଷର ବିଭିନ୍ନ ସମାଜସେବା କାର୍ଯ୍ୟ କେବେ ଓ କିପରି କରାଯିବ ସେ ସମ୍ପର୍କରେ ଆଲୋଚନା ହେବ ସହ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏ ଅବକାଶରେ କ୍ଲବର ଶେଷ ବର୍ଷର ସଭାପତି କ୍ୟାପଟେନ ସୁଶାନ୍ତ କୁମାର ବାଗ ଓ ସମ୍ପାଦକ ବିପ୍ଳବ କୁମାର ଜେନାଙ୍କ ନେତୃତ୍ୱରେ କ୍ଲବ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯିବା ସହ ପ୍ରଶଂସା କରାଯାଇଥିଲା। ଉତ୍ସବରେ ଡକ୍ଟର କୈଳାସ ମହାରଣା, ନିରଞ୍ଜନ ଖୁଣ୍ଟିଆ, ଅକ୍ଷୟ ଚନ୍ଦ୍ର ମିଶ୍ର, ସୁଦର୍ଶନ ସ୍ୱାଇଁ, ଆଶୁତୋଷ ସ୍ୱାଇଁ, ହରିହର ଦାଶ, ଦୀପକ କୁମାର ଷଡ଼ଙ୍ଗୀ, ପ୍ରଦୀପ୍ତ ସାହୁ, ଅମରେଶ ନରେଶ ସାମନ୍ତ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ୨୦୨୬-୨୭ର ନୂତନ ସଭାପତି ରୋଟାରୀଆନ ଅକ୍ଷୟ ଚନ୍ଦ୍ର ସୂତାର ଦାଇତ୍ୱ ନେବା ସହ ଆଗାମୀ କାର୍ଯ୍ୟ କିପରି ସଫଳତାର ସହ କରାଯାଇପାରିବ, ସେଥିପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଭ୍ୟାନିଟ୍ ଝାମ୍ପିନେଲେ ଦୁର୍ବୃତ୍ତ

ବାଲିକୁଦା,୨।୭(ସମିସ): ୫୫ନଂ ଜାତୀୟ ରାଜପଥରେ ପୁଣିଥରେ ଝାମ୍ପି ଗ୍ୟାଙ୍ଗ ସକ୍ରିୟ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଦିନ ଦ୍ୱିପ୍ରହରରେ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଭ୍ୟାନିଟ୍ ବ୍ୟାଗକୁ ଦୁଇ ଦୁର୍ବୃତ୍ତ ଝାମ୍ପି ନେଇ ଫେରାର ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କ ସୃଷ୍ଟି କରିଛି। ବାଲିକୁଦା ବ୍ଲକ ଇଚ୍ଛାପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀ ପରିଡା ଗୁରୁବାର ପ୍ରାୟ ଦିନ ୧୨ଟା ସମୟରେ ଘରୁ ସ୍କୁଟି ଯୋଗେ ଡେଙ୍ଗାପୋଲ ବଜାରକୁ ଯାଇ ଗାଡ଼ି ମରାମତି କରାଇଥିଲେ। ଫେରିବା ବେଳେ ସେ ମାଧୁରୀ ବଜାରର ଏକ ତେଜରାତି ଦୋକାନରୁ କିଛି ସାମଗ୍ରୀ କିଣି ଜାତୀୟ ରାଜପଥ-୫୫ର ବାମପାଶ୍ୱର୍ରେ ରଖିଥିବା ସ୍କୁଟି ପାଖକୁ ଯାଉଥିଲେ। ସେ ସମୟରେ ଏକ ଧଳା ରଙ୍ଗର ଆପାଚି ବାଇକ୍‌ରେ ଆସିଥିବା ଦୁଇଜଣ ଯୁବକ ତାଙ୍କ ହାତରୁ ଭ୍ୟାନିଟ୍ ବ୍ୟାଗ ଝାମ୍ପି ନେଇ ବାଲିକୁଦା ଅଭିମୁଖେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ପୂର୍ବରୁ ସେହି ସ୍ଥାନରେ ଧଳା ରଙ୍ଗର ଆପାଚି ସହ ଏକ କଳା ରଙ୍ଗର ପଲସର ବାଇକ୍‌ରେ ୪ ଜଣ ଅଜଣା ଯୁବକ ଦୀର୍ଘ ସମୟ ଧରି ସନ୍ଦେହଜନକ ଭାବେ ଠିଆ ହୋଇଥିଲେ। ଏହା ଏକ ସଂଗଠିତ ଝାମ୍ପି ଗ୍ୟାଙ୍ଗର କାର୍ଯ୍ୟ ହୋଇପାରେ ବୋଲି ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ବାସନ୍ତୀ ପରିଡା ବାଲିକୁଦା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଭ୍ୟାନିଟ୍ ବ୍ୟାଗରେ ୨ ହଜାର ଟଙ୍କା, ଏଟିଏମ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ, ଦୁଇଟି ବ୍ୟାଙ୍କ ପାସ୍‌ବୁକ, ଦୁଇଟି ଚେକ୍‌ବୁକ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଅଭିଯୋଗ ପାଇବା ପରେ ବାଲିକୁଦା ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛି। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଚାଲିଛି।

## ଭାନୁଦେବ ବିଶ୍ୱାଳଙ୍କୁ ନବଦିଶା ଲେଖକ ସମ୍ମାନ



ବାଲିକୁଦା,୨।୭(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ତିତିରା ପଞ୍ଚାୟତର କେଉଟପାଳ ଗ୍ରାମରେ ଜନ୍ମିତ ଓଡ଼ିଆ ଭାଷା ସାହିତ୍ୟର ଆଗଧାଡିର କବି ଭାନୁଦେବ ବିଶ୍ୱାଳଙ୍କୁ ନବଦିଶା ଶ୍ରେଷ୍ଠ ଲେଖକ ସମ୍ମାନ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ବିଜ୍ଞାନର ମୁଖପତ୍ର କାୟାକଳ୍ପ, ବାସନ୍ଦରା ତରଫରୁ ପୁସ୍ତକ ଲୋକାର୍ପଣ ସମାରୋହ କଟକସ୍ଥ ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଶ୍ରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ବିଭିନ୍ନ ପୁସ୍ତକ ମଲ୍ଲି ମଲ୍‌ହାର, ମା ପରି ମା'ଟିଏ ଓ ବିଭିନ୍ନ କବିତା, ପ୍ରବନ୍ଧ ଲେଖି ସେ ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାସନିକ ଅଧିକାରୀ ଗୋପବନ୍ଧୁ ମଲ୍ଲିକ, ଡକ୍ଟର ପ୍ରଭାତ ରଞ୍ଜନ ବେଉରିଆ, ଡକ୍ଟର ରେଖା ପଣ୍ଡା, ଡକ୍ଟର ସୁରେନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବିଶ୍ୱାଳଙ୍କୁ ତାଙ୍କର କୃତି ପାଇଁ ତାଙ୍କୁ ଚଳିତ ବର୍ଷର ନବଦିଶା ଶ୍ରେଷ୍ଠ ଲେଖକ ସମ୍ମାନରେ ସମ୍ମାନିତ କରିଥିଲେ। ଏ ନେଇ ଶ୍ରୀ ବିଶ୍ୱାଳଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଜଗତସିଂହପୁରରେ ‘ଭିବି-ଜୀ ରାମ ଜୀ’ ଯୋଜନାର ଶୁଭାରମ୍ଭ

ଜଗତସିଂହପୁର,୨।୭(ସମିସ): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ "ଭିବି-ଜି ରାମ ଜି' ଯୋଜନାର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ କହିଲେ, ସମଗ୍ର ଭାରତ ବର୍ଷରେ ଆଜି ଏହି ଯୋଜନାର ଶୁଭାରମ୍ଭ କରାଯାଇଛି।




ରାଜ୍ୟର ସମସ୍ତ ପଞ୍ଚାୟତରେ ଲାଗୁ ହେଉଥିବା ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ଗ୍ରାମୀଣ ପରିବାରକୁ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ଆଇନଗତ ମଜୁରିଭିତ୍ତିକ ନିଯୁକ୍ତିର ଗ୍ୟାରେଣ୍ଟି ପ୍ରଦାନ କରାଯିବା ସହ ଦୈନିକ ମଜୁରୀ ବାବଦକୁ ୩୦୦ ଟଙ୍କା ପ୍ରଦାନ କରାଯିବ। ବିକଶିତ ଭାରତ ଗଠନ ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ପଞ୍ଚାୟତ ସ୍ତରରେ ଯୋଜନାବଦ୍ଧ ଭାବେ କାର୍ଯ୍ୟଗୁଡିକୁ ଗ୍ରହଣ କଲେ ଗ୍ରାମାଞ୍ଚଳର ଉନ୍ନତି ହେବା ସହ ପଞ୍ଚାୟତର ଆର୍ଥିକ ବିକାଶ ହୋଇପାରିବ। ଜଳ ସୁରକ୍ଷା, ମୂଳ ଗ୍ରାମୀଣ ଭିତ୍ତିଭୂମିର ବିକାଶ, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ସୃଷ୍ଟି ଓ ଚରମ ପାଣିପାଗ ବିପର୍ଯ୍ୟୟ ପ୍ରଶମନ ମାଧ୍ୟମରେ ସଶକ୍ତ ଓ ସମୃଦ୍ଧ ଗ୍ରାମ ଗଠନ କରିବା ଏହି ଯୋଜନାର ଲକ୍ଷ୍ୟ। ସମସ୍ତଙ୍କର ସହଭାଗିତା ରହିଲେ ଏହି ଯୋଜନା ନିଶ୍ଚିତ ଫଳପ୍ରଦ ହୋଇପାରିବ। ସୁଦୃଢ ପଞ୍ଚାୟତ ଗଠନ ପାଇଁ ସୁଦୃଢ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ସାଂସଦ ଶ୍ରୀ ତରାଇ ପ୍ରକାଶ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ କହିଲେ ଭିବି ଜୀ ରାମଜୀ ଯୋଜନାରେ ୧୦୦ ଦିନର କାମ ପରିବର୍ତ୍ତେ ୧୨୫ ଦିନ କାମ ଯୋଗାଇ ଦିଆଯିବ। ଏହି ଯୋଜନାରେ ୩୧୮ଟି କାମକୁ ସାମିଲ କରାଯାଇଛି। ବିକଶିତ ପଞ୍ଚାୟତ ଯୋଜନାରେ ସମସ୍ତ ଯୋଜନାର ସମନ୍ୱୟ ରଖି କାର୍ଯ୍ୟ କଲେ ପଞ୍ଚାୟତର ଅର୍ଥନୈତିକ ବିକାଶ ହୋଇପାରିବ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ ଯୋଗଦେଇ କହିଲେ, ଆଜି ହେଉଛି ଏକ ଐତିହାସିକ ଦିନ। ଆଜିଠାରୁ ପଞ୍ଚାୟତ ସ୍ତରରେ ଏହି ଯୋଜନାକୁ ଲାଗୁ କରାଯାଇ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିବ। ଗ୍ରାମସଭା ଦ୍ୱାରା ବିକଶିତ ପଞ୍ଚାୟତ ଯୋଜନା କାର୍ଯ୍ୟକାରୀ କରାଯାଇ ଗ୍ରାମାଞ୍ଚଳର ଲୋକଙ୍କ ଆର୍ଥିକ ବ୍ୟବସ୍ଥାକୁ ସଶକ୍ତ ଓ ସୁଦୃଢ କରାଯାଇପାରିବ। ଏହି ଯୋଜନାରେ ଠିକ୍ ସମୟରେ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବା ସହ ବିଳମ୍ବ ପାଇଁ କ୍ଷତିପୂରଣ ବ୍ୟବସ୍ଥା ରହିଛି। ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ପ୍ରସ୍ତୁତି ଓ ଏହାର ସଫଳ ରୂପାୟନ କରାଯାଇପାରିବ।

ଏହି ଉତ୍ସବରେ ଅତିରିକ୍ତ ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଯୋଗଦେଇ କହିଲେ ଜୁଲାଇ ୧ ତାରିଖଠାରୁ ଏହି ଯୋଜନା ସାରା ଦେଶରେ ଆରମ୍ଭ ହୋଇ ଆଜି ତାହାର ଶୁଭାରମ୍ଭ କରାଯାଇଛି। ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଥିବା ଅସୁବିଧା ଏହି ଭିବି ଜୀ ରାମ ଜୀ ଯୋଜନାରେ ସଂଶୋଧନ କରାଯାଇଛି। ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଓ କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଅଂଶଧନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ବେରୋଜଗାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇପାରିବ। ଏହି ଉତ୍ସବକୁ ଜିଲ୍ଲା ସଂଯୋଜକ ମଧୁସ୍ମିତା ବିଶ୍ୱାଳ ପରିଚାଳନା କରିଥିଲେ। ଉତ୍ସବରେ ଭିବି ଜୀ ରାମ ଜୀର ଲୋକପାଳ ଶିବପ୍ରସାଦ ପତି ଉପସ୍ଥିତ ଥିଲେ। ଏ ଅବସରରେ ପୂର୍ବରୁ ୧୦୦ ଦିନର କାମ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଶ୍ରମିକଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏରସମା ବିଡିଓ ଦାଶରଥି ଜେନା ଏହି ଯୋଜନାରେ ନିଜର ଅଭିଜ୍ଞତା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡେପୁଟି ସିଇଓ ମଧୁସ୍ମିତା ସାହୁ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଢେଙ୍କାନାଳ, ୨।୭(ସମିସ): ସଦର ଥାନା ଦାଣ୍ଡିମାଳ ପାସେଞ୍ଜର ହଲ୍ଟ ନିକଟ ଏକ ଲିମ୍ବ ଗଛରେ ଜଣେ ଏପିଆର କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ କନଷ୍ଟେବଲ ହେଲେ ବିକ୍ରମ କୁମାର ଭୋଇ (୩୦)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ଗୋଦରବିଲି ଗ୍ରାମର ବିକ୍ରମ ୨୦୨୩ରେ ପୁଲିସ ବିଭାଗରେ ଚାକିରି କରିଥିଲେ।

## ବର୍ଷାରେ ଓଦା ହୋଇ ମୋବାଇଲ ନଷ୍ଟ

ଭୁବନ, ୨।୭(ସମିସ): ଭୁବନ ଏନ୍‌ଏସି ଦ୍ୱାରା କାର୍ଯ୍ୟାଳୟକୁ ଲାଗି ରହିଛି ୪୦ଟି ଦୋକାନ ଘର। ଚୁକ୍ତି ଅନୁଯାୟୀ ଏକ ଲକ୍ଷ ଟଙ୍କା ଅମାନତ ଜମା କରି ଦୋକାନ ଦେଇଛନ୍ତି ବେରୋଜଗାର ଯୁବକ। ତେବେ ଏନ୍‌ଏସି ପକ୍ଷରୁ ଏହି ଦୋକାନ ଘରର ପୂର୍ବ ଦିଗରେ ଗାଡ଼ି ଷ୍ଟାଣ୍ଡ ପାଇଁ କାନ୍ଥ ଖୋଲି ଛାତ ପକାଯାଇଛି। ଫଳରେ ଦୋକାନ ଘରକୁ ପାଣି ସୋକ୍ କରୁଛି। ଦୋକାନ ଘର ନମ୍ବର ୮ରେ ମୋବାଇଲ ଦୋକାନ କରିଥିବା ଯୁବକଙ୍କର ପ୍ରାୟ ଏକ ଲକ୍ଷ ଟଙ୍କାର ମୋବାଇଲ ଓଦା ହୋଇ ନଷ୍ଟ ହୋଇଛି।

## ସାପ କାମୁଡ଼ାରେ ଶିକ୍ଷୟିତ୍ରୀ ଗୁରୁତର

ଭୁବନ, ୨।୭(ସମିସ): ଭୁବନ ବ୍ଲକ ପଳାସପିଠିଆ ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଝରଣା ସାହୁ ସାପ କାମୁଡ଼ାରେ ଗୁରୁତର ଅସୁସ୍ଥ ହୋଇଛନ୍ତି। ପ୍ରତିଦିନ ପରି ଗୁରୁବାର ସେ ବିଦ୍ୟାଳୟ ଯିବା ପାଇଁ ଘରୁ ବାହାରୁଥିବା ସମୟରେ କୌଣସି ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଆବଶ୍ୟକ ଚିକିତ୍ସା ସହ ୧୬ଟି ଆଣ୍ଟି ଭେନମ୍ ଇଞ୍ଜେକ୍ସନ ପ୍ରଦାନ କରାଯାଇଥିଲା। ତଥାପି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ଯୁବକଙ୍କ ପାଦରେ ଚଢ଼ିଗଲା ଟାଟା ଏସିଇ

ଭୁବନ, ୨।୭(ସମିସ): ଘରୁ ରାଗିକରି ଆସି ରାସ୍ତା ପାର୍ଶ୍ୱ ଏକ କ୍ୟାବିନ ନିକଟରେ ଶୋଇଥିବା ବେଳେ ଯୁବକଙ୍କ ପାଦରେ ଟାଟା ଏସିଇ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ୫୩ନଂ ଜାତୀୟ ରାଜପଥ ଭୁବନ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ପର୍ଜଙ୍ଗ ଥାନା କଙ୍କିଳି ଗ୍ରାମ ଜରିତଳାର ସନାତନ ମହାନ୍ତିଙ୍କ ପୁଅ ପ୍ରାଣବନ୍ଧୁ ମହାନ୍ତି। ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ଆଇନସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ

ଢେଙ୍କାନାଳ, ୨।୭(ସମିସ): ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଅଦାଲତର ବିଚାରପତି, କର୍ମଚାରୀ, ପ୍ୟାନେଲ ଆଇନଜୀବୀ, ପାରା ଲିଗାଲ ଭଲ୍ୟୁଣ୍ଟରଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଷାପାଟଠାରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପରିବେଶ ସନ୍ତୁଳନ ନିମନ୍ତେ ଚାରା ରୋପଣ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ତଥା ପୋକ୍ସୋ ଜଜ୍ ସୁଶୀଲ କୁମାର ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ସିଭିଲକୋର୍ଟ ରେଜିଷ୍ଟ୍ରାର ସସ୍ମିତା ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର, ବରିଷ୍ଠ ଦେୱାନୀ ଅଦାଲତ ଏଲଆରଓଏଲଟିଭି ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସାନ୍ତା ସାମଲ, ଅତିରିକ୍ତ ଦେୱାନୀ ବିଚାରପତି ଅରିଜିତ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷୀକେଶ ଖେମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ରେଞ୍ଜ ଅଫିସର ଉତ୍ସବ ଚନ୍ଦ୍ର ପ୍ରଧାନ, ଫରେଷ୍ଟର ଶରତ ଚନ୍ଦ୍ର ମଲ୍ଲ ଓ ବିକ୍ରମ କେଶରୀ ସେଠୀ ପ୍ରମୁଖ ଉପସ୍ଥିତ ରହି ବନ ବିଭାଗ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରିଥିଲେ।

## ହିନ୍ଦୋଳ ବନବିଭାଗ ପକ୍ଷରୁ ବନମହୋତ୍ସବ



ହିନ୍ଦୋଳ, ୨।୭(ସମିସ): ହିନ୍ଦୋଳ ବନ ବିଭାଗ ପକ୍ଷରୁ ବନମହୋତ୍ସବ ସପ୍ତାହ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କ ନେତୃତ୍ୱରେ ବାବନ୍ଧ ବିଟ୍ ବମ୍ପା ସେକ୍ସନରେ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ହିନ୍ଦୋଳ ତହସିଲଦାର ଦିଲୀପ ସେଠୀ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ସୁଶାନ୍ତ ସାହୁ, ଫ୍ଲାଇଂ ଗାର୍ଡ ସୁନୀଲ ନାଏକ, ସୁଧାଂଶୁ ନାୟକଙ୍କ ସମେତ ହାତୀ ସ୍କ୍ୱାଡ୍ ଓ ବାବନ୍ଧ ଗ୍ରାମବାସୀ ସହଯୋଗ କରିଥିଲେ।

### ବ୍ରାହ୍ମଣୀ ନଦୀର ମଧୁର ଜଳ ପାଲଟିଛି ଚିତ୍ରା କଇଁଛଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ

# ୬ ପ୍ରଜାତିର କଇଁଛଙ୍କ ବଂଶବିସ୍ତାର

ଢେଙ୍କାନାଳ, ୨।୭(ସମିସ)

ଢେଙ୍କାନାଳ ଜିଲ୍ଲାଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ମଧୁର ଜଳ ଚିତ୍ରା କଇଁଛଙ୍କ ପାଇଁ ପାଲଟିଛି ସୁରକ୍ଷିତ ଆଶ୍ରୟସ୍ଥଳୀ। ଏଠାରେ ୬ ପ୍ରଜାତିର କଇଁଛ ସୁରକ୍ଷିତ ଭାବେ ବସବାସ କରିବା ସହ ଅଣ୍ଡାଦାନଠାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ବାସ କରନ୍ତି। ସେମାନଙ୍କୁ କଡ଼ାକଡ଼ି ସୁରକ୍ଷା ଦେବା ନିମନ୍ତେ ଦାବି କରାଯାଇଛି।

ବ୍ରାହ୍ମଣୀ ନଦୀ ଅନୁଗୋଳ ଜିଲ୍ଲା ସମଲଠାରେ ଢେଙ୍କାନାଳ ଜିଲ୍ଲାର ପରଜଙ୍ଗଠାରେ ପ୍ରବେଶ କରିବା ସହ ଭୁବନଠାରେ ଶେଷ ହୋଇଛି। ପରଜଙ୍ଗ ଓଡ଼ାପଡ଼ା, ସଦର ଓ ଗଁଦିଆ ବ୍ଲକ ଦେଇ ପ୍ରବାହିତ ହୋଇଛି। ଏହି ନଦୀ କୂଳରେ ବିସ୍ତୀର୍ଣ୍ଣ ପଠା ରହିଥିବାବେଳେ ଏହା କଇଁଛଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ସ୍ଥଳୀ ପାଲଟିଛି। ନଦୀ କୂଳରେ ୬ ପ୍ରଜାତିର କଇଁଛ ଅଣ୍ଡାଦେବା ସହ ତାହାକୁ ସୁରକ୍ଷିତ ରଖିବା ଏବଂ ସେଥିରୁ ଛୁଆ ବାହାରିବା ପର୍ଯ୍ୟନ୍ତ ଏହି ନଦୀକୂଳରେ ରହିଥାନ୍ତି। ଜଣାପଡ଼ିଛି ଯେ ମୟୂରଚୁଲିଆ, କୁଶାଙ୍ଗୀ, ଅମୁହାଁ, ଦେଉଳି, ଚାଭେରୀ ଏବଂ କାମୁଡ଼ା କଇଁଛ ରହିଥାନ୍ତି। ଏହି କଇଁଛଙ୍କ ମଧ୍ୟରୁ କୁସାଙ୍ଗର କଇଁଛ ଅକ୍ଟୋବର ମାସରେ ଅଣ୍ଡାଦେବା ସହ ୪୦ରୁ ୭୦ ଦିନ ପର୍ଯ୍ୟନ୍ତ ଅଣ୍ଡାରୁ ଛୁଆ ବାହାରିବାକୁ ସମୟ ଲାଗିଥାଏ। ସେହିପରି ଅମୁହାଁ ବର୍ଷାଦିନେ, ଦେଉଳି ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ, କାମୁଡ଼ା ମୌସୁମୀ ଋତୁରେ ଅଣ୍ଡା ଦେଇଥାନ୍ତି। କଇଁଛମାନେ ଅଣ୍ଡାଦେବାକୁ ବିସ୍ତୀର୍ଣ୍ଣ ନଦୀପଠାକୁ ଆଶ୍ରୟ ଭାବେ ନେଇଥିବା ବେଳେ ବାଲି ଖୋଳି ତା' ଭିତରେ ଅଣ୍ଡା ଦେଇଥାନ୍ତି। କିନ୍ତୁ ଅଣ୍ଡାକୁ ଖାଇବା ପାଇଁ କୁକୁର, ଶିଆଳ, ବିଲୁଆମାନେ ଜଗି ରହିଥିବା ବେଳେ ଚିଲ, କାଉମାନେ ମଧ୍ୟ ରହିଥାନ୍ତି। ସେହିପରି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବାଲି ଆଡ଼େଇ କଇଁଛ ଅଣ୍ଡା ନେଇଯାଆନ୍ତି। ସୁରକ୍ଷିତ ଭାବେ ଅଣ୍ଡାରୁ ଛୁଆ ଫୁଟିବା ପାଇଁ ନଦୀ କୂଳରେ ଥିବା ବିଭିନ୍ନ ଗ୍ରାମରେ କମିଟି ଗଠନ କରାଯାଇଛି। ସଦର ବ୍ଲକ ବଣସିଂହ ସହିତ କାମାକ୍ଷାନଗର ଜିରାଳ ଏବଂ ଅନ୍ୟ ଗ୍ରାମରେ ମଧ୍ୟ ଅଣ୍ଡା ଏବଂ କଇଁଛକୁ ସୁରକ୍ଷା ପ୍ରଦାନ ନିମନ୍ତେ କମିଟି ଗଠନ କରାଯାଇଛି। କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ବିସ୍ତୃତ ଭାବେ ଗାଇଡଲାଇନ ପ୍ରସ୍ତୁତ କରିଛି।






### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି

ସୂଚନା ଅନୁସାରେ, ସମସ୍ତ ପ୍ରକାର କଇଁଛ ସେମାନଙ୍କର ଅଣ୍ଡା ତଥା ଛୁଆ ଓଡ଼ିଶା ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁସାରେ ସୁରକ୍ଷିତ ଅଟନ୍ତି। ସେମାନେ ଅନୁସୂଚନା ୧ ଅନ୍ତର୍ଗତ ହୋଇଥିବା ବେଳେ ସେମାନଙ୍କୁ ବିନା ଅନୁମତିରେ ଧରିବା ବା ଶିକାର କରିବା ଧାରା ୯ ଅନୁସାରେ ୩ ବର୍ଷରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ୧୦ହଜାର ଟଙ୍କାରୁ ଅଧିକ ଜରିମାନା କରାଯିବା ନିୟମ ରହିଛି। ବ୍ରାହ୍ମଣୀ ନଦୀ ପଠା ବର୍ତ୍ତମାନ ମଧୁରଜଳ କଇଁଛଙ୍କ ପ୍ରାକୃତିକ ପ୍ରଜନନ ସ୍ଥଳୀ ପାଲଟିଛି। ସାଧାରଣତଃ କଇଁଛମାନଙ୍କ ପାଇଁ ପ୍ରାକୃତିକ ପରିବେଶ ବେଶ୍ ଆବଶ୍ୟକ। ବାୟୋ ଇଣ୍ଡିକେସନ ଅନୁସାରେ କଇଁଛମାନେ ମଧୁର ଜଳର ପ୍ରାକୃତିକ ଜୈବ ମାର୍ଗଦର୍ଶକ ଭାବେ ରହୁଥିବା ବେଳେ ଜଳ ମଧ୍ୟରେ ପ୍ରବେଶ କରୁଥିବା ଆବର୍ଜନା ଖାଇ ଜଳକୁ ପ୍ରଦୂଷଣମୁକ୍ତ କରିଥାନ୍ତି। ସେହିପରି କଇଁଛ ଏକ ଧର୍ମୀୟ ସଙ୍କେତ ଭାବେ ପରିଚିତ ଥିବା ବେଳେ କଇଁଛଙ୍କୁ ଭଗବାନ ବିଷ୍ଣୁଙ୍କ କଚ୍ଛପ ଅବତାର ଭାବେ ହିନ୍ଦୁଙ୍କ ମଧ୍ୟରେ ମାନ୍ୟତା ରହିଛି। କଇଁଛମାନେ ସରଳ, ନିରୀହ ଜଳଚର ହୋଇଥିବା ବେଳେ ମଣିଷର କୌଣସି କ୍ଷତି କରି ନ ଥାନ୍ତି। ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲା ଭୁବନ ଏବଂ ଷଡ଼ଙ୍ଗୀ ରେଞ୍ଜ ରାଙ୍କିଆ ଫରେଷ୍ଟ ସେକ୍ସନ ଜିରାଳ ସେକ୍ସନ ଅଧୀନରେ ଥିବା ବ୍ରାହ୍ମଣୀ ନଦୀପଠା କଇଁଛଙ୍କ ପ୍ରଜନନର ଭୂସ୍ୱର୍ଗ ପାଲଟିଥିବା ବେଳେ ସେମାନଙ୍କୁ ସୁରକ୍ଷାଦେବା ଆମର କର୍ତ୍ତବ୍ୟ ବୋଲି ବନବିଭାଗ ସଚେତନ କରିଛି। ଏପରିସ୍ଥଳେ କଇଁଛ ଅଣ୍ଡାଦାନ କରୁଥିବା ନଦୀ ଶଯ୍ୟାରେ ବାଲି ଉଠାଣ ବନ୍ଦ କରିବା, କଇଁଛ ପ୍ରଜନନ କେନ୍ଦ୍ରରୁ ମାଛ ନ ଧରିବା ବା ସତର୍କତାର ସହିତ ଜାଲ ପକାଇବା, ଜାଲରେ ଲାଗୁଥିବା କଇଁଛଙ୍କୁ ଯତ୍ନର ସହ ନଦୀ ଜଳରେ ଛାଡ଼ିଦେବା ସହ କଇଁଛ ଅଣ୍ଡା ସଂଗ୍ରହ କରୁଥିବା ଏବଂ ଶିକାର କରୁଥିବା ଲୋକଙ୍କୁ ଏଥିରୁ ନିବୃତ୍ତ କରିବା ଓ ସେମାନଙ୍କୁ ଧରିବା ଏବଂ ସେମାନଙ୍କ ସମ୍ପର୍କରେ ସ୍ଥାନୀୟ ବନବିଭାଗକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ନଦୀ ଶଯ୍ୟାକୁ ଅନିଷ୍ଟକାରୀ ଆବର୍ଜନାରୁ ମୁକ୍ତ କରିବା ସହ ଅଣ୍ଡାରୁ ଛୁଆ ବାହାରିବା ସମୟରେ ଜଳଧାରଠାରୁ ଦୂରରେ ରହୁଥିବା ଛୁଆମାନଙ୍କୁ ଯତ୍ନର ସହ ସଂଗ୍ରହ କରି ପାଣିରେ ଛାଡ଼ିବାକୁ ନିବେଦନ କରାଯାଇଛି। ଏହା ସହିତ ବନବିଭାଗ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉଥିବା ଜଣାପଡ଼ିଛି।

କଇଁଛମାନଙ୍କୁ ସୁରକ୍ଷା ଦେବାପାଇଁ କାମାକ୍ଷାନଗର ବ୍ଲକ ରାଙ୍କିଆଠାରୁ ବୁଢ଼ୀବିଲି ପର୍ଯ୍ୟନ୍ତ ରହିଥିବା ବିସ୍ତୀର୍ଣ୍ଣ ବାଲିପଠା କଇଁଛଙ୍କ ଅଣ୍ଡାଦେବା ସ୍ଥଳୀ ଭାବେ ପରିଚିତ ଥିବା ବେଳେ ରାଙ୍କିଆ, ମହିମା, ଦିଘି, ବେଢ଼ାପାଳ, ବାଲିପଡ଼ା, ଭୈରପୁର ଆଦି ୬ ଗ୍ରାମବାସୀ ଏବଂ ଗ୍ରାମର ଯୁବକ ସଙ୍ଘର କର୍ମକର୍ତ୍ତା ଦୀର୍ଘଦିନ ଧରି ସେମାନଙ୍କୁ ସୁରକ୍ଷା ଦେଉଥିବା ଜଣାପଡ଼ିଛି। କଇଁଛଙ୍କ ସୁରକ୍ଷା ସହ ଅଣ୍ଡାକୁ ସୁରକ୍ଷା ଦେବା, ବନ୍ୟଜନ୍ତୁ ଏବଂ ଶିକାରୀଙ୍କଠାରୁ ମଧ୍ୟ ସୁରକ୍ଷା ଦେବାରେ ଗ୍ରାମବାସୀ ଓ ଯୁବକସଙ୍ଘ କର୍ମକର୍ତ୍ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। କଇଁଛମାନଙ୍କୁ ସୁରକ୍ଷିତ ଭାବେ ପ୍ରଜନନ ପାଇଁ ଜିପିଏସ ମାଧ୍ୟମରେ ଟ୍ରାକିଂ କରାଯାଉଛି। ଏହି ଅଞ୍ଚଳରେ ୫୨ରୁ ଅଧିକ ମତ୍ସ୍ୟଜୀବୀ ପରିବାର ରହୁଥିବା ବେଳେ ସେମାନଙ୍କୁ ମାଛ ମାରିବାକୁ ବାରଣ କରାଯାଇଛି। ସେହିପରି ଡିନାମାଇଟ ବିସ୍ଫୋରଣ ଦ୍ୱାରା ମାଛ ମାରିବା ଦ୍ୱାରା କଇଁଛମାନଙ୍କ ପ୍ରଜନନ ହ୍ରାସ ପାଇଥାଏ। ଏହାକୁ ନେଇ ବନଖଣ୍ଡ ଅଧିକାରୀଙ୍କ କହିବା ଅନୁସାରେ କଇଁଛମାନଙ୍କ ୧ଶହ ବସା ଚିହ୍ନଟ ହୋଇଥିବା ବେଳେ ଦୀର୍ଘ ୪ମାସ ଧରି ସ୍କ୍ୱାଡ ଗଠନ କରାଯାଇ କଇଁଛଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ଏଭଳି ପ୍ରାୟ ୨ ହଜାରରୁ ଅଧିକ କଇଁଛ ଅଣ୍ଡା ଦେଇ ବଂଶବିସ୍ତାର କରି ବ୍ରହ୍ମଣୀ ଜଳକୁ ଏବେ ଯାଉଥିବା ଦେଖାଦେଇଛି। ଉକ୍ତ ଅଞ୍ଚଳରେ ରାଜାରାଜୁଡ଼ା ଅମଳରୁ କଇଁଛମାନଙ୍କ ଚଳପ୍ରଚଳ ସହ ବଂଶବିସ୍ତାର କରୁଥିବା ଜଣାପଡ଼ିଛି। ଏହି କଇଁଛମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ଏଠାରେ ମାଛଧରା ଏବଂ ଚଳପ୍ରଚଳ ଉପରେ ବନବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ସବୁଠାରୁ କ୍ଷୋଭର ବିଷୟ ଯେ ବନ ବିଭାଗ ୬ ମାସ ଏହାର ସୁରକ୍ଷା ପ୍ରଦାନ କରୁଥିବା ବେଳେ ଆଉ ୬ ମାସ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ପ୍ରଦର୍ଶନ ଯୋଗୁଁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ଚିତ୍ରା କଇଁଛ କେବଳ ଢେଙ୍କାନାଳ ଜିଲ୍ଲାରେ ପରିଲକ୍ଷିତ ହୋଇଥିବା ଜଣାପଡ଼ିଛି।

## ପାନୀୟ ଜଳ ସମସ୍ୟା ନେଇ ପିଏଚଡି କାର୍ଯ୍ୟାଳୟ ଘେରଉ



ଢେଙ୍କାନାଳ, ୨।୭(ସମିସ): ସ୍ଥାନୀୟ ୫ନଂ ୱାର୍ଡ ଅନ୍ତର୍ଗତ ଅମଲାପଡ଼ା ଚାନ୍ଦମାରି ସାହିରେ ପାନୀୟ ଜଳ ସମସ୍ୟା ନେଇ ଶତାଧିକ ମହିଳା ପୁରୁଷ ପିଏଚଡି କାର୍ଯ୍ୟାଳୟ ଘେରଉ କରିଛନ୍ତି। ଢେଙ୍କାନାଳ ସହରରେ ପାନୀୟ ଜଳ ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଅନ୍ୟପଟେ ଗତ ୪ ଦିନ ଧରି ଅମଲାପଡ଼ା ଚାନ୍ଦମାରି ସାହିରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏ ନେଇ ଲୋକେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ବିଜୁଳି ସମସ୍ୟା ଦର୍ଶାଇ ସହକାରୀ ଯନ୍ତ୍ରୀ ନିଜ ଦାୟିତ୍ୱ ସାରି ଦେଇଥିଲେ। ଏହାର ପ୍ରତିବାଦରେ ଗୁରୁବାର ପୂର୍ବାହ୍ନରେ ଲୋକେ ଗରା ବାଲଟି ଧରି କାର୍ଯ୍ୟାଳୟ ଘେରଉ କରିଥିଲେ। ସୂଚନାଯୋଗ୍ୟ, ୫ନଂ ୱାର୍ଡରେ ପାଇପ ଯୋଗେ ପାନୀୟ ଜଳ କିମ୍ବା ନଳକୂପ ନ ଥିବାରୁ ଲୋକେ ଦୀର୍ଘ ବର୍ଷ ଧରି ସମସ୍ୟାରେ ସମ୍ମୁଖୀନ ହୋଇଆସୁଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଳ ଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି।

## ଗଁଦିଆରେ ବନ ମହୋତ୍ସବ ପାଳିତ

ଗଁଦିଆ, ୨।୭(ସମିସ): ଗଁଦିଆ ତାଲୁକ ଆଇନ ସେବା କମିଟି ତଥା ଷଡ଼ଙ୍ଗୀ ଓ କପିଳାସ ରେଞ୍ଜ ବନ ବିଭାଗର ଆନୁକୂଲ୍ୟରେ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ନିର୍ମାଣାଧୀନ ନୂତନ କୋର୍ଟ ଓ ଅନ୍ନପୂର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଞ୍ଜୁ ସାହୁ ଯୋଗଦାନ କରି ପ୍ରଥମେ ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୃକ୍ଷ ରୋପଣର ମହତ୍ୱ ଉପରେ ନିଜର ମତ ପ୍ରଦାନ କରି ତାହା କିପରି ଆମର ସାମାଜିକ ଜୀବନ କ୍ଷେତ୍ରରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ ବହନ କରିଥାଏ। ତାହା ଉପରେ ଉପସ୍ଥିତ ସମସ୍ତ ଛାତ୍ରୀ ଛାତ୍ର ମାନଙ୍କୁ ଅତି ସୁନ୍ଦର ଭାବେ ବୁଝାଇବା ସହିତ ବୃକ୍ଷ ରୋପଣରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନିର୍ମାଣାଧୀନ ନୂତନ କୋର୍ଟ ପରିସରରେ ବୃକ୍ଷ ରୋପଣ କରିଥିଲେ। ମୁଖ୍ୟ ଅତିଥି ଅନ୍ନପୂର ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଯୋଗଦାନ କରି ବୃକ୍ଷ ରୋପଣ କରିବା ସହିତ ଉପସ୍ଥିତ ଛୋଟ ଛୋଟ ପିଲାମାନଙ୍କୁ ଗଛ ଲଗାଇବା କାହିଁକି ଗଛ ସବୁ ଆମର କି ଉପକାରରେ ଆସେ ତାହା ବୁଝାଇବା ସହିତ ଲଗାଯାଉଥିବା ଉକ୍ତ ବୃକ୍ଷ ଗୁଡିକର ବିଶେଷ ଭାବେ ଯତ୍ନ ନେବାକୁ ପିଲା ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା କମିଟିର ସଦସ୍ୟା ସୁଶ୍ରୀ ଗୀତାଞ୍ଜଳି ସ୍ୱାଇଁ ପରିଚାଳନା କରିଥିବା ବେଳେ ଷଡ଼ଙ୍ଗୀ ଓ କପିଳାସ ବନଖଣ୍ଡର ବନ କର୍ମଚାରୀ, ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ କ୍ୟାଡର ଏପିପି ଶାଶ୍ୱତ କୁମାର ଜେନା, ଗଁଦିଆ କୋର୍ଟର ପ୍ୟାନେଲ ଆଇନଜୀବୀ ଆର୍ଶୀବାଦ ସାହୁ, ସରକାରୀ ଓକିଲ ଜୟ କୃଷ୍ଣ ସାହୁ, ଗଁଦିଆ କୋର୍ଟର ନାଜିର ସୂର୍ଯ୍ୟ ପ୍ରକାଶ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଯୋଗଦାନ କରିଥିଲେ।


## ଅସରାଏ ବର୍ଷାରେ ବୁଡ଼ିଗଲା ଚଲାପଥ




ଭୁବନ, ୨।୭(ସମିସ): ଭୁବନ ଏନଏସି ଏକ ନମ୍ବର ୱାର୍ଡ ସ୍ଥିତ ୟୁକୋ ବ୍ୟାଙ୍କକୁ ଯୋଗାଯୋଗ କରୁଥିବା ଚଲାପଥରେ ଆଣ୍ଠୁଏ ପାଣି। ବ୍ୟାଙ୍କ ଏକ ଜରୁରୀକାଳୀନ ସେବା। ତେବେ ଏହି ସେବା ଲାଗି ଆସୁଥିବା ଗ୍ରାହକ ବ୍ୟାଙ୍କ ଭିତରକୁ ଯିବା ପୂର୍ବରୁ ପାଣି କାଦୁଅରେ ପଶି ଘାଣ୍ଟି ହେଉଛନ୍ତି। ଏକ ନମ୍ବର ୱାର୍ଡ ଭିତରକୁ ପ୍ରବେଶପଥ ଆରମ୍ଭରୁ ଏଭଳି କଦର୍ଯ୍ୟ ଅବସ୍ଥା ବର୍ଷତମାମ ରହୁଛି। ଏବେ ବର୍ଷା ସମୟ, ତେଣୁ ଏହି ରାସ୍ତାର ଦୁରବସ୍ଥା ହେତୁ ବ୍ୟାଙ୍କ ଗ୍ରାହକ ଓ ସ୍ଥାନୀୟ ବାସିନ୍ଦା ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି।

## ପାଚିକା ସହାୟକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଭୁବନ, ୨।୭(ସମିସ): ଭୁବନ ବ୍ଲକ ଡମଶାଳ ଆଶ୍ରମ ସ୍କୁଲରେ ପାଚିକା ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଭୁବନ ବିଇଓଙ୍କୁ ଅଭିଯୋଗ କରାଯାଇଛି। ଏହି ପଦବୀ ନିମନ୍ତେ ୪ଜଣ ଆବେଦନ କରିଥିବା ବେଳେ ନିର୍ଦ୍ଧାରିତ ସମୟସୀମା ପରେ ଆବେଦନ



କରିଥିବା ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି। ମାଲୁଆଗୋଡ଼ା ଗ୍ରାମର ପାରାଲିସିସ ରୋଗରେ ପୀଡ଼ିତ ଜଣେ ବ୍ୟକ୍ତିଙ୍କ ଅସହାୟ ପତ୍ନୀ ଏହି ନିଯୁକ୍ତି ପାଇବା ପାଇଁ ହକଦାର ଥିବା ଦର୍ଶାଇ ଅଭିଯୋଗ ହୋଇଥିବା ବେଳେ ଜଣେ ଆର୍ଥିକ ସ୍ୱଚ୍ଛଳ ଥିବା ବିଧବା ମହିଳାଙ୍କୁ ଚୟନ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ କରାଯିବ ବୋଲି ବିଇଓ କହିଛନ୍ତି।

### ଷଡ଼ଙ୍ଗୀ ବଜାରକୁ ଗେଣ୍ଡାଳିଆଙ୍କ ଆଗମନ

# ବାର୍ଡ ୱାଚ୍ ଟାୱାର ନିର୍ମାଣ ଦାବି

ଗଁଦିଆ, ୨।୭(ସମିସ)

ଗଁଦିଆ ବ୍ଲକ ଷଡ଼ଙ୍ଗୀ ବଜାରକୁ ଗେଣ୍ଡାଳିଆଙ୍କ ପୁନଃ ଆଗମନ ପରେ ଅଞ୍ଚଳବାସୀ ଖୁସି ଜାହିର କରିଛନ୍ତି। ଦୀର୍ଘବର୍ଷ ବର୍ଷ ଧରି ଗେଣ୍ଡାଳିଆ ଦଳ ଦୂର ଜଙ୍ଗଲ ନିକଟ କୌଣସି ବୃକ୍ଷରେ ବାସ ନ କରି କୋଳାହଳମୟ ବଜାର ଉପରେ ଥିବା ବର ଓ ଆମ୍ବଗଛରେ ବସାବାନ୍ଧି ରହିଆସିଛନ୍ତି। ଚଳିତବର୍ଷ ସେମାନଙ୍କ ଆଗମନ ପ୍ରାୟ ଏକ ମାସ ବିଳମ୍ବ ହୋଇଥିବାବେଳେ ଜୁଲାଇ ପ୍ରଥମ ସପ୍ତାହରେ ଗେଣ୍ଡାଳିଆମାନେ ଏଠାକୁ ଆସି ଫେରିଥାନ୍ତି। କଅଁଳିଆ ଚାକୁଣ୍ଡା ଗଛର ଡାଳପତ୍ର, ଭାଙ୍ଗି ଆଣି ବସା ବାନ୍ଧୁଛନ୍ତି। ସବୁ ବସାରେ ସ୍ତ୍ରୀ ପୁରୁଷ ଯୋଡ଼ି ଯୋଡ଼ି ପକ୍ଷୀ ଏକାଠି ଦେଖିବାକୁ ମିଳିଛି। ଏମାନେ



ଏଠାରେ ରହି ଡିମ୍ବ ଫୁଟାଇ ଛୁଆ ଉଡ଼ିବା ସକ୍ଷମ ହେଲେ ପୁଣି ନଭେମ୍ବର ଓ ଡିସେମ୍ବର ବେଳକୁ ଫେରିବା ଆରମ୍ଭ କରିଥାନ୍ତି। ଲୋକଙ୍କ ଭଲପାଇବା ସେମାନଙ୍କୁ ସୁରକ୍ଷିତ ରଖିଥିବାରୁ ସେମାନେ ନିକାଞ୍ଚନ ସ୍ଥାନ ବଦଳରେ ଢେଙ୍କାନାଳ-ମନ୍ଦାର ମୁଖ୍ୟସଡ଼କ ଉପରେ ହିଁ ବସବାସ କରୁଛନ୍ତି। ପକ୍ଷୀ ଶିକାର ଏଠାରେ କଡ଼ାକଡ଼ି ଭାବେ ନିଷେଧ କରାଯାଇଛି। ପର୍ଯ୍ୟବେକ୍ଷଣ କେନ୍ଦ୍ର କିମ୍ବା ବାର୍ଡ ୱାଚ୍ ଟାୱାର ଏଠାରେ ନିର୍ମିତ ହୋଇପାରୁନାହିଁ। ରାସ୍ତାକଡ଼ ବୃକ୍ଷ ସମେତ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଥିବା ବୃକ୍ଷରେ ମଧ୍ୟ ଗେଣ୍ଡାଳିଆ ଦଳ ଅବସ୍ଥାନ କରିଛନ୍ତି। ଷଡ଼ଙ୍ଗୀ ରେଞ୍ଜ୍ କାର୍ଯ୍ୟାଳୟ ଷଡ଼ଙ୍ଗୀ ବଜାରରେ ଥାଇ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଯୋଜନା ଏଠାରେ ନାହିଁ। ବ୍ରାହ୍ମଣୀ ନଦୀର ବିସ୍ତୃତ ବାଲୁକା ଶଯ୍ୟା ଓ ଷଡ଼ଙ୍ଗୀ ବଜାରରେ ସ୍ୱାଦିଷ୍ଟ ଛେନା, ଖୁଆ ଓ ଚିନି ଦ୍ୱାରା ପ୍ରସ୍ତୁତ ଛେନା ମଗଜି ଖାଇବା ସହ ଗେଣ୍ଡାଳିଆଙ୍କୁ ମାତ୍ର ୧୫ରୁ ୨୦ ଫୁଟ ଉଚ୍ଚତାରେ ଦେଖିବାର ସୁବିଧା ପର୍ଯ୍ୟଟକମାନେ ପାଇପାରିବେ। ଏଠାରେ ପରିବେଶ ପର୍ଯ୍ୟଟନର, ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଓ ବନ ବିଭାଗ ତତ୍ପରତା ପ୍ରକାଶ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## କପିଳାସ-ଟାଙ୍ଗୀ ରାସ୍ତାର ଢୋଲପଥରଠାରେ ଯାତାୟାତ ଠପ୍

ଗଁଦିଆ, ୨।୭(ସମିସ): ଢେଙ୍କାନାଳ ଜିଲ୍ଲା କପିଳାସ-ଟାଙ୍ଗୀ ରାସ୍ତାର ଢୋଲପଥର ନିକଟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କିଛିଦିନ ହେବ ଲଗାଣ ବର୍ଷା ଯୋଗୁଁ ରାସ୍ତା ଉପରେ ପ୍ରାୟ ୨ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମଟର ସହ ଶତାଧିକ ବାଟୋଇ ଓ ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଅଟକି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ମୌସୁମୀ ଋତୁରେ କିମ୍ବା ଲଗାଣ ବର୍ଷା ହେଲେ ଏହି ସ୍ଥାନରେ ଏପରି ସ୍ଥିତି ଉପୁଜିଥାଏ। ଏଠାରେ ସ୍ଥାୟୀ ଉଚ୍ଚ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପ୍ରଶାସନିକ ଉଦାସୀନତା ଯୋଗୁଁ ଆଜି ପୁଣି ଥରେ



### ବାଟୋଇ ହନ୍ତସନ୍ତ

ହଜାର ହଜାର ଜନସାଧାରଣ ଦୁର୍ଦ୍ଦଶାର ଶିକାର ହୋଇଛନ୍ତି। ଏହି ରାସ୍ତା ଦେଇ କଟକ ଓ ଟାଙ୍ଗୀ ଆଡୁ ଭୁବନ, ଯାଜପୁର, ଢେଙ୍କାନାଳ ଏବଂ କାମାକ୍ଷାନଗର ଅଞ୍ଚଳକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଓ ମାଲବାହୀ ଗାଡ଼ି ଯାତାୟାତ କରିଥାଏ। ମାତ୍ର ଢୋଲପଥରଠାରେ ଯୋଗାଯୋଗ ପ୍ରାୟତଃ ବିଚ୍ଛିନ୍ନ ହୋଇଥିବାରୁ ଜରୁରୀକାଳୀନ ସେବା ସହ ଦୈନନ୍ଦିନ ଜୀବନଯାତ୍ରା ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍ଗୀନ ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ଉଚ୍ଚଶିକ୍ଷାନୁଷ୍ଠାନର ୫୦୦ ମିଟର ପରିଧି ହେବ ନିଶାମୁକ୍ତ ଅଞ୍ଚଳ

**ପ୍ରତ୍ୟକ୍ଷ ଯାଞ୍ଚ କରି ୧୫ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୨।୭(ସମିସ): ନିଶାମୁକ୍ତ ହେବ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ। ଶିକ୍ଷାନୁଷ୍ଠାନର ୫୦୦ ମିଟର ପରିଧି ମଧ୍ୟରେ ମଦ, ତମାଖୁ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ମାଦକ ସାମଗ୍ରୀ ବିକ୍ରିକୁ ବାରଣ କରାଯାଇଛି। ଜାତୀୟ ନାର୍କୋଟିକ୍ସ ସମନ୍ୱୟ ବ୍ୟବସ୍ଥା (ଏନ୍‌ସିଓଆର୍‌ଡି)ର ପରାମର୍ଶ ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନିଜ ନିଜ ଅନୁଷ୍ଠାନ ପରିସରର ୫୦୦ ମିଟର ଅଞ୍ଚଳର ଭୌତିକ ଯାଞ୍ଚ କରିବାକୁ ବିଭାଗ ପକ୍ଷରୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିଧି ମଧ୍ୟରେ ମଦ, ତମାଖୁ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ମାଦକ ସାମଗ୍ରୀ ବିକ୍ରି ହେଉ ନ ଥିବା ସୁନିଶ୍ଚିତ କରିବେ। ଏହାର ରିପୋର୍ଟ ଆସନ୍ତା ୧୫ ତାରିଖ ସୁଦ୍ଧା ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଫର୍ମାଟ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। କଲେଜର ନାମ, ଜିଲ୍ଲା, ଅଧ୍ୟକ୍ଷଙ୍କ ବିବରଣୀ, ଯାଞ୍ଚ ତାରିଖ ସହ ୫୦୦ ମିଟର ମଧ୍ୟରେ ମଦ ଦୋକାନ, ତମାଖୁ ଦୋକାନ କିମ୍ବା ନିଶାଦ୍ରବ୍ୟର ବେଆଇନ କାରବାର ରହିଛି କି ନାହିଁ, ସେ ସମ୍ପର୍କିତ ସୂଚନା ଦେବାକୁ କୁହାଯାଇଛି। ଯଦି ଏଭଳି କୌଣସି କାର୍ଯ୍ୟକଳାପ ଚିହ୍ନଟ ହୁଏ, ତେବେ ସମ୍ପୃକ୍ତ ଦୋକାନ କିମ୍ବା ସ୍ଥାନର ନାମ ଓ ଅବସ୍ଥିତି ମଧ୍ୟ ଉଲ୍ଲେଖ କରିବେ। ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ, ସୁସ୍ଥ ଓ ନିଶାମୁକ୍ତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

**ନାମଲେଖା ପାଇଁ ଆବେଦନ କରିପାରିବେ ୫୩,୯୦୧ ଛାତ୍ରଛାତ୍ରୀ**

ଭୁବନେଶ୍ୱର, ୨।୭(ସମିସ): ସ୍ନାତକୋତ୍ତର ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା (ସିପିଇଟି) ଫଳାଫଳ ଆଜି ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଦେବାକୁ ମୋଟ୍ ୫୮,୬୧୩ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ତନ୍ମଧ୍ୟରୁ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ଅବଶିଷ୍ଟ ୪,୭୧୨ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଚୟନ ହୋଇଛନ୍ତି। ନାମଲେଖା ପାଇଁ ଆବେଦନ କରିବାକୁ ଟାଇମ୍‌ଲାଇନ୍ ପ୍ରକାଶ ପାଇ ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାହା ଜାରି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ମୋଟ୍ ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ପ୍ରବେଶିକା ପରୀକ୍ଷାର ମାର୍କ ଅନୁସାରେ ନାମଲେଖା ହେବ।

**ନୂଆପଡ଼ାରେ ଚାଷୀ ଆତ୍ମହତ୍ୟା ଘଟଣା**

# ନେପାଳ ମାଝୀଙ୍କ ଘରୁ ତଥ୍ୟ ସଂଗ୍ରହକଲା ବିଜେଡି ଅନୁଧ୍ୟାନକାରୀ ଦଳ

ନୂଆପଡ଼ା/ସିନାପାଲି,୨।୭(ସମିସ): ନୂଆପଡ଼ା ଜିଲ୍ଲାରେ ଚାଷୀଙ୍କ ଧାନ ବିକ୍ରି ନ ହେବା ଯୋଗୁଁ ନେପାଳ ମାଝୀ ନାମକ ଚାଷୀ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟରେ ଜୋରଦାର ଚର୍ଚ୍ଚା ହେବା ସହ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଓ ମଣ୍ଡିରେ ଅବ୍ୟବସ୍ଥା ସାଙ୍ଗକୁ ସ୍ଥାନୀୟ ପ୍ରଶାସନର ଅପାରଗତା ଯୋଗୁଁ ଚାଷୀ ଆତ୍ମହତ୍ୟା କରିଥିବା ବିଜେଡି ଅଭିଯୋଗ କିରିଛି। ଆଜି ବିଜେଡ଼ିର ତଥ୍ୟ ସଂଗ୍ରହକାରୀ ଟିମ୍ ଜଡ଼ାମୁଡ଼ା ଗାଁ ସ୍ଥିତ ମୃତ ଚାଷୀଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ପ୍ରକାଶ ଥାଉକି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବତନ ଯୋଗାଣ ମନ୍ତ୍ରୀ ସଞ୍ଜୟ ଦାସ ବର୍ମାଙ୍କ ନେତୃତ୍ୱରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ, ରାଜ୍ୟ ସମ୍ପାଦକ ରାଜେଶ ନିଗମ, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଉପାଧ୍ୟକ୍ଷା ଦୀପିକା ଦୀପ, ମହିଳା ଜିଲ୍ଲା ସଭାପତି ସଂତୋସିନି ସଲମା, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ମୁରଲୀ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା,ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କର, ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ବିଜେଡ଼ି ଯୁବ ଜିଲ୍ଲା ସଭାପତି ମନୋଜ ଦୀପ, ପୂର୍ବତନ ଯୁବ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା,ଟିଙ୍କୁ ପଣ୍ଡା, ଉମେଶ ସହିସ୍, ନୂଆପଡା ବ୍ଲକ ସଭାପତି ଚୁରନ ସିଂ ମାଝୀ, କୋମନା ବ୍ଲକ ସଭାପତି କ୍ଷମା ସିଂ ନାଆଲ, ଛାତ୍ର ରାଜ୍ୟ ସାଧାରଣ ସମ୍ପାଦକ ମାନସ ବାଗ୍, ଯୋଗେନ୍ଦ୍ର ମାଝୀ, ଯୋଗେନ୍ଦ୍ର ପାଣ୍ଡେ, ଖରୀଆର ରୋଡ୍ ଏନ୍‌ଏସି ସଭାପତି ଅନୁପ ଦୀପ, ଖଡିଆଲ ବ୍ଲକ ସଭାପତି ହୀରାଧର ମେହେର, ସରସ୍ୱତୀ ବାଗ, ତନ୍ମୟ ବାଗ,ଜଡ଼ାମୁଣ୍ଡା ସରପଞ୍ଚ ସୁରୁସିଂ ମାଝୀ ଟିମ୍‌ରେ ସାମିଲ୍ ଥିଲେ। ସବିଶେଷ ତଥ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ ବୋଲି ବିଜେଡିର ଏହି ସ୍ୱତନ୍ତ୍ର ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି।



ଅନ୍ୟପକ୍ଷରେ ଜିଲ୍ଲାରେ ମଣ୍ଡିର ଅବ୍ୟବସ୍ଥାକୁ ନେଇ ବିଜେଡି ନେତା ସଞ୍ଜୟ ଦାସ ବର୍ମା ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ଉଠାଇ ଥିଲେ। ଏହାପରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ସାକ୍ଷାତକରି ମଣ୍ଡିର ଅବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ। ଶ୍ରୀ ବର୍ମା କହିଥିଲେ ଧାନକିଣା ପ୍ରସଙ୍ଗରେ ସରକାର ବିଫଳ ହୋଇଛନ୍ତି। । ମଣ୍ଡିର ବ୍ୟବସ୍ଥା ଠିକ୍ ନାହିଁ, ଏହି ସରକାର ଚାଷୀଙ୍କ ହିତ ପାଇଁ ନାହାନ୍ତି ବୋଲି କହିଥିଲେ। ଜିଲ୍ଲାପାଳଙ୍କ କହିବା ଅନୁଯାୟୀ ଏହି ୩ ତାରିଖ ସୁଦ୍ଧା ଚାଷୀଙ୍କ ଆଇସ୍କେନ୍ କରାଯିବ, ଏହାପରେ ଆମେ ସମସ୍ତ ଧାନ ଉଠାଇବା ବୋଲି କହିଥିବା କହିଛନ୍ତି ଶ୍ରୀ ବର୍ମା। ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ବିଧାୟକ ଅଧିରରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲିମାଝୀ, ଜିଲ୍ଲା ସଭାପତି ଅବନୀରଞ୍ଜନ ଯୋଶୀ, ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ମାଝୀ, କାର୍ତ୍ତିକ ଦୀପ, ମନୋଜ ମିଶ୍ର, ସୁବାସ ପଣ୍ଡା, ହେମନ୍ତ କର, ଚୁରନ୍ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

**ଭୁବନେଶ୍ୱରରେ ଛତିଶିଗଡ଼ ପୁଲିସ**

# ରିମାଣ୍ଡରେ ଯିବେ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ

ଭୁବନେଶ୍ୱର, ୨।୭ (ସମିସ): ଦେଶର ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଭୁବନେଶ୍ୱର ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିବା ଗନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ୍‌କୁ ରିମାଣ୍ଡରେ ନେବ ଛତିଶିଗଡ଼ ପୁଲିସ। ଭୁବନେଶ୍ୱର ଏସ୍‌ଟିଏଫ୍ ଦ୍ୱାରା ଗିରଫ ୫ଜଣିଆ ଗ୍ୟାଙ୍ଗକୁ ଛତିଶିଗଡ଼ ପୁଲିସ ଗୁରୁବାର କିଛି ସମୟ ପାଇଁ ପଚରାଉଚରା କରିଛି। ତେବେ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗକୁ ଜେରା ପାଇଁ ରିମାଣ୍ଡରେ ନେବାକୁ ଛତିଶଗଡ଼ ପୁଲିସ କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି।

ଏସ୍‌ଟିଏଫ୍ ସୂଚନା ମୁତାବକ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଦୁର୍ବାସା ସାହୁ ଓ ତାର ୪ ସହଯୋଗୀ ସୁବୁଦ୍ଧି ସାହୁ, ଅରୁଣ କୁମାର ରଣା, ପ୍ରକାଶ ଖଟୁଆ ଓ ନିଳାମ୍ବର କହଁର ଦେଶର ବିଭିନ୍ନ ରାଜ୍ୟକୁ ଓଡ଼ିଶାରୁ ଗଞ୍ଜେଇ ଚୋରା ଚାଲାଣ କରିଥାଆନ୍ତି। ଡିସେମ୍ବର ୨୦୨୫ ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଏମାନେ ଛତିଶିଗଡ଼ ସମେତ ଅନେକ ଉତ୍ତର ଭାରତ ରାଜ୍ୟ ଗୁଡ଼ିକୁ ଗଞ୍ଜେଇ ଚାଲାଣ କରିଛନ୍ତି ଓ ୩୧ କ୍ୱିଣ୍ଟାଲ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଏସ୍‌ଟିଏଫ୍ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଏକ ଢାବା ନିକଟରେ ଟ୍ରକରେ ଗଞ୍ଜେଇ ରଖିଥିଲେ। ଏଠାରୁ ଉତ୍ତର ପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଇଥାନ୍ତା। ଛତିଶିଗଡ଼ ପୁଲିସ ଖବର ପାଇ ଢାବା ପାଖରେ ଛିଡା ହୋଇଥିବା ଟ୍ରକରେ ଛାପା ମାରିବା ପରେ ଗଞ୍ଜେଇ ସହ ଉପସ୍ଥିତ କିଛି ଅଭିଯୁକ୍ତକୁ ଧରିଥିଲା। ହେଲେ ଏମାନେ ପୁଲିସକୁ ଓଲଟା ମାଡ଼ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେବେ ଠାରୁ ଏହି କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ ଛତିଶିଗଡ଼ ପୁଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିବା କୁହାଯାଉଛି।

# ଖଣିରୁ ପଥର ଧସି ଯୁବକଙ୍କ ମୃତ୍ୟୁ

କୋଇଡା,୨।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ଅଞ୍ଚଳରେ ବେଆଇନ୍ ମାଙ୍ଗାନିଜ ଖଣିରୁ ଚୋରାଚାଲାଣ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଅତଡ଼ା ଧସି ପଡ଼ିବାରୁ ମାଟି ଓ ପଥର ତଳେ ଚାପି ହୋଇ ଜଣେ ୧୮ ବର୍ଷୀୟ ଯୁବକ କ୍ରିସ୍ କଚ୍ଛପଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣେ ନାବାଳକ ରାଜ ମୁଣ୍ଡାଙ୍କ ଅଣ୍ଟା ଓ ଗୋଡ଼ ଭାଙ୍ଗି ଯାଇ ଗୁରୁତର ହୋଇଛନ୍ତି। ନାବାଳକଙ୍କୁ ଯୋଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ବେଆଇନ୍ ମାଙ୍ଗାନିଜ ଚୋରା ଚାଲାଣକୁ ନେଇ ପୂର୍ବରୁ ମଧ୍ୟ ଏଭଳି ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନୀ ହୋଇଛି।

# ମାମୁଁ ମୋବାଇଲ୍ ଛଡ଼ାଇ ନେବାରୁ ବିଷପିଇ ନାବାଳିକାଙ୍କ ଆତ୍ମହତ୍ୟା

ଉଦଳା, ୨।୭ (ସମିସ): ମୋବାଇଲ ପାଇଁ ଯାଇଛି ଜଣେ ନାବାଳିକାଙ୍କ ଜୀବନ। ମାମୁଁ ମୋବାଇଲ ଛଡ଼ାଇ ନେଇ ଭାଙ୍ଗିଦେବାରୁ ରାଗି ଯାଇ ବିଷପିଇ ଦେଇଥିଲେ ଦୁର୍ଗା ନାଏକଙ୍କ ୧୫ ବର୍ଷର ନାବାଳିକା ଝିଅ ରୁନୁ ନାଏକ। ତାଙ୍କୁ ଉଦଳା ଡାକ୍ତରଖାନାକୁ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ଏଭଳି ଅଭାବନୀୟ ଘଟଣା ରାଜବରହମପୁର ଥାନା ଅନ୍ତର୍ଗତ ଗବପାଳ ଗ୍ରାମରେ ଘଟିଛି। ସୂଚନା ମୁତାବକ, ରୁନୁ ସକାଳୁ ବସି ମୋବାଇଲ ଦେଖୁଥିଲେ ଓ ତାଙ୍କ ମାଆ ଆଉ ମାମୁଁ ପାଟି କରି ମୋବାଇଲ ଛଡ଼ାଇ ନେଇ ଭାଙ୍ଗିଦେଇଥିଲେ। ଫଳରେ ରୁନୁ ରାଗିଯାଇ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଉଦଳା ଡାକ୍ତରଖାନାକୁ ନିଆଯାଉଥିବାବେଳେ ପହଞ୍ଚିବା ବେଳକୁ ମୃତ୍ୟୁ ହୋଇସାରିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ଡାକ୍ତରଙ୍କ ଧର୍ମଘଟ ଚାଲିଥିବାରୁ ବ୍ୟବଚ୍ଛେଦ ହୋଇ ନ ପାରି ମୃତଦେହ ପଡ଼ିରହିଥିବା ଜଣାପଡ଼ିଛି।

# ଦୁଇ ବାଘ ଛାଲ ଜବତ, ଆନ୍ତଃରାଜ୍ୟ ଶିକାରୀ ଗିରଫ

ନୂଆପଡ଼ା/କୋମନା,୨।୭ (ସମିସ): ବନ୍ୟଜନ୍ତୁ ସୁରକ୍ଷା ଓ ଅବୈଧ ଶିକାର ବିରୋଧୀ ଅଭିଯାନ "ଅପରେସନ ସେଫ୍ ପାସେଜ୍' ରେ ଏକ ବଡ଼ ସଫଳତା ମିଳିଛି। ଗୁଇନ୍ଦା ସୂଚନା ଆଧାରରେ ଛତିଶଗଡ଼ ବନ ବିଭାଗ ଓ ବିଭିନ୍ନ ଏଜେନ୍ସିଙ୍କ ମିଳିତ ଚଢ଼ଉରେ ଆନ୍ତଃରାଜ୍ୟ ଶିକାରୀ ଚକ୍ରକୁ ବଡ଼ ଝଟକା ଦିଆଯାଇଛି। ଛତିଶଗଡ଼ ରାଜ୍ୟ କାଙ୍କେର ଜିଲ୍ଲାର ପଶ୍ଚିମ ପାରଲକୋଟ ରେଞ୍ଜରେ ଚାଲିଥିବା ଅଭିଯାନବେଳେ ବୁଧବାର ଦୁଇ ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଦୁଇଟି ବାଘ ଛାଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାବୁ ରାଓ ମାଣ୍ଡଭି ଓ ବିଯେଶ୍ୱର ଗିଦମ। ଏମାନେ ମହାରାଷ୍ଟ୍ରର ଚନ୍ଦ୍ରପୁର ଅଞ୍ଚଳର ବାସିନ୍ଦା। ଏହି ଘଟଣାରେ ଭାନୁପ୍ରତାପପୁର ଫରେଷ୍ଟ ଡିଭିଜନ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହା ପୂର୍ବରୁ ବସ୍ତରର ଅବୁଝମାଡ଼ ଅଞ୍ଚଳରେ ୯ଟି ଭାରତୀୟ ବିଶାଳ ଗୁଣ୍ଡୁଚିମୂଷା ଶିକାର କରିଥିବା ଜଣେ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

**■ ବରିଷ୍ଠ ଓଏଏସ ଗ୍ରୁପ୍-ଏ ଅଧିକାରୀ ମାମଲା**

# ଚୂଡ଼ାନ୍ତ ଗ୍ରେଡେସନ ତାଲିକା କାର୍ଯ୍ୟକାରିତାରେ ଅନ୍ତରୀଣ ଅଙ୍କୁଶ

କଟକ,୨।୭(ସମିସ): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଗ୍ରୁପ୍-ଏ (ଜୁନିଅର ବ୍ରାଞ୍ଚ) ଅଧିକାରୀଙ୍କ ବରିଷ୍ଠତା ନିର୍ଦ୍ଧାରଣକୁ ନେଇ ଚାଲିଥିବା ବିବାଦରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପ୍ରକାଶିତ ଚୂଡ଼ାନ୍ତ ଗ୍ରେଡେସନ ତାଲିକାକୁ କାର୍ଯ୍ୟକାରୀ କରାଯିବା ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଏହାସହିତ ଏହି ମାମଲାରେ ସରକାର ଓ ଅନନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ହେମବନ୍ତୀ ପାତ୍ର, ସିଦ୍ଧାର୍ଥ ଶଙ୍କର ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ହୋଇଥିବା ରିଟ୍ ଅପିଲର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ "ନିଯୁକ୍ତି ବର୍ଷ'ର ବ୍ୟାଖ୍ୟା ଏବଂ ସେମାନେ କେବେଠାରୁ କ୍ୟାଡରଭୁକ୍ତ ହେଲେ ତାହା ବିଚାରସାପେକ୍ଷ। ସେଥିପାଇଁ ଅଦାଲତ ପ୍ରକାଶିତ ଚୂଡ଼ାନ୍ତ ଗ୍ରେଡେସନ ତାଲିକା ଉପରେ ରୋକ୍ ଲଗାଇବା ସହ ଏହି ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆଯାଇଥାଏ, ତାହା ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୧୧ମସିହା ନଭେମ୍ବର ୧୭ରେ ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ଏଥିପାଇଁ ସିଧାସଳଖ ନିଯୁକ୍ତ ଅଧିକାରୀମାନେ ୨୦୧୬ ମସିହାରେ ଚାକିରିରେ ଯୋଗ ଦେଇଥିଲେ। ଏହି ମଧ୍ୟବର୍ତ୍ତୀ ସମୟରେ, ଅର୍ଥାତ ୨୦୧୫ ମସିହାରେ, ପଦୋନ୍ନତି ଭିତ୍ତିରେ ଅନେକ ଅଧିକାରୀଙ୍କୁ ଓଏଏସ ଗ୍ରୁପ୍-ଏ ପଦରେ ଅବସ୍ଥାପିତ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରକାଶିତ ଚିଠା ଗ୍ରେଡେସନ ତାଲିକାରେ ୨୦୧୬ରେ ଯୋଗ ଦେଇଥିବା ସିଧାସଳଖ ନିଯୁକ୍ତ ଅଧିକାରୀଙ୍କୁ ୨୦୧୧ରୁ ନିଯୁକ୍ତ ଦର୍ଶାଇ ପଦୋନ୍ନତି ପାଇଥିବା ଅଧିକାରୀଙ୍କ ଉପରେ ବରିଷ୍ଠତା ତାଲିକାରେ ସ୍ଥାନ ଦିଆଯାଇଥିଲା। ହାଇକୋର୍ଟଙ୍କ ଜଣିକିଆ ବିଚାରପତି ଏହି ଗ୍ରେଡେସନ ତାଲିକାର ପୁନଃ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପଦୋନ୍ନତି ପାଇଥିବା ଅଧିକାରୀମାନେ ଯେହେତୁ ଆଗରୁ ଯୋଗ ଦେଇଥିଲେ ତେଣୁ ସେମାନଙ୍କୁ ତାଲିକାର ଉପରେ ରଖିବାକୁ କହିଥିଲେ। ଜଣିକିଆ ବିଚାରପତିଙ୍କ ଏହି ରାୟ ବିରୋଧରେ ସିଧାସଳଖ ନିଯୁକ୍ତ ଅଧିକାରୀମାନେ ଦୁଇ ଜଣିଆ ଖଣ୍ଡପୀଠଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୭ରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

**'ଶକ୍ତି ବନ୍ଦନାର ମହାଗାଥା' ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ**

# ବେଗୁନିଆରେ ନିର୍ମାଣ ହେବ 'ଲକ୍ଷ୍ମୀ ପୁରାଣ କରିଡର୍'

ଭୁବନେଶ୍ୱର,୨।୭(ସମିସ): ବଳରାମ ଦାସଙ୍କ ସମାଧିପୀଠରେ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣ କରାଯିବ। ଏଥିପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗୁରୁବାର ମିଶନ ଶକ୍ତି ଭବନସ୍ଥିତ ଅଡିଟୋରିଅମରେ ଆୟୋଜିତ 'ଶକ୍ତି

**ମହିଳାଙ୍କୁ ବଣ୍ଟାଯିବ ବଳରାମ ଦାସଙ୍କ ୧କୋଟି ମୂଳ ଲକ୍ଷ୍ମୀ ପୁରାଣ**

ବନ୍ଦନାର ମହାଗାଥା-ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ' ଶୀର୍ଷକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ମହାଲକ୍ଷ୍ମୀ ପୁରାଣର ମୂଳ ବାର୍ତ୍ତା କେବଳ ଧାର୍ମିକ ନୁହେଁ; ବରଂ ଏହା ଏକ ସାମାଜିକ ବିପ୍ଳବର ପ୍ରତୀକ। ପ୍ରକୃତ ସମୃଦ୍ଧି କେବଳ ଧନରେ ନୁହେଁ; ବରଂ ନ୍ୟାୟ, ସମାନତା, ପରିଶ୍ରମ, ସ୍ୱାଭିମାନ ଓ ସମ୍ମାନ ଉପରେ ନିର୍ଭର କରେ। ଆଗାମୀ ଦିନରେ, ବଳରାମ ଦାସଙ୍କ ରଚିତ ୧ କୋଟି ମୂଳ ଲକ୍ଷ୍ମୀପୁରାଣକୁ ଛପାଯାଇ ମହିଳାଙ୍କୁ ବଣ୍ଟାଯିବ। କେବଳ ଏହା ନୁହେଁ, ମୌଳିକ ଲକ୍ଷ୍ମୀ ପୁରାଣକୁ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲ୍ ଓ ଗୀତା ଦାସ ଗାଇବେ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ପ୍ରସ୍ତାବିତ 'ଲକ୍ଷ୍ମୀ ପୁରାଣ କରିଡର'ର ପରିକଳ୍ପିତ ଚିତ୍ର ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଲକ୍ଷ୍ମୀ ପୁରାଣ କେବଳ ମା' ଲକ୍ଷ୍ମୀଙ୍କ ବନ୍ଦନା ନୁହେଁ; ବରଂ ମହିଳାମାନଙ୍କୁ ସମ୍ମାନ ଦେବାର ଏକ ପ୍ରକ୍ରିୟା ଓ ମାର୍ଗ ଅଟେ ବୋଲି କହିଥିଲେ। ଆଲୋଚନାଚକ୍ରରେ ନୂଆଦିଲ୍ଲୀସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍‌ର ମହିଳା ଅଧ୍ୟୟନ କାର୍ଯ୍ୟକ୍ରମର ମୁଖ୍ୟ ଡ. ବିଦ୍ୟୁତ୍‌ଲତା ମହାନ୍ତି, ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଅସିତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଗୌରାଙ୍ଗ ଚରଣ ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାସ, ନମିତା ଅଗ୍ରୱାଲଙ୍କ ସମେତ ଅନନ୍ତ ଅବଧୂତ ମଠର ଶ୍ରୀ ଆଦିତ୍ୟ ଚନ୍ଦ୍ର ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟର ସୁଚେତା ପ୍ରିୟବାଦିନୀ, ଉତ୍କଳ ବିଶ୍ୱବିଦ୍ୟାଳୟର ଜୟନ୍ତୀ ଦୋରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



**ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି**

# ଖୁବ୍‌ଶୀଘ୍ର ୪ ସହରରେ ଡପ୍ଲର୍ ରାଡାର

ଭୁବନେଶ୍ୱର,୨।୭(ସମିସ): ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ପାଣ୍ଠି ଏବଂ ଆନୁସଙ୍ଗିକ ସୁବିଧାସୁଯୋଗ ପ୍ରଦାନ ଦିଗରେ ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୁନିଶ୍ଚିତ କରିଛନ୍ତି। ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବସିଥିଲା। ଏହି ବୈଠକରେବୈଠକରେ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସ୍‌ଡିଆର୍‌ଏଫ) ଅଧୀନରେ ବଜେଟ୍ ବ୍ୟୟର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାସହିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଯଥାଶୀଘ୍ର ବିଭିନ୍ନ ଜିଲ୍ଲାରେ ପ୍ରସ୍ତାବିତ ସ୍ଥାନ ଚିହ୍ନଟ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଇତି ମଧ୍ୟରେ ସମ୍ବଲପୁରରେ ଡପ୍ଲର ରାଡାର ସ୍ଥାପନ ପ୍ରାୟତଃ ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ଏହାର ଉଦଘାଟନ କରାଯିବ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀଠାରେ ମଧ୍ୟ ପ୍ରସ୍ତାବିତ ଡପ୍ଲର ରାଡାର ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଏହାକୁ ଚଳିତ ବର୍ଷ ସୁଦ୍ଧା ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ, ଏସ୍ଆରସି ରାଜେଶ ପ୍ରଭାକର ପାଟିଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

**ଜମି ଦେଲେ, ଶ୍ରମ ଦେଲେ; ଧୋକା ଦେଲା କମ୍ପାନୀ**

# ହକ୍ ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇଲେ ଶ୍ରମିକ

ଛତ୍ରପୁର, ୨।୭( ସମିସ) : ଛତ୍ରପୁର ଉପକଣ୍ଠ ସରାଫ ଏଜେନ୍ସି ପ୍ରା. ଲିଃ ଟିଟାନିୟମ କମ୍ପାନୀର କର୍ମଚାରୀ ମାନେ ନିଜ ହକ ନିମନ୍ତେ ଗୁରୁବାର ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଟିଟାନିୟମ କାରଖାନା ଶ୍ରମିକଙ୍କୁ ଗତ ନଭେମ୍ବର ୨୦୨୪ ଠାରୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦରମା ପ୍ରଦାନ କରିବା ଏବଂ କାରଖାନାକୁ ତୁରନ୍ତ ଚାଲୁ କରିବା ସମେତ ବିଭିନ୍ନ ଦାବି ନେଇ ଟିଟାନିୟମ ଏମ୍‌ପୋଇଜ ୟୁନିୟନ ପକ୍ଷରୁ ସମସ୍ତ ଶ୍ରମିକମାନେ ଛତ୍ରପୁରସ୍ଥିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଛନ୍ତି। ଜମି ଦେଲୁ, ଶ୍ରମ ଦେଲୁ, ସରାଫ୍ ଟିଟାନିୟମ୍ ନାମକ କମ୍ପାନି ଗଢ଼ିବାରେ ସମ୍ପୂର୍ଣ୍ଣ ସହଯୋଗ କଲୁ । ମାତ୍ର ଶେଷରେ କମ୍ପାନୀ ଆମକୁ ଧୋକା ଦେବା ସହିତ ଆମ ଅତ୍ୟାଚାର କରୁଛି। ପ୍ରତିଶ୍ରୁତି ଅନୁଯାୟୀ ଆମର ସମସ୍ତ ଲୋକଙ୍କୁ ଚାକରି ଦେଲା ନାହିଁ। ବିଭିନ୍ନ ବାହାନା କରି ଦରମା ସମେତ ଆବଶ୍ୟକ ଦାବି ଗୁଡିକ ପୂରଣ କଲା ନାହିଁ। ଶେଷରେ ଆମକୁ ବିଭିନ୍ନ ପ୍ରକାର ଧମକ ଦେଉଛି। ଏହାକୁ କେବେ ହେଲେ ବରଦାସ୍ତ କରାଯିବ ନାହିଁ। ଆମ ହକ ନିମନ୍ତେ ଲଢେଇ ଜାରି ଜାରି ରହିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଶ୍ରମିକ ମାନଙ୍କ ସମସ୍ତ ଦାବିଗୁଡିକ ଯଥା ପୂରଣ କରିବା ନିମନ୍ତେ କମ୍ପାନୀ ଓ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେବା କୁ ୟୁନିୟନ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ଟିଟାନିୟମ ଏମ୍‌ପୋଇଜ ୟୁନିୟନର ସଭାପତି ଆର. ଦଣ୍ଡପାଣି ରେଡ୍ଡୀ, ସମ୍ପାଦକ ଶଙ୍କର ବେହେରା, ଉପସଭାପତି ଡିଲ୍ଲୀ ପ୍ରଧାନ, କମିଟି ମେମ୍ବର ଏସ କାମରାଜୁ ରେଡ୍ଡୀ, ରବୀନ୍ଦ୍ର ସାହୁ, ଏସ. ବାଲାଜୀ ରେଡ୍ଡୀ, ହରେ କୃଷ୍ଣ ବେହେରା ଏବଂ ଆର ପୋଲେୟା ରେଡ୍ଡୀଙ୍କ ସମେତ ବହୁ ଶ୍ରମିକ ଧାରଣାରେ ସାମିଲ ହୋଇଥିଲେ।



**ଗେରୁଆ ଟୋପି ପିନ୍ଧିଲେ ବିଜେଡିରୁ ନିଲମ୍ବିତ ଶଶି-ସୁବାସିନୀ**

# ଘରେ ପଶୁପଶୁ ମୁଣ୍ଡରେ ଚାଳ, ବାଣ ମାରିଲେ ପଦ୍ମଲୋଚନ

ବାଲେଶ୍ୱର,୨।୭ (ସମିସ): ଗୋଳିଆ ହେଉଛି ବାଲେଶ୍ୱର ପଦ୍ମ ପୋଖରୀ । ବାଲେଶ୍ୱର ଜିଲ୍ଲାରେ ଦଳ ଡିଆଁ ନେତାଙ୍କ ସଂଖ୍ୟା ଯେତେ ବଢୁଛି, ପୁରୁଖା ବିଜେପି ନେତାଙ୍କୁ ସେତେ ଭୋଲ୍ଟର ଝଟକା ଲାଗୁଛି। ଏବେ ଖଇରା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଦଳ ଡିଆଁ ରାଜନୀତିକୁ ନେଇ ଗାଁ ଗଣ୍ଡାରେ ତୁମ୍ବି ତୋଫାନ ସୃଷ୍ଟି ହେବାକୁ ଯାଉଛି। ବିଜେଡିରୁ ନିଲମ୍ବିତ ବିଜେଡି ନେତା ଶଶି କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ସୁବାସିନୀ ସାହୁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପିରେ ସାମିଲ ହୋଇଛନ୍ତି। ମାତ୍ର ବିଜେପି ଶିବିରରେ ପଶୁପଶୁ ଦୁଇ ନେତାଙ୍କ ମୁଣ୍ଡରେ ବାଜିଛି ଚାଳ । ସେମାନଙ୍କ ମିଶ୍ରଣକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା। ଜମି ଓ ଖଣି କାରବାର ସୁରକ୍ଷା ପାଇଁ ଦୁହେଁ ବିଜେପିରେ ଯୋଗ ଦେଇଥିବା ଶ୍ରୀ ପଣ୍ଡା କଟାକ୍ଷ କରିଛନ୍ତି।

ବିଧାୟକ ଶ୍ରୀ ପଣ୍ଡା କହିଛନ୍ତି ଯେ ତାଙ୍କ ଅଗୋଚରରେ ଶଶିଙ୍କୁ ଦଳରେ ମିଶାଯାଇଛି । କୁପାରୀ ଅଞ୍ଚଳ ଥିବା ପଥର ଖଣି ଓ ଜମି କାରବାରକୁ ସୁରକ୍ଷା ଦେବାକୁ ଶଶି ବିଜେପି ଶିବିରକୁ ଆସିଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଜିଲ୍ଲା ସଭାପତି, ସ୍ଥାନୀୟ ନେତୃ ମଣ୍ଡଳୀ କିମ୍ବା ସ୍ଥାନୀୟ ବିଧାୟକଙ୍କୁ ଅନ୍ଧାରରେ ରଖି ଶଶିକୁ ଦଳକୁ ଆଣି ସଂଗଠନରେ ବିଶୃଙ୍ଖଳା ବଢ଼ାଯାଉଛି ବୋଲି ସେ କହିଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ସିମୁଳିଆ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ସୁବାସିନୀ ସାହୁ ପ୍ରାର୍ଥୀ ହୋଇଥିଲେ। ପଦ୍ମଲୋଚନଙ୍କ ଠାରୁ ହାରିବା

**'ଖଣି ଓ ଜମି କାରବାର ସୁରକ୍ଷା ପାଇଁ ବିଜେପିରେ ଯୋଗଦାନ'**

ପରେ ପୁଣି ସେ ବିଜେପି ଶିବିରରେ ପ୍ରବେଶ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ପଦ୍ମଲୋଚନଙ୍କୁ ନିଷ୍କ୍ରିୟ କରିବାକୁ ରାଜ୍ୟ ବିଜେପି ନେତୃତ୍ୱଙ୍କ ଏହା ଏକ ଚାଲ ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି । ଶଶି ବିଜେଡ଼ିରୁ ନିଲମ୍ବିତ ହେବା ପରେ ଜ୍ୟୋତିଙ୍କ ଉପରେ ବିଜେଡ଼ି ନେତୃତ୍ୱ ଅଧିକ ଭରସା କରି ତାଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ଦେଇଛି। ବିଜେଡ଼ି ଶିବିର ଏକ ପ୍ରକାର ଶୃଙ୍ଖଳିତ ହେବାକୁ ଯାଉଥିବା ବେଳେ ବିଜେପିରେ ଆଗକୁ ପଦ୍ମଲୋଚନ ଓ ଶଶିଙ୍କ ସମାନ୍ତରାଳ ସଂଗଠନ ଦଳକୁ କେତେଟା ଫାଇଦା ପହଂଚାଇବ ତାହା ଜଳ ଜଳ ହୋଇ ବୁଝାପଡୁଛି ।

ବିଧାୟକ ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜେପିରେ କିଏ ମିଶିଛି ମୁଁ ଜାଣିନାହିଁ। ତାଙ୍କୁ ରାଜ୍ୟ ସଭାପତି ମିଶାଇଛନ୍ତି, ମୋତେ ଜଣାଇନାହାନ୍ତି କି ଡକାଇ ନାହାନ୍ତି। ଆମ ଅଞ୍ଚଳର ଲୋକ କେହି ଯାଇନଥିଲେ। ସେ ଖଣି ଖାଦାନରୁ ମୂଳିଆଙ୍କୁ ନେଇ ଦଳରେ ମିଶିଛି । ଶଶି ପାଖରେ ଖଣି ଅଛି ମଣି ଅଛି। ଭୁବନେଶ୍ୱରରେ ତାଙ୍କର ୨୦୦-୪୦୦ ଏକର ଜମି ଅଛି। ସେ ଜଣେ ସାଇବେରିଆନ ପକ୍ଷୀ। ତାଙ୍କ ଘର ସୋର ଅଞ୍ଚଳରେ, ଖଇରା କି ସିମୁଳିଆରେ ତାଙ୍କ ଘର ନାହିଁ। ସେ ବିଜେପିରେ ଥିଲା, ଧୋକା ଖାଇ ବିଜେଡି ଗଲେ, ଏବେ ପୁଣି ବିଜେଡିରେ ଧୋକା ଖାଇ ବିଜେପି ଆସିଛନ୍ତି। ସେ ଆସିବା ଦ୍ୱାରା ମୁଁ ଆଦୌ ଚିନ୍ତିତ ନୁହଁ ବୋଲି ସିଧାସଳଖ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ । କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ । ବୈବାହିକ ଜୀବନ ସୁଖମୟ ହେବ । ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ଦୀର୍ଘ ଦିନର ଆଶା ପୂରଣ ହେବ । ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ । ବ୍ୟବସାୟରେ ଲାଭ ମିଳିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି । ଆଶା ପୂରଣ ହେବ ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । କାର୍ଯ୍ୟରେ ସଫଳତା ମିଳିବ । ଦିନଟି ବ୍ୟସ୍ତତା ଭିତରେ କଟିପାରେ । ସାମାଜିକ କାର୍ଯ୍ୟରେ ସହଯୋଗ କରିବେ । ପରିବାର ସହିତ ହସ ଖୁସିର ସମୟ ବିତାଇବେ ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଧନ ଲାଭର ଯୋଗ ଅଛି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**ଧନୁ:** ଜୀବନସାଥୀଙ୍କଠାରୁ ଉପହାର ମିଳିବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ । କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ । ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି ।

**କୁମ୍ଭ:** ଖୁସି ଖବର ମିଳିପାରେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ବ୍ୟବସାୟରୁ ଲାଭ ମିଳିବ । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ । ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ । ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ ।

## ଆଜିର ଐତିହ୍ୟ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ ।
- ୧୭୭୮ - ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା ।
- ୧୯୦୮ - ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ ।
- ୧୯୨୮ - ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା ।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର ।

# 'ଆଲ୍‌ଫା' ଆଲିଆ ନେଇଛନ୍ତି ୨୫ କୋଟି



ଯଶରାଜ୍ ଫିଲ୍ମସ୍‌ର ସ୍ପାଇ ୟୁନିଭର୍ସର ସପ୍ତମ ଫିଲ୍ମ 'ଆଲ୍‌ଫା' ଖୁବ୍ ଶୀଘ୍ର ସିନେମା ହଲ୍‌ରେ ମୁକ୍ତିଲାଭ କରିବ । ଫିଲ୍ମରେ ଆଲିଆ ଭଟ୍ଟ ଏବଂ ଶର୍ବରୀ ୱାଘ୍ ଲିଡ୍ ରୋଲରେ ଦେଖାଯିବେ । ଯଶ ରାଜ ଫିଲ୍ମସ୍‌ର ସ୍ପାଏ ୟୁନିଭର୍ସ ପ୍ରଥମ ଥର ପାଇଁ ଏକ ମହିଳା ଲିଡ୍ ଫିଲ୍ମ ନିର୍ମାଣ କରୁଛି । ଏଥିରେ ଆଲିଆ ଓ ଶର୍ବରୀଙ୍କ ବ୍ୟତୀତ ଅନୀଲ କପୁର, ବବି ଦେଓ୍ୱଲ ପ୍ରମୁଖ ଲିଡ୍ ରୋଲରେ ନଜର ଆସିବେ । ଶିବ ରାୱୈଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଏବେ ଏହି ଫିଲ୍ମର କଳାକାରମାନଙ୍କର ପାରିଶ୍ରମିକକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି । ଏଥିରେ ଆଲିଆ 'ସୁପର୍ ଏଜେଣ୍ଟ' ସୀତା ଭୂମିକାରେ ଅଭିନୟ କରୁଛନ୍ତି । ଏହି ଭୂମିକା ପାଇଁ ସେ ୨୫ କୋଟି ନେଇଛନ୍ତି । ସେହିପରି ଆଲିଆଙ୍କ ସହ ସୁପର୍ ଏଜେଣ୍ଟ ଭୂମିକାରେ ଅଭିନୟ କରୁଥିବା ଶର୍ବରୀ ୩ କୋଟି ନେଇଛନ୍ତି । ବବି ଦେଓ୍ୱଲ ଏଥିରେ ଖଳନାୟକ ଭାବେ ଦେଖାଯିବେ । ସେ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୬ କୋଟି ନେଇଛନ୍ତି । ଅନୀଲ କପୁର ମଧ୍ୟ ୬ କୋଟି ନେଇଛନ୍ତି । ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ । ହେଲେ ସେ ଏହି ଭୂମିକା ପାଇଁ କେତେଟଙ୍କା ନେଇଛନ୍ତି ତାହା ଜଣାପଡ଼ିନାହିଁ । ଏହି ଚଳଚ୍ଚିତ୍ରଟି ପ୍ରଥମ ଦିନରେ ଅତି କମ୍‌ରେ ୪.୫୦ରୁ ୭.୫୦ କୋଟି ଟଙ୍କା ରୋଜଗାର କରିବ ବୋଲି ଆଶା କରାଯାଉଛି ।

# ଚିଡ଼ିଆଖାନାର ଚାଲାକି
# ଜେବ୍ରା ନୁହେଁ ଗଧ

ଚୀନ୍‌ରୁ ବେଳେବେଳେ ଏମିତି ଖବର ସବୁ ଆସିଥାଏ ଯାହାକୁ ଶୁଣି ସାରା ଦୁନିଆ ଆଶ୍ଚର୍ଯ୍ୟ ପ୍ରକାଶ କରିଥାଏ । ଏଥର ଏଠାକାର ଏକ ଚିଡ଼ିଆଖାନା ଚାଲାକିର ସବୁ ସୀମା ପାର୍ କରି ଚର୍ଚ୍ଚାକୁ ଆସିଛି । ଚିଡ଼ିଆଖାନା ପକ୍ଷରୁ ଏକ ଗଧ ଶରୀରରେ କଳା ରଙ୍ଗ ପେଣ୍ଟ କରାଯାଇ ତାକୁ ଜେବ୍ରାର ରୂପ ଦେଇ ପିଞ୍ଜରାରେ ରଖାଯାଇଥିଲା । ଅବଶ୍ୟ ଚିଡ଼ିଆଖାନା ପ୍ରଶାସନର ଏହି ଚାଲାକିକୁ ସେଠାକୁ ଆସିଥିବା ପର୍ଯ୍ୟଟକମାନେ ଧରି ଦେଇଥିଲେ । ଲୋକେ ତୁରନ୍ତ ଏହି ନକଲି ଜେବ୍ରାର ରହସ୍ୟ ପଦାରେ ପକାଇଦେଲେ । ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି । ଇଣ୍ଟରନେଟ୍‌ରେ ଏହାକୁ 'ଅଲ୍ଟ୍ରା ପ୍ରୋ ମ୍ୟାକ୍ସ' ଜୁଗାଡ଼ କହି ପରିହାସ କରାଯାଉଛି । ଘଟଣାଟି ଚୀନ୍‌ର ୱେଇଫାଙ୍ଗ୍ ସହରର ଆନକିୟୁ ୱାଇଲ୍ଡଲାଇଫ୍ ପାର୍କର ଅଟେ । ଭାଇରାଲ୍ ଭିଡିଓରେ ସ୍ପଷ୍ଟ ଦେଖାଯାଉଛି ଯେ, ଏକ ଗଧର ଶରୀରରେ କଳା ରଙ୍ଗର ଗାର ସବୁ ପେଣ୍ଟ କରାଯାଇଛି, ଯେମିତି କି ସେ ଦୂରରୁ ଜେବ୍ରା ଭଳି ଦେଖାଯିବ । ତେବେ, ଧରାପଡ଼ିବା ପରେ ଚିଡ଼ିଆଖାନା କର୍ତ୍ତୃପକ୍ଷ ଯେଉଁ ସଫେଇ ଦେଇଛନ୍ତି, ତାହା ଲୋକଙ୍କୁ ଆହୁରି ଆଶ୍ଚର୍ଯ୍ୟ କରିଛି । ଯେତେବେଳେ ଇଣ୍ଟରନେଟ୍‌ରେ ଚିଡ଼ିଆଖାନାର ବଦନାମ ହେବାକୁ ଲାଗିଲା, ସେତେବେଳେ ସେଠାକାର ଜଣେ କର୍ମଚାରୀ ସୋସିଆଲ ମିଡିଆରେ ସଫେଇ ଦେଇ ଲେଖିଲେ ଯେ, "ଆମେ ତ କେବଳ ପଶୁମାନଙ୍କର ବେଶ ବଦଳାଇବା କାମ କରୁଥିଲୁ । ଆମେ କେବେ ବି ଦାବି କରିନୁ ଯେ, ଏହା ପ୍ରକୃତ ଜେବ୍ରା । ଆମେ ପିଞ୍ଜରା ବାହାରେ ଏମିତି କୌଣସି ବୋର୍ଡ ମଧ୍ୟ ଲଗାଇ ନ ଥିଲୁ । ଏହା କେବଳ ଏକ ମଜାକ୍ ଥିଲା, ଯେମିତି ଏଠାକୁ ଆସୁଥିବା ଲୋକେ ଟିକେ ହସିପାରିବେ ଏବଂ ସେମାନଙ୍କର ମନୋରଞ୍ଜନ ହୋଇପାରିବ ।" ଏଠାରେ ପ୍ରକାଶ ଥାଉ କି, ଚୀନ୍‌ର ଚିଡ଼ିଆଖାନାରେ ପଶୁମାନଙ୍କର ଏଭଳି ଅଦଳବଦଳ ପ୍ରଥମ ଘଟଣା ନୁହେଁ । ଗତ ବର୍ଷ ମଧ୍ୟ ଶାନଡୋଙ୍ଗ୍‌ର ଜିବୋ ସିଟି ଆମ୍ୟୁଜମେଣ୍ଟ ପାର୍କ ଏକ ଗଧକୁ ଜେବ୍ରା ବନାଇ ଲୋକଙ୍କ ସାମ୍ନାକୁ ଆଣିଥିଲା, ଯାହାକୁ ବେଶ୍ ସମାଲୋଚନା କରାଯାଇଥିଲା । ଏହା ବ୍ୟତୀତ, ଗତ ବର୍ଷ ତାଇଝୋଉ ଚିଡ଼ିଆଖାନା ଦୁଇଟି ସୁନ୍ଦର ଧଳା ରଙ୍ଗର 'ଚାଉ-ଚାଉ' ପ୍ରଜାତିର କୁକୁରକୁ କଳା ଏବଂ କମଳା ରଙ୍ଗରେ ରଙ୍ଗେଇ 'ବାଘ'ର ରୂପ ଦେଇ ଚର୍ଚ୍ଚାକୁ ଆସିଥିଲା । ସେହି ସମୟରେ ଲୋକେ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଉପରେ ପଶୁମାନଙ୍କ ପ୍ରତି କ୍ରୂରତା ହେଉଥିବା ଅଭିଯୋଗ ଆଣିଥିଲେ । ତେବେ ଭାଇରାଲ ଭିଡିଓକୁ ଦେଖି ସୋସିଆଲ ମିଡିଆରେ ଲୋକେ ଚୀନ୍‌ର ଶସ୍ତା ପ୍ରଯୁକ୍ତିବିଦ୍ୟାର ଖୁବ୍ ମଜା ନେଉଛନ୍ତି । ଚୀନ୍ ନକଲି ଜିନିଷ ପାଇଁ ପ୍ରସିଦ୍ଧ ବୋଲି ଏଘଟଣା ପୁଣି ଥରେ ପ୍ରମାଣିତ କରିଛି ବୋଲି ଅନେକେ ମତ ଦେଇଛନ୍ତି ।



# ପଥର ଦ୍ୱାରା ନ୍ୟାୟ ପ୍ରଦାନ

ଲୋକେ ନିଜର ଅଧିକାର ଓ ନ୍ୟାୟ ପାଇଁ ମୁଖ୍ୟତଃ କୋର୍ଟର ଦ୍ୱାରସ୍ଥ ହୋଇଥାନ୍ତି । ହେଲେ ତେଲଙ୍ଗାନାର ଗ୍ରାମାଞ୍ଚଳରେ ନ୍ୟାୟ ପାଇଁ ଏକ ସ୍ୱତନ୍ତ୍ର ପରମ୍ପରା ଅନୁଷ୍ଠିତ ହୋଇଥାଏ । ଏଠାରେ ଏକ ସ୍ୱତନ୍ତ୍ର ପଥର ମାଧ୍ୟମରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଏ । ସ୍ଥାନୀୟ ଭାଷାରେ ଏହାକୁ ବୋଡ୍ଡୁ ରାୟ କୁହାଯାଏ । ତେଲୁଗୁରେ ବୋଡ୍ଡୁର ଅର୍ଥ ନାଭି ଏବଂ ରାୟୀର ଅର୍ଥ ପଥରକୁ ବୁଝାଏ । ଯେପରି ମାଆ ଶରୀର ସହ ଶିଶୁର ନାଭି ଯୋଡ଼ି ହୋଇଥାଏ, ସେହିପରି ଏହି ପଥର ଗ୍ରାମର ଜନ୍ମ ଓ କେନ୍ଦ୍ରବିନ୍ଦୁକୁ ସୂଚିତ କରେ । ପ୍ରାଚୀନ କାଳରେ ଦକ୍ଷିଣ ଭାରତ (ବିଶେଷ କରି ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ)ରେ ଯେତେବେଳେ ଏକ ନୂଆ ଗ୍ରାମ ବସତି ସ୍ଥାପନ କରାଯାଉଥିଲା, ସେତେବେଳେ ସର୍ବପ୍ରଥମେ ଏହି ପଥରଟିକୁ ସ୍ଥାପନା କରାଯାଉଥିଲା । ଏହା ଗ୍ରାମର ପ୍ରତିଷ୍ଠାକୁ ସୂଚିତ କରେ ଏବଂ ଏହାକୁ ମଝି ଭାଗରେ ପୋତାଯାଏ । ଗ୍ରାମବାସୀମାନେ ବୋଡ୍ଡୁ ରାୟକୁ ଦେବୀ ଶକ୍ତିଙ୍କର ଏକ ସ୍ୱରୂପ ଭାବେ ପୂଜା କରନ୍ତି । ବିଶ୍ୱାସ ରହିଛି ଯେ, ଏହି ପଥର ଗ୍ରାମକୁ ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଖରାପ ଶକ୍ତିରୁ ରକ୍ଷା କରି ଗ୍ରାମରେ ସୁଖ-ସମୃଦ୍ଧି ଆଣିଥାଏ । ଗ୍ରାମକୁ ନୂଆ ବୋହୂଟିଏ ଆସିଲେ କିମ୍ବା ଝିଅ ବିବାହ କରି ଶାଶୁଘରକୁ ଯିବା ସମୟରେ ଏହି ପଥର ପାଖରେ ପୂଜା କରି ଗ୍ରାମରେ ପ୍ରବେଶ କରିଥାନ୍ତି । ଅନେକ ଗ୍ରାମରେ ଆଜି ବି କୌଣସି ବଡ଼ ବିବାଦର ସମାଧାନ ପାଇଁ ଗ୍ରାମର ମୁଖିଆମାନେ ଏହି ପଥର ପାଖରେ ବସି ନିଷ୍ପତ୍ତି ନିଅନ୍ତି । ବିଶ୍ୱାସ ରହିଛି ଯେ, ଏହି ପବିତ୍ର ପଥର ସମ୍ମୁଖରେ କେହି ମିଛ କୁହନ୍ତି ନାହିଁ । ଆଶ୍ଚର୍ଯ୍ୟର କଥା ଏହା ଯେ, ଆଜି ମଧ୍ୟ କୌଣସି ବଡ଼ ସାମାଜିକ ବିବାଦ କିମ୍ବା ଆପୋଷ ଲଢ଼େଇର ସମାଧାନ ପାଇଁ ଗାଁର ବୟୋଜ୍ୟେଷ୍ଠମାନେ ଏହି ପଥର ପାଖରେ ସଭା କରନ୍ତି । ଗ୍ରାମବାସୀଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ଏହି ପବିତ୍ର ସ୍ଥାନରେ ଠିଆ ହୋଇ କୌଣସି ବି ବ୍ୟକ୍ତି ମିଛ କହିବାକୁ ସାହସ କରିପାରିବେ ନାହିଁ, ଯାହାଫଳରେ ଏଠାରେ ନିଆଯାଉଥିବା ନିଷ୍ପତ୍ତି ସମସ୍ତଙ୍କ ପାଇଁ ଗ୍ରହଣୀୟ ହୋଇଥାଏ । ଆଧୁନିକ ଅଦାଲତ ଏବଂ ଥାନା ଚକ୍କର କାଟିବା ବଦଳରେ ଗ୍ରାମବାସୀ ଆଜି ମଧ୍ୟ ନିଜର ପାରମ୍ପରିକ ନ୍ୟାୟ ବ୍ୟବସ୍ଥା ଉପରେ ଭରସା କରନ୍ତି । ଏହି ପଥର ଶତାବ୍ଦୀ ଶତାବ୍ଦୀ ଧରି କୌଣସି ଭେଦଭାବ ବିନା ଗାଁରେ ଶାନ୍ତି ଏବଂ ସଦ୍‌ଭାବନା ବଜାୟ ରଖିବାର ମାଧ୍ୟମ ହୋଇ ରହିଛି । ବାହାଘର ହେଉ କିମ୍ବା ପିଲା ଜନ୍ମ, ଲୋକମାନେ ଏଠାରେ ମୁଣ୍ଡିଆ ମାରିବାକୁ ଭୁଲନ୍ତି ନାହିଁ । ଦୀର୍ଘ ବର୍ଷ ପରେ କିମ୍ବା ଦଶ ବର୍ଷରେ ଥରେ ଯେତେବେଳେ ନୂଆ ବୋଡ୍ଡୁ ରାୟର ସ୍ଥାପନା କରାଯାଏ, ସେତେବେଳେ ଏହାକୁ 'ବୋଡ୍ରଇ ପ୍ରତିଷ୍ଠା' କୁହାଯାଏ । ସହର କିମ୍ବା ବିଦେଶରେ ବସବାସ କରୁଥିବା ଲୋକମାନେ ମଧ୍ୟ ଏହି ସମୟରେ ନିଜ ଗାଁକୁ ଫେରିଆସନ୍ତି । ଏହି ଉତ୍ସବ ଗ୍ରାମବାସୀଙ୍କୁ ଆପୋଷ ଭେଦଭାବ ଭୁଲି ଏକଜୁଟ ହେବାର ବାର୍ତ୍ତା ଦିଏ । ଏହି ପରମ୍ପରାରୁ ବୁଝାପଡ଼େ, ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ତେଲଙ୍ଗାନାର ଯୁବପିଢ଼ି ନିଜର ସଂସ୍କୃତି ଏବଂ ବିଶ୍ୱାସକୁ ବଜାୟ ରଖିଛନ୍ତି ।



# ଟିକାକରଣ

ପୋଲିଓକୁ ପରାସ୍ତ କରି ଭାରତ ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଐତିହାସିକ ସଫଳତା ହାସଲ କରିଛି । ଅଧୁନାତମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (୨୦୨୩-୨୪) ଅନୁସାରେ ଦେଶରେ ୧୨ରୁ ୨୩ ମାସର ପିଲାଙ୍କ କ୍ଷେତ୍ରରେ ପୂର୍ଣ୍ଣାଙ୍ଗ ଟିକାକରଣ ହାର ୮୭% ରହିଛି । ଏହି ସଫଳତା ଅଗଣିତ ବାଲ୍ୟାବସ୍ଥା ଅସୁସ୍ଥତା ଏବଂ ମୃତ୍ୟୁକୁ ରୋକିପାରିଛି । ତେବେ ପୋଲିଓକୁ ହରାଇବା ଏକ ବଡ଼ ସଫଳତା ହୋଇଥିଲେ ମଧ୍ୟ ସହର ବସ୍ତି, ପ୍ରବାସୀ ପରିବାର ଓ ଦୁର୍ଗମ ଅଞ୍ଚଳରେ କିଛି ଶିଶୁ ଏପର୍ଯ୍ୟନ୍ତ ଟିକାକରଣରୁ ବଞ୍ଚିତ ରହୁଛନ୍ତି । ତେଣୁ ପୋଲିଓମୁକ୍ତ ରହିବାର ସଫଳତାକୁ ଦୀର୍ଘସ୍ଥାୟୀ କରିବା ପାଇଁ ସମାନ ଭାବେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ଇଣ୍ଟରନ୍ୟାସନାଲ ପେଡିଏଟ୍ରିକ ଆସୋସିଏସନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡା. ନବୀନ ଥାକର କହିଛନ୍ତି ।

ସମ୍ପ୍ରତି କିଛି ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଉତ୍ତର ପ୍ରଦେଶ ଗାଜିଆବାଦରେ ଦୁଣ୍ଡାହେରା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ନର୍ଦ୍ଦମାଜଳ( ସିୱେଜ) ନମୁନାରେ ଟିକାରୁ ପ୍ରାପ୍ତ ପୋଲିଓ ଭୂତାଣୁ ଠାବ କରିଥିଲେ । ପାଟିରେ ଦିଆଯାଉଥିବା ପୋଲିଓ ଟିକାରେ ଏକ ଦୁର୍ବଳ କରାଯାଇଥିବା ଜୀବନ୍ତ ଭୂତାଣୁ ଥାଏ । ଟିକାକରଣ କଭ୍‌ରେଜ ଅତ୍ୟନ୍ତ ନିମ୍ନକୁ ଖସିଲେ ଦୁର୍ବଳ କରାଯାଇଥିବା ଭୂତାଣୁ ଟିକାକରଣ ହୋଇନଥିବା ପିଲାଙ୍କ ମଧ୍ୟରେ ବ୍ୟାପିପାରେ । ଏହା ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ । ପୂର୍ଣ୍ଣାଙ୍ଗ ଟିକାକରଣ ହୋଇନଥିବା ପିଲାଙ୍କ କ୍ଷେତ୍ରରେ ଏହି ଭୂତାଣୁ ବ୍ୟାପିବା ଘଟଣା ହୁଏତ ଠାବ କରାଯାଇ ନପାରେ । ପୋଲିଓ କ୍ଷେତ୍ରରେ ଛୋଟ ରୋଗ ପ୍ରତିରୋଧ ଶୂନ୍ୟସ୍ଥାନ ମଧ୍ୟ ଗୁରୁତ୍ୱ ରଖୁଛି ।

ଅନେକ ସମୟରେ ସହରର ବସ୍ତି ଅଞ୍ଚଳ ଓ ଦୁର୍ଗମ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କର୍ମୀମାନେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଥାଏ । ଭୁଲ୍ ସୂଚନା ଅଥବା ସ୍ଥାନୀୟ କୌଣସି ପ୍ରସଙ୍ଗକୁ ନେଇ ଟିକାକରଣ ନିମନ୍ତେ କୁଣ୍ଠାବୋଧ ଏହି ଶୂନ୍ୟସ୍ଥାନକୁ ପୁନଃ ବୃଦ୍ଧି କରିପାରେ । ତେଣୁ ସିୱେଜରୁ ପୋଲିଓ ଭୂତାଣୁ ଠାବ ଯେତିକି ପୁନଃଭରସା ପ୍ରଦାନକାରୀ ସେତିକି ସତର୍କ ସୂଚନାକାରୀ । ଏହା ଦର୍ଶାଉଛି ଯେ ପ୍ରଭାବିତ ଅଞ୍ଚଳରେ ବ୍ୟାପକ ଟିକାକରଣ ଏବଂ କିଛି ପିଲା କାହିଁକି ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଟିକାକରଣ ହେଉନାହାନ୍ତି ତାହା ଆକଳନ କରିବା ଆବଶ୍ୟକ । ଏନେଇ ଡା. ଥାକର କହିଛନ୍ତି, "ପୋଲିଓ ଟିକାକରଣ ଭିତ୍ତିଭୂମି ମାତୃତ୍ୱ ଏବଂ ନବଜାତ ଟିଟାନସ୍ ନିରାକରଣରେ ସହାୟକ ହୋଇଛି । ମିଳିମିଳା ଜନିତ ମୃତ୍ୟୁରେ ତୀବ୍ର ହ୍ରାସ ଘଟାଇଛି ।"

ସେହିପରି ଯେଉଁଠାରେ ଟିକାକରଣ ହ୍ରାସପାଇଛି ସେଠାରେ ମିଳିମିଳା ସଂକ୍ରମଣ ପୁନଃ ଦେଖାଦେଇଛି, ଅନ୍ୟପକ୍ଷରେ ମେନିଞ୍ଜାଇଟିସ, ୟେଲୋ ଫିଭର୍ ଏବଂ ଡିପଥେରିଆ ଆଦି ନିୟମିତ ଟିକାକରଣ କାରଣରୁ ସେଗୁଡ଼ିକର ସଂକ୍ରମଣରେ ରୋକ୍ ଲାଗିଛି । ସତର୍କ ନ ରହିଲେ ଟିକା ପ୍ରତିଷେଧଯୋଗ୍ୟ ରୋଗଗୁଡ଼ିକ ପୁଣି ଶୀଘ୍ର ପ୍ରତ୍ୟାବର୍ତ୍ତନ କରିଥାଏ । ସେଥିପାଇଁ ପୋଲିଓମୁକ୍ତ ସ୍ଥିତି ବଜାୟ ରଖିବା ପାଇଁ ନିରନ୍ତର ଟିକାକରଣ, ସତର୍କ ନିରୀକ୍ଷଣ ଓ ପ୍ରତ୍ୟେକ ଶିଶୁଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଯିବା ଅପରିହାର୍ଯ୍ୟ । କାରଣ ରୋଗକୁ ହରାଇବା ଯେତିକି କଷ୍ଟକର, ରୋଗମୁକ୍ତ ରହିବା ମଧ୍ୟ ସେତିକି କଠିନ ।




## 'ସକାଳ'ର ସ୍ୱାସ୍ଥ୍ୟ
# ଡିଜିଟାଲ୍ ଆଇ ଷ୍ଟ୍ରେନ୍



ଆଜିକାଲି ମୋବାଇଲ୍, ଲାପଟପ୍ ଦୈନନ୍ଦିନ ଜୀବନର ଏକ ଅଙ୍ଗ ପାଲଟି ଗଲାଣି । ଘଣ୍ଟା ଘଣ୍ଟା ସ୍କ୍ରିନ୍ ବ୍ୟବହାର ଯୋଗୁଁ ଏବେ ନାନା ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି । ତନ୍ମଧ୍ୟରୁ 'ଡିଜିଟାଲ ଆଇ ଷ୍ଟ୍ରେନ୍' ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଏହା ଦୀର୍ଘ ସମୟ ଧରି ସ୍କ୍ରିନ୍ ଦେଖିବା ଦ୍ୱାରା ଦୃଷ୍ଟିଶକ୍ତି ଉପରେ ଚାପ ସୃଷ୍ଟିକରି ମସ୍ତିଷ୍କ ଉପରେ ପ୍ରଭାବ ପକାଏ । ମୁଣ୍ଡବିନ୍ଧା ସୃଷ୍ଟି କରେ । ଡିଜିଟାଲ୍ ଆଇଷ୍ଟ୍ରେନ୍‌ରେ ପୀଡ଼ିତଙ୍କ ଚକ୍ଷୁ ଶୁଷ୍କ ଲାଗିବା, କୁଣ୍ଡାଇ ହେବା, ଝାପ୍‌ସା ଦେଖାଯିବା, ଆଖି ଜଳାପୋଡ଼ା ଓ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ । ଏହି ସମସ୍ୟା ଦୂର କରିବାକୁ ଲଗାତାର ସ୍କ୍ରିନ୍ ବ୍ୟବହାର କରିବା ପରିବର୍ତ୍ତେ ପ୍ରତି ୨୦ ମିନିଟ୍‌ରେ ବ୍ରେକ୍ ନେଇ ୨୦ ଫୁଟ ଦୂରରୁ କୌଣସି ବସ୍ତୁକୁ ୨୦ ସେକେଣ୍ଡ ଚାହିଁବା ଆବଶ୍ୟକ । କମ୍ପ୍ୟୁଟର ଗ୍ଲାସ୍ ବ୍ୟବହାର କରି ପାରିବେ । ନୀଳ ଆଲୋକ ଫିଲ୍‌ଟର ଚଷମା, ଅଧିକ ସମୟ ପାଇଁ ସ୍କ୍ରିନ୍ ଦେଖିବା ଦ୍ୱାରା ହେଉଥିବା ଅସୁବିଧାକୁ କମ୍ କରିବାରେ ସାହାଯ୍ୟ କରେ । ନିୟମିତ ଆଖିର ବ୍ୟାୟାମ କରିବା ସହ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ ।

# ମଧୁମେହ ରୋଗୀଙ୍କ ପାଇଁ ଫଳ କେତେ ଉପଯୋଗୀ

**ବିଶୃଙ୍ଖଳିତ ଜୀବନଶୈଳୀ, ମେଦବହୁଳତା, ଚିନ୍ତା, ବଂଶାନୁଗତ ରୋଗ, ଅନିଦ୍ରା ଆଦି କାରଣରୁ ମଧୁମେହ ହୋଇଥାଏ । ମଧୁମେହରେ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିଥାଏ । ଏଥିପାଇଁ ମଧୁମେହ ପୀଡ଼ିତ ନିଜ ଡାଏଟ୍‌ରେ ନିମ୍ନ ଲିଖିତ ଫଳକୁ ସାମିଲ କରି ପାରିବେ ।**

- ମଧୁମେହରେ ଫଳ ଖାଇବା ଅନୁଚିତ ବୋଲି ଅନେକଙ୍କର ଧାରଣା ଥାଏ । ହେଲେ ଫଳର ଗ୍ଲାଇସେମିକ୍ ଇଣ୍ଡେକ୍ସ, ଗ୍ଲାଇସେମିକ୍ ଲୋଡ, ଫାଇବରର ମାତ୍ରା, ଫ୍ରୁକଟୋଜ୍‌ସ୍ତର ଏବଂ ସେବନର ମାତ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ତେଣୁ ଆମ୍ବ, ଅଙ୍ଗୁର, ଲିଚୁ, ସପେଟା, ସୀତାଫଳ, ପଣସ ଆଦିରେ ଶର୍କରା ପରିମାଣ ଅଧିକ ଥିବାରୁ ଏହାକୁ କେବେ କେବେ ଅଳ୍ପ ପରିମାଣରେ ଖାଇପାରିବେ । ନ ଖାଇବା ମଧ୍ୟ ଭଲ ।
- ପିଜୁଳି, ଜାମୁକୋଳି, ସେଓ, ନାସପାତି, କମଳା, ଅମୃତଭଣ୍ଡା ଫାଇବରରେ ଭରପୂର । ଏହା ଶରୀରରେ ଗ୍ଲୁକୋଜକୁ ଧୀରେ ଧୀରେ କ୍ଷରଣ କରିଥାଏ । ଏହି ଫଳକୁ ଅଳ୍ପ ପରିମାଣରେ ଖାଇ ପାରିବେ । ସେହିପରି ବାହାରେ ପ୍ରସ୍ତୁତ ଜୁସ୍‌କୁ ମଧୁମେହ ପୀଡ଼ିତ ପିଇବା ଅନୁଚିତ । ଫଳ ରସକୁ ଛାଣି ପିଇବା ବଦଳରେ ଏହାର ଖଦଡ଼ା ଅଂଶକୁ ପିଇବା ଆବଶ୍ୟକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜଣେ ବ୍ୟକ୍ତିର ଶାରୀରିକ ସ୍ଥିତି, ରୋଗର ତୀବ୍ରତା ଅନୁସାରେ ଫଳ ସେବନ କରିବା ଉଚିତ । ମଧୁମେହ ରୋଗ ସହ ଅନ୍ୟାନ୍ୟ ରୋଗ ଯଥା କିଡ୍‌ନୀ ରୋଗ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଫଳ ସେବନ କରିବା ଆବଶ୍ୟକ ।




## ଘର ବଇଦ
# ଚର୍ମ ରୋଗର ଉପଚାର

- ଅଗରା ଗଛ ଚେରର ଚୋପା ଅଧତୋଳାଠାରୁ ଏକ ତୋଳା ପାଣିରେ ବାଟି ମିଶ୍ରି ସହିତ ଖାଇଲେ ସବୁପ୍ରକାର ଚର୍ମରୋଗ, ରକ୍ତଦୋଷ ଏପରିକି ସିଫିଲିସ୍ ରୋଗ ମଧ୍ୟ ଦୂର ହୁଏ । ଏହି ଔଷଧ ଖାଇବା ପୂର୍ବରୁ ଝାଡ଼ା ସଫା କରାଇ ଔଷଧ ଖାଇବେ । ଯେଉଁଦିନ ଝାଡ଼ା ସଫା ହେବ, ତା ପରଦିନ ଔଷଧ ଖାଇବେ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଔଷଧ ଖାଇବେ ।
- ଅଗରା ଚେର ଚୋପାକୁ ବାଟି ଦୁଇ ଅଣି ଓଜନ ବଟିକା କରି ଶୁଖାଇ ରଖିବେ । ଏହି ବଟିକାରୁ ଦିନକୁ ୪ଟି ବଟିକା ଖାଇବେ । ପ୍ରତି ୪ଘଣ୍ଟାରେ ଗୋଟିଏ ବଟିକା ହିସାବରେ ୧୫ ଦିନ ଖାଇଲେ ଚର୍ମରୋଗ ଦୂର ହୁଏ ।
- ଅଗସ୍ତି ଫୁଲର ଚୂର୍ଣ୍ଣ ମଇଁଷି କ୍ଷୀରରେ ମିଶାଇ ଦହି କରି ଲହୁଣୀ ବାହାର କରି ମର୍ଦ୍ଦନ କଲେ ବାତରକ୍ତ ରୋଗୀର ଚମ ଫାଟିବା ଭଲ ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ରେଡିଏସନ୍ ଥେରାପିର ପାର୍ଶ୍ୱପ୍ରତିକ୍ରିୟା



କର୍କଟ ଆରୋଗ୍ୟ ପାଇଁ କେମୋଥେରାପି, ରେଡିଏସନ୍ ଥେରାପି ଆଦି ଦିଆଯାଏ । ରେଡିଏସନ୍ ଥେରାପି ଦ୍ୱାରା ଶରୀରରେ ଭିନ୍ନ ଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ ।

- ମୁଣ୍ଡ, ବେକ, ସ୍ତନ, ଗର୍ଭାଶୟ ଗ୍ରୀବା, ପ୍ରୋଷ୍ଟେଟ୍ କର୍କଟର ଉପଶମ ପାଇଁ ରେଡିଓଥେରାପି ଦିଆଯାଏ । ଏ କ୍ଷେତ୍ରରେ ବିକିରଣ ଦିଆଯାଇଥିଲେ, ଚର୍ମରେ କିଛି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ । ତେଣୁ ଖରାରେ ବାହାରିବା ଅନୁଚିତ । ଚର୍ମରେ କସ୍‌ମେଟିକ୍, କ୍ରିମ୍, ଲୋଶନ ବ୍ୟବହାର ଅନୁଚିତ । ଅତି ଗରମ ପାଣି ଓ ଅତି ଥଣ୍ଡା ପାଣି ବ୍ୟବହାର କରିବା ମଧ୍ୟ ଅନୁଚିତ ।
- ବେକ ଓ ମୁହଁରେ ରେଡିଏସନ୍ ଦିଆଗଲେ, ଦ୍ୱିତୀୟ ସପ୍ତାହ ରେଡିଏସନ୍ ପରେ ପାଟି ଏବଂ ତଣ୍ଟିରେ ଘା' ହୁଏ । ଖାଇବା ପିଇବାରେ କଷ୍ଟ, ପାଟି ଶୁଖିବା ଆଦି ପ୍ରତିକ୍ରିୟା ଦେଖାଯାଏ । ଏଥିପାଇଁ ପର୍ଯ୍ୟାପ୍ତ ମାତ୍ରାର କ୍ୟାଲୋରୀ ଏବଂ ପ୍ରୋଟିନ୍ ଖାଇ ପାରିବେ ।
- ରେଡିଏସନ୍ ପୂର୍ବରୁ ଦୁର୍ବଳ ଦାନ୍ତକୁ ଉପାଡ଼ି ଦେବା, ତିନି ମାସ ପର୍ଯ୍ୟନ୍ତ ଦାନ୍ତରେ ଫ୍ଲୋରାଇଡ୍ ଜେଲ୍ ଲଗାଇବା, ଦିନକୁ ଚାରିପାଞ୍ଚ ଥର କୁଳି କରିବା ଆବଶ୍ୟକ । ରେଡିଏସନ୍ ଦିଆଯିବାର ଦୁଇବର୍ଷ ପର୍ଯ୍ୟନ୍ତ ଦାନ୍ତ ଉପାଡ଼ିବା ଅନୁଚିତ । ସ୍ତନ କର୍କଟ ରୋଗୀଙ୍କୁ ରେଡିଏସନ୍ ଦେବା ପରେ ଫିଜିଓଥେରାପି ଶୀଘ୍ର ଆରମ୍ଭ କରିବା ଆବଶ୍ୟକ ।
- ପେଟରେ ରେଡିଏସନ୍ ଦେବା ବେଳେ ଭୋକ ନ ଲାଗିବା, ଦୁର୍ବଳ ଲାଗିବା, ଓଜନ କମିବା, ପେଟ ଦରଜ ଆଦି ପ୍ରତିକ୍ରିୟା ଦେଖାଯାଏ । ଏହି ସମୟରେ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ । ମସଲା ଜାତୀୟ ଖାଦ୍ୟ ଓ ମଦ୍ୟପାନରୁ ଦୂରେଇ ରହି ଦିନକୁ ସଠିକ ମାତ୍ରାର ପାଣି ପିଇ ପାରିବେ ।






# ପରାଜୟରୁ ବର୍ତ୍ତି ପ୍ରି-କ୍ୱାର୍ଟରରେ ବେଲ୍‌ଜିୟମ୍

ସିଆଟଲ,୨୧୭ (ଏଜେନ୍ସି):

ସେନେଗାଲର ଉତ୍ସାହୀ ଆକ୍ରମଣରୁ ବର୍ତ୍ତିଯାଇ ବେଲଜିୟମ ଏଠାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ରାତିରେ ଖେଳାଯାଇଥିବା ରାଉଣ୍ଡ-୩୨ ମ୍ୟାଚ୍‌ରେ ୨-୦ ଗୋଲରେ ପଛୁଆଥାଇ ମଧ୍ୟ ଅତିରିକ୍ତ ସମୟ ଗୋଲରେ ବେଲଜିୟମ ୩-୨ ଗୋଲରେ ସେନେଗାଲକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଦୁଇ ବଦଳ ଖେଳାଳି ୟୁରୀ ଟିଏଲମାନ୍ସ ୨ଟି ଓ ରୋମେଲୁ ଲୁକାକୁ ଗୋଟିଏ ଗୋଲଦେଇ ଦଳକୁ ଅପ୍ରତ୍ୟାଶିତ ବିଜୟ ପ୍ରଦାନ କରିଥିଲେ। ଭାରତୀୟ ସମୟ ଅନୁଯାୟୀ ବୁଧବାର ସକାଳେ ଏଠାରେ ଖେଳାଯିବାକୁ ଥିବା ପ୍ରି-କ୍ୱାର୍ଟର ଫାଇନାଲରେ ବେଲଜିୟମ ସହ ଯୁଗ୍ମ ଆୟୋଜକ ଯୁକ୍ତରାଷ୍ଟ୍ର ଆମେରିକାର ମୁକାବିଲା ହେବ। ଅନ୍ୟ ଏକ ରାଉଣ୍ଡ-୩୨ ମୁକାବିଲାରେ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିବା ଆମେରିକା ୨-୦ ଗୋଲରେ ବୋସ୍‌ନିଆ ହର୍ଜଗୋଭିନାକୁ ପରାସ୍ତ କରିଛି। ଆମେରିକା ପକ୍ଷରୁ ଫ୍ଲୋରିଆନ୍ ବାଲୋଗୁନ୍ ଓ ମଲିକ ଟିଲମାନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।



ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆରମ୍ଭରୁ ଦମ୍‌ର ସହ ଖେଳିଥିବା ସେନେଗାଲ ଡବଲ ଗୋଲ ଦେଇ ବେଲଜିୟମକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲା। ଫଳରେ ସମଗ୍ର ମ୍ୟାଚ୍‌ଟି ଦଳର ନିୟନ୍ତ୍ରଣରେ ରହିଥିଲା। ଖେଳର ୨୫ତମ ମିନିଟ୍‌ରେ ହବିବ ଦିଆରା ଓ ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭରୁ ୬ଷ୍ଠ ମିନିଟ୍‌ରେ ଚଳିତ ବିଶ୍ୱକପ୍‌ର ଅନ୍ୟତମ ଶ୍ରେଷ୍ଠ ଗୋଲ ଦେଇ ଇସ୍‌ମାଇଲା ସର୍ ସେନେଗାଲ୍‌କୁ ୨-୦ରେ ଅଗ୍ରଣୀ ଦେଇଥିଲେ। ବେଲଜିୟମର ଭେଟେରାନ ଗୋଲରକ୍ଷକ ଥିବାଉଟ୍ କୋର୍ଟୋଇସ୍ ଗୋଲ ସେଭ୍ କରିବାରେ ଅସଫଳ ହୋଇଥିଲେ। କିନ୍ତୁ ସେ ସେନେଗାଲର ଏକାଧିକ ଆକ୍ରମଣକୁ ପ୍ରତିହତ କରି ଦଳକୁ ଅଧିକ ଗୋଲ ବରଣ କରିବାକୁ ଦେଇ ନ ଥିଲେ।

ଖେଳ ହାତଛଡ଼ା ହେଉଥିବା ଦେଖି ବେଲଜିୟମ୍ ହେଡ୍ କୋଚ୍ ଭେଟେରାନ ଖେଳାଳି ରୋମେଲୁ ଲୁକାକୁଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲେ। ପରାଜୟ ଆଶଙ୍କାରେ ନିରାଶ ହୋଇପଡ଼ିଥିବା ବେଲଜିୟମ ଟିମ୍ ହଠାତ୍ ଲୁକାକୁଙ୍କ ଉପସ୍ଥିତିରେ ବଳଶାଳୀ ହୋଇପଡ଼ିଥିଲା। ଆକ୍ରମଣ ଓ ପ୍ରତ୍ୟାକ୍ରମଣ ମଧ୍ୟରେ ଖେଳର ୮୬ତମ ମିନିଟ୍‌ରେ ଲୁକାକୁ ଗୋଲ ସ୍କୋର କରି ବେଲଜିୟମ୍ ଖେଳାଳିଙ୍କ ମନରେ ମ୍ୟାଚ୍‌କୁ ଫେରିବାର ଆଶା ସଞ୍ଚାର କରିଥିଲେ। ଏହି ସମୟରେ ସେନେଗାଲ ଡିଫେନ୍‌ସର ତ୍ରୁଟିରୁ ଫାଇଦା ଉଠାଇ ମାତ୍ର ୩ ମିନିଟ୍ ମଧ୍ୟରେ ୟୁରି ଟିଏଲେମାନ୍ସ ଚମତ୍କାର ଗୋଲ ଦେଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଫଳରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ଉଭୟ ଦଳ କ୍ଳାନ୍ତ ହୋଇପଡ଼ିଥିବା ପ୍ରମୁଖ ଖେଳାଳିଙ୍କୁ ବାଦ୍ ଦେଇ ଖେଳିଥିଲା। ଖେଳ ସମାନସ୍ତରରେ ଶେଷ ହେବାକୁ ଯାଉଥିଲାବେଳେ ଗୋଟିଏ ଭୁଲ ଚାଲ ସେନେଗାଲ୍‌କୁ ପରାଜୟର ରାସ୍ତା ଦେଖାଇଥିଲା। ଖେଳର ୧୧୭ତମ ମିନିଟ୍‌ରେ ବେଲଜିୟମର ଟିଏଲେମାନ୍ସଙ୍କୁ ସେନେଗାଲ ପେନାଲ୍ଟି ବକ୍ସ ମଧ୍ୟରେ ଲାମିନେ କାମାରା ଫାଉଲ ମାରିଥିବା ଭିଏଆର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ବେଲଜିୟମକୁ ପେନାଲ୍ଟି ମିଳିଥିଲା ଓ ମିଡଫିଲ୍ଡର ଟିଏଲେମାନ୍ସ ଅତ୍ୟନ୍ତ ଥଣ୍ଡା ମିଜାଜରେ ଏହି ଗୋଲ ସ୍କୋର କରି ସେନେଗାଲର ଆଶାକୁ ଧୂଳିସାତ କରିଦେଇଥିଲେ। ନକ୍‌ଆଉଟ ମୁକାବିଲାରେ ୨ଟି ଗୋଲ ପଛରେ ଥାଇ ମ୍ୟାଚ୍ ଜିତିବାରେ ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ଘଟଣା। ପ୍ରଥମଥର ବେଲଜିୟମ ମଧ୍ୟ ଏହା କରିଥିଲା। ୨୦୧୮ ବିଶ୍ୱକପ୍‌ରେ ଜାପାନ ୨-୦ରେ ଆଗୁଆ ଥିଲେ ମଧ୍ୟ ୩-୨ ଗୋଲରେ ବେଲଜିୟମ ବିଜୟୀ ହୋଇଥିଲା।

## ଗୋଟିଏ ମ୍ୟାଚ୍‌ରେ ଗୋଲ୍ ଓ ରେଡ୍ କାର୍ଡ

ସାନ୍‌ଫ୍ରାନ୍‌ସିସ୍କୋ, ୨୧୭ (ଏଜେନ୍ସି): ଏଠାରେ ଆଜି ସକାଳେ ଖେଳାଯାଇଥିବା ବୋସନିଆ ହର୍ଜଗୋଭିନା ବିପକ୍ଷ ମ୍ୟାଚ୍‌ରେ ଆମେରିକାର ଫରୱାର୍ଡ ଖେଳାଳି ଫୋଲାରିନ୍ ବାଲୋଗୁନ୍ ଗୋଟିଏ ଗୋଲ ସ୍କୋର କରିବା ପରେ ରେଡ୍‌କାର୍ଡ ପାଇଛନ୍ତି।

**ବାଲୋଗୁନ୍ ଦ୍ୱିତୀୟ ଖେଳାଳି**

ଫିଫା ବିଶ୍ୱକପ୍ ଇତିହାସରେ ଏପରି ଘଟଣା ଦ୍ୱିତୀୟଥର ଦେଖିବାକୁ ମିଳିଛି। ପୂର୍ବରୁ ୨୦୦୬ ଫିଫା ବିଶ୍ୱକପ୍‌ର ଇଟାଲୀ ବିପକ୍ଷ ଫାଇନାଲ ମୁକାବିଲାରେ ଫ୍ରାନ୍ସର ଜିନେଡାଇନ୍ ଜିଡାନ୍ ପ୍ରଥମ ଖେଳାଳି ଭାବେ ଗୋଲ ଦେବା ପରେ ରେଡ୍‌କାର୍ଡ ପାଇଥିଲେ। ଜିଡାନ ପ୍ରତିପକ୍ଷ ଇଟାଲୀର ଡିଫେଣ୍ଡର ମାର୍କୋ ମାଟେରାଜିଙ୍କ ପେଟରେ ମୁଣ୍ଡିଆ ମାରି ରେଡ୍‌କାର୍ଡ ପାଇଥିଲେ। କିନ୍ତୁ ବୋସ୍‌ନିଆ ବିପକ୍ଷ ମ୍ୟାଚ୍‌ରେ ବାଲୋଗୁନ୍ ଫାଉଲ ମାରିଛନ୍ତି କି ନାହିଁ ଜାଣିବା ଲାଗି ଭିଏଆରର ସହାୟତା ନିଆଯାଇଥିଲା। ଏହା ପରେ ଯାଇ ତାଙ୍କୁ ରେଡ୍‌କାର୍ଡ ମିଳିଥିଲା। ରେଡ୍‌କାର୍ଡ ପାଇଥିଲେ ମଧ୍ୟ ତାଙ୍କ ଦଳ ଆମେରିକା ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। କିନ୍ତୁ ୨୦୦୬ ଫାଇନାଲରେ ଇଟାଲୀ ନିକଟରୁ ଫ୍ରାନ୍ସ ୫-୩ ପେନାଲ୍ଟି ସୁଟ୍‌ଆଉଟରେ ହାରିଥିଲା।

## କେନ୍‌ଙ୍କ ଆଉ ଏକ ରେକର୍ଡ

ଆଟଲାଣ୍ଟା, ୨୧୭ (ଏଜେନ୍ସି): ହ୍ୟାରୀ କେନ୍‌ଙ୍କ ଡବଲ ଗୋଲ ବଳରେ ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ରାଉଣ୍ଡ-୩୨ର ଏକ ମୁକାବିଲାରେ ଇଂଲଣ୍ଡ ୨-୧ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ ମେକ୍ସିକୋ ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଇଂଲଣ୍ଡ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇଥିବା ହ୍ୟାରୀ କେନ୍ ଉଭୟ ବିଶ୍ୱକପ୍ ଓ ୟୁରୋକପ୍‌ରେ ୨୦ଟି ଗୋଲ ଦେଇ ଏହି ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ତାଙ୍କଠାରୁ ଅଧିକ ୨୪ଟି ଗୋଲ କେବଳ ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସ୍କୋର କରିଛନ୍ତି। ଏହି ଡବଲ ଗୋଲକୁ ମିଶାଇଲେ କେନ୍ ଫିଫା ବିଶ୍ୱକପ୍‌ରେ ୧୩ଟି ଓ ୟୁରୋକପ୍‌ରେ ୭ଟି ଗୋଲ ଦେଇଛନ୍ତି। ଉଭୟ ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍‌ରେ କେନ୍‌ଙ୍କ ଗୋଲସଂଖ୍ୟା ୧୦ରେ ପହଞ୍ଚିଛି। ରୋନାଲ୍ଡୋ ବିଶ୍ୱକପ୍‌ରେ ୧୦ଟି ଓ ୟୁରୋକପ୍‌ରେ ୧୪ଟି ଗୋଲ ସ୍କୋର କରିଛନ୍ତି। ବିଶ୍ୱକପ୍‌ରେ ୧୩ଟି ଗୋଲ ଦେଇ କେନ୍ ବ୍ରାଜିଲର ସୁପରଷ୍ଟାର ପେଲେଙ୍କୁ ଅତିକ୍ରମ କରିଛନ୍ତି।

# ଆମେରିକା ବିଜୟୀ



ସାନ୍‌ଫ୍ରାନସିସ୍କୋ, ୨୧୭ (ଏଜେନ୍ସି): ଖେଳର ଶେଷ ୨୬ ମିନିଟ୍ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିବା ଯୁକ୍ତରାଷ୍ଟ୍ର ଆମେରିକା ୨-୦ ଗୋଲରେ ବୋସ୍‌ନିଆ ହର୍ଜଗୋଭିନାଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହାର ଅର୍ଥ ଆମେରିକା ଫିଫା ବିଶ୍ୱକପ୍‌ରେ ଦ୍ୱିତୀୟଥର ନକ୍‌ଆଉଟ୍ ରାଉଣ୍ଡରେ ବିଜୟୀ ହୋଇଛି। ସାନ୍‌ଫ୍ରାନ୍‌ସିସ୍କୋ ବେ ଏରିଆ ଷ୍ଟାଡିୟମ୍‌ରେ ଗୁରୁବାର ସକାଳେ ଖେଳାଯାଇଥିବା ଏହି ମୁକାବିଲାରେ ଆମେରିକା ପକ୍ଷରୁ ଫୋଲାରିନ୍ ବାଲୋଗୁନ୍ ଓ ମଲିକ୍ ଟିଲିମାନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୬୪ତମ ମିନିଟ୍‌ରେ ବିବାଦୀୟ ଫାଉଲ ଯୋଗୁଁ ବାଲୋଗୁନ୍‌ଙ୍କୁ ରେଡ୍ କାର୍ଡ ମିଳିଥିଲା। ୧-୦ ଗୋଲରେ ଆଗୁଆ ରହି ଏବଂ ୧୦ଜଣ ଖେଳାଳିଙ୍କୁ ନେଇ ଖେଳୁଥିବା ଆମେରିକା ପକ୍ଷରୁ ୮୨ତମ ମିନିଟ୍‌ରେ ମଲିକ୍ ଟିଲ୍‌ମାନ ଫ୍ରି-କିକ୍‌ରୁ ଏକ ଚମତ୍କାର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। କିନ୍ତୁ ବାଲୋଗୁନ୍‌ଙ୍କ ରେଡ୍‌କାର୍ଡ ମିଳିବା ଫଳରେ ଦଳ ବେଲଜିୟମ ସହ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ତାଙ୍କୁ ବାଦ୍ ଦେଇ ଖେଳିବ। ବାଲୋଗୁନ୍ ଏହି ଟୁର୍ଣ୍ଣାମେଣ୍ଟରେ ୩ଟି ଗୋଲ ଦେଇସାରିଲେଣି। ବେଲଜିୟମ ସେ ଖେଳିପାରିବେ ନାହିଁ। ଏହି ମ୍ୟାଚ୍‌ରେ ଆମେରିକା ବିଜୟୀ ହେଲେ ପରବର୍ତ୍ତୀ ମ୍ୟାଚ୍ ବା କ୍ୱାର୍ଟର ଫାଇନାଲରେ ବାଲୋଗୁନ୍‌ଙ୍କୁ ଖେଳିବାର ସୁଯୋଗ ମିଳିବ।

୨୦୦୨ରେ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲ୍‌କୁ ପରାସ୍ତ କରିବା ପରେ ଏଯାଏ ୟୁରୋପୀୟ ଦେଶ ବିପକ୍ଷରେ ୧୩ଟି ବିଶ୍ୱକପ୍ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆମେରିକା ବିଜୟୀ ହୋଇ ପାରି ନ ଥିଲା। କିନ୍ତୁ ଘରୋଇ ମାଟିରେ ଖେଳି ଆମେରିକା ଏହି ଧାରାକୁ ଭାଙ୍ଗିଥିଲା। ଏହା ସହ ଆମେରିକା ମାତ୍ର ଦ୍ୱିତୀୟଥର ସକାଶେ ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଥିଲା। ୨୦୦୨ରେ ପର୍ତ୍ତୁଗାଲ୍‌କୁ ହରାଇ ପ୍ରଥମଥର ଜିତିଥିଲାବେଳେ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯାଇଥିବା ୧୯୩୦ ବିଶ୍ୱକପ୍‌ରେ ଆମେରିକା ସେମିଫାଇନାଲରେ ପ୍ରବେଶ କରିଥିଲା।

ଅନ୍ୟପକ୍ଷରେ ବୋସନିଆ ଓ ହର୍ଜଗୋଭିନା ପରାଜିତ ହୋଇଥିଲେ ମଧ୍ୟ ସମ୍ମାନର ସହ ବିଦାୟ ନେଇଛି। ଦଳ ଦ୍ୱିତୀୟ ବିଶ୍ୱକପ୍ ପଦାର୍ପଣରେ ପ୍ରଥମଥର ନକ୍‌ଆଉଟରେ ପ୍ରବେଶ କରିଥିଲା। ଏହି ଦଳ ଗୋଟିଏ ପରାଜୟ ପରେ କାନାଡା ସହ ମ୍ୟାଚ୍ ଡ୍ର' କରିବା ଏବଂ କତାରକୁ ଗ୍ରୁପ୍‌ରେ ପରାସ୍ତ କରିଥିଲା।

**ଫିଫା ବିଶ୍ୱକପ୍ 26**

**ରାଉଣ୍ଡ ଅଫ୍ ୩୨ ମୁକାବିଲା**

**ଶୁକ୍ରବାର ରାତି**
- ଅଷ୍ଟ୍ରେଲିଆ-ଇଜିପ୍ଟ — ଡଲାସ, ରାତି ୧୧.୩୦
- ଆର୍ଜେଣ୍ଟିନା-କେପ୍ ଭର୍ଡ — ମିଆମି, ରାତି ୩.୩୦


**ଶନିବାର ସକାଳ**
- କଲମ୍ବିଆ-ଘାନା — କାନ୍‌ସାସ୍ ସିଟି, ସକାଳ ୭ଟା

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

■ ଶାହରୁଖ ଖାନ୍‌ଙ୍କ ସ୍ୱପ୍ନ ପୂରଣ

## ଆମେରିକାରେ ନାଇଟ ରାଇଡର୍ସ ଷ୍ଟାଡିୟମ

ନୂଆଦିଲ୍ଲୀ, ୨୧୭ (ଏଜେନ୍ସି): ଶାହାରୁଖ ଖାନ ଆମେରିକାରେ ତାଙ୍କ ଦଳ ପାଇଁ ଏକ ପାଇଁ ଷ୍ଟାଡିୟମ୍ ଏବେ ସମ୍ପୂର୍ଣ୍ଣ ହୋଇଛି। ଲସ୍ ଆଞ୍ଜେଲସ୍‌ର ପୋମୋନାରେ ଏହି କ୍ରିକେଟ୍ ଷ୍ଟାଡିୟମ ଅବସ୍ଥିତ। ଯାହା ମାତ୍ର ୧୦୦ ଦିନରେ ସମ୍ପୂର୍ଣ୍ଣ ହୋଇଛି। ସ୍ୱତନ୍ତ୍ର ପୂଜା ବିଧି ସହ ଏହି ଷ୍ଟାଡିୟମକୁ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ଆମେରିକୀୟ କ୍ରିକେଟ୍ ପାଇଁ ଏକ ପ୍ରମୁଖ ଏବଂ ସକାରାତ୍ମକ ପଦକ୍ଷେପ ଭାବରେ ବିବେଚନା କରାଯାଉଛି।



କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବା ଲାଗି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ପୂରଣ ହୋଇଛି। ଆମେରିକାର ମେଜର ଲିଗ କ୍ରିକେଟ୍ (ଏମସିଏଲ୍)ରେ ଖେଳୁଥିବା ଶାହରୁଖଙ୍କ ଦଳ ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସ ଏହି ଷ୍ଟାଡିୟମରେ ୨୦୨୮ ଅଲିମ୍ପିକ୍ ମ୍ୟାଚ୍ ମଧ୍ୟ ଖେଳାଯିବ ବୋଲି ଜଣାପଡ଼ିଛି। 'ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାରେ ସହାୟତା କରିଥିବାରୁ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଶାହରୁଖ ଧନ୍ୟବାଦ ଜଣାଇଛନ୍ତି।

**ଏୟାର ଇଣ୍ଡିଆର ବଡ଼ ନିଷ୍ପତ୍ତି**

## କ୍ରୀଡ଼ା ଉପକରଣ ଉପରୁ ହଟାଇଲା ଫି'

ନୂଆଦିଲ୍ଲୀ, ୨୧୭ (ଏଜେନ୍ସି): ଏୟାର ଇଣ୍ଡିଆ ବିମାନ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। କିଛି ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନରେ କ୍ରୀଡା ଉପକରଣ ପାଇଁ ହ୍ୟାଣ୍ଡଲିଂ ଚାର୍ଜ ଛାଡ଼ କରିବାକୁ ଏୟାର ଇଣ୍ଡିଆ ଘୋଷଣା କରିଛି। ଏହି ଛାଡ଼ ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍ ଉଭୟରେ ଯୋଗ୍ୟ ଭଡ଼ା ବର୍ଗରେ ପରିବହନ କରାଯାଉଥିବା କ୍ରୀଡା ଉପକରଣ ପାଇଁ ପ୍ରଯୁଜ୍ୟ। ଯେଉଁଥିରେ ଖେଳାଳି ଓ କ୍ରୀଡା ପ୍ରେମୀମାନେ ୨,୦୦୦ ରୁ ୭,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ପ୍ରଦାନ କରିବେ। ଏୟାର ଇଣ୍ଡିଆର ଏହି ପଦକ୍ଷେପ ସ୍ୱତନ୍ତ୍ର କ୍ରୀଡା ଉପକରଣ ସହିତ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ବିମାନ ଯାତ୍ରାକୁ ଅଧିକ ସୁବିଧାଜନକ ଏବଂ ସୁଲଭ କରିବା ପାଇଁ ଉଦ୍ଦିଷ୍ଟ। ଇକୋନୋମି ଫ୍ଲେକ୍ସ, ପ୍ରିମିୟମ୍ ଇକୋନୋମି ଫ୍ଲେକ୍ସ ଏବଂ ସମସ୍ତ ବ୍ୟବସାୟିକ ଶ୍ରେଣୀ ଭଡ଼ାରେ ଏହି ସୁବିଧା ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଅଧିକାଂଶ ଭାରତୀୟ ବିମାନ କମ୍ପାନୀ ବର୍ତ୍ତମାନ କ୍ରୀଡ଼ା ଉପକରଣ ପାଇଁ ପୃଥକ ହ୍ୟାଣ୍ଡଲିଂ ଚାର୍ଜ ଆଦାୟ କରୁଛନ୍ତି। ଏଭଳି ସମୟରେ ଏୟାର ଇଣ୍ଡିଆର ଏହି ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଛନ୍ତି।



୧୦ ବର୍ଷରୁ କମ୍ ଚେସ୍ ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିବା ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କୁ ରାଜ୍ୟ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆ ସମ୍ବର୍ଦ୍ଧିତ କରୁଛନ୍ତି

## ବିଡବ୍ଲ୍ୟୁଏଫଙ୍କର ନୂତନ ୩ ଗୁଣା ୧୫ ସ୍କୋରିଂ ପଦ୍ଧତିକୁ ଗ୍ରହଣ କଲା ଭାରତ

ନୂଆଦିଲ୍ଲୀ, ୨୧୭ (ଏଜେନ୍ସି): ଭାରତୀୟ ବ୍ୟାଡମିଣ୍ଟନ ସଂଘ (ବାଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଚଳିତ ଜୁଲାଇରୁ ବାଇ ଏହାର ସମସ୍ତ ଘରୋଇ ପ୍ରତିଯୋଗିତାରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଫେଡେରେସନ (ବିଡବ୍ଲ୍ୟୁଏଫ୍)ର ନୂତନ ୩ ଗୁଣା ୧୫ ସ୍କୋରିଂ ସିଷ୍ଟମକୁ ପ୍ରଚଳନ କରିଛି। ଫଳରେ ଜୁଲାଇ ୭ରୁ ଏର୍ଣ୍ଣାକୁଲମରେ ଆରମ୍ଭ ହେବାକୁ ଥିବା ସର୍ବଭାରତୀୟ ସିନିଅର ର୍‍ୟାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରୁ ଏହା ଲାଗୁ ହେବ। ଏହି ନୂତନ ସ୍କୋରିଂ ପଦ୍ଧତି ସମସ୍ତ ଘରୋଇ ପ୍ରତିଯୋଗିତା, ଜୋନାଲ ଚାମ୍ପିଅନସିପ୍, ର୍‍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ବୟସବର୍ଗ, ସିନିଅର ଓ ମାଷ୍ଟର୍ସ (ଭେଟେରାନ) ବର୍ଗରେ ଲାଗୁ ହେବ। ସଂଶୋଧିତ ଫର୍ମାଟ ଅନୁଯାୟୀ, ମ୍ୟାଚ୍‌ଗୁଡ଼ିକୁ ରାଲି-ପଏଣ୍ଟ ସ୍କୋରିଂ ଅନୁଯାୟୀ ବେଷ୍ଟ-ଅଫ୍-୩ ଗେମ ଭାବରେ ଖେଳାଯିବ। କିନ୍ତୁ ପ୍ରତ୍ୟେକ ଖେଳ ଏବେ ୨୧ ବଦଳରେ ୧୫ ପଏଣ୍ଟରେ ଖେଳାଯିବ।

ବାଇ ପକ୍ଷରୁ କୁହାଯାଇଛି ଯେ ଜାନୁଆରୀ ୨୦୨୭ରୁ ବିଡବ୍ଲ୍ୟୁଏଫ୍ ବିଶ୍ୱ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛି। ଏହା ପୂର୍ବରୁ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି, ପ୍ରଶିକ୍ଷକ ଏବଂ ବୈଷୟିକ ଅଧିକାରୀମାନଙ୍କୁ ଏହି ନୂତନ ପଦ୍ଧତି ସହିତ ଖାପ ଖୁଆଇବାରେ ଏହା ସାହାଯ୍ୟ କରିବ।

## କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

ଭୁବନେଶ୍ୱର, ୨୧୭ (ସମିସ):




ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ

**ଓସ୍‌ଜା ପକ୍ଷରୁ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ**

ଯୁବସେବା ସଚିବ ଭୂପେନ୍ଦ୍ର ସିଂ ପୁନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ମାନବିକ ଉତ୍କର୍ଷତା ପାଇଁ କ୍ରୀଡ଼ା ଯେତିକି ଜରୁରୀ କ୍ରୀଡ଼ା ଓ କ୍ରୀଡ଼ାବିତ୍ ବିକାଶରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ। ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। 'ଓଡ଼ିଶାରେ ଫୁଟ୍‌ବଲ୍‌ର ସ୍ଥିତି' ସଂପର୍କିତ ଆଲୋଚନାରେ ସାମିଲ ହୋଇ ସମ୍ମାନିତ ଅତିଥି ବିଶିଷ୍ଟ ଫୁଟ୍‌ବଲ୍ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା 'କ୍ରୀଡ଼ା ସାମ୍ବାଦିକତାକୁ ଛାଡ଼ି କ୍ରୀଡ଼ାର ଅସ୍ତିତ୍ୱ ବିବେଚନା କରାଯାଇ ନପାରେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଭାରତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଫୁଟ୍‌ବଲ୍ ତାରକା ପ୍ୟାରୀ ଖାଖା ରାଜ୍ୟରେ ମହିଳା ଫୁଟ୍‌ବଲ୍‌ର ବିକାଶ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଓସ୍‌ଜାର ବାର୍ଷିକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ରାଜ୍ୟ ସୂଚନା କମିଶନର ତଥା ଓସ୍‌ଜାର ପ୍ରତିଷ୍ଠାତା ସମ୍ପାଦକ ସୁଶାନ୍ତ ମହାନ୍ତିଙ୍କୁ କ୍ରୀଡ଼ା ସାମ୍ବାଦିକତା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ ଓ ସମ୍ପାଦକ ତପନ କୁମାର ସ୍ୱାଇଁ ମଞ୍ଚ ମଣ୍ଡନ କରିଥିଲେ। କୋଷାଧ୍ୟକ୍ଷ ସୁରେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ସନାତନ ପାଣି ଓ କେ. ରବି ପ୍ରମୁଖ ଉପସ୍ଥିତ ଥିଲେ। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦ, ପାରା କ୍ରୀଡ଼ାବିତ୍ ରାଖାଲ ସେଠୀ, ସୁଚିତ୍ରା ପରିଡ଼ା, ଏଭରେଷ୍ଟ ଆରୋହୀ ଗଣେଶ ଜେନା, ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ା, ପାରା ଫେନସର ପୂଜାସ୍ୱିନୀ ନାୟକ ଓ କ୍ରିକେଟ୍ ପ୍ରଶିକ୍ଷକ କ୍ଷୀରୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଦ୍ୱିତୀୟ ରାଉଣ୍ଡରୁ ଫ୍ରେଞ୍ଚ ଓପନ୍ ଚାମ୍ପିଅନ ଆନ୍ଦ୍ରିଭା ବିଦା

ଲଣ୍ଡନ, ୨୧୭ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ମହିଳା ସିଙ୍ଗଲ୍ସରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତ ମାସରେ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିବା ରୁଷୀୟ ଟେନିସ ତାରକା ମିରା ଆନ୍ଦ୍ରିଭା ଏଠାରେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିଅନ ଚେକ ଗଣରାଜ୍ୟର ବାରବୋରା କ୍ରେଜିକୋଭା ୪-୬, ୭-୫, ୬-୪ ସେଟରେ ୫ମ ସିଡ୍ ଆନ୍ଦ୍ରିଭାଙ୍କୁ ହରାଇଛନ୍ତି। ୧୯ ବର୍ଷୀୟା ଆନ୍ଦ୍ରିଭା ପ୍ରଥମ ସେଟକୁ ଜିତିଥିଲେ। ତେବେ କ୍ରେଜିକୋଭା ଦମଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟରେ ବିଜୟୀ ହେବା ସହ ମ୍ୟାଚକୁ ହାତେଇ ନେଇଥିଲେ। ଗୁରୁବାର ମହିଳା ବିଭାଗରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ତୃତୀୟ ସିଡ୍ ଇଗା ସ୍ୱିଆଟେକ, ୧୫ତମ ସିଡ୍ ମାରିଏ ବୌଜକୋଭା, ୨୬ତମ ସିଡ୍ ମାଡିସନ କିଜ୍ ପ୍ରମୁଖ ବିଜୟୀ ହୋଇ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

**ୱିମ୍ବଲଡନରେ ବଡ଼ ବିପର୍ଯ୍ୟୟ**



### ଜୋକୋଭିଚ୍, ସିନ୍ନରଙ୍କ ସହଜ ବିଜୟ

ଅପରପକ୍ଷରେ ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୮ମ ସିଡ୍ ଡାନିଲ ମେଡଭେଡେଭ, ୭ମ ସିଡ୍ ନୋଭାକ ଜୋକୋଭିଚ୍ ଷଷ୍ଠ ସିଡ୍ ଟେଲର ଫ୍ରିଜ ପ୍ରମୁଖ ଷ୍ଟାର୍ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ସହଜ ବିଜୟ ଲାଭ କରିଛନ୍ତି। ଜୋକୋଭିଚ୍ ୬-୩, ୬-୪, ୬-୨ ସିଧାସଳଖ ସେଟରେ ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସଙ୍କୁ, ସିନର ୭-୬ (୭/୪), ୭-୬ (୭/୨), ୬-୪ ସେଟରେ ପର୍ତ୍ତୁଗାଲର ନୁନୋ ବର୍ଗେସଙ୍କୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS